* Vol.- 46, Issue No. 102
* Sunday, 12 July 2026
* ରବିବାର, ୧୨ ଜୁଲାଇ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଭିଏତନାମରେ ଅଘଟଣ: ସ୍ପିଡ ବୋଟ୍ ବୁଡିଗଲା

# ୧୫ ଭାରତୀୟ ମୃତ

### ମୃତକଙ୍କ ମଧ୍ୟରେ ତାମିଲନାଡୁରୁ ୧୦, ଆନ୍ଧ୍ରର ୩

### ଗଭୀର ସମବେଦନା ପ୍ରକାଶ କଲେ ପ୍ରଧାନମନ୍ତ୍ରୀ



ହାନୋଇ, ୧୧ ।୭: ଭିଏତନାମର ସର୍ବବୃହତ୍ ଦ୍ୱୀପ ଫୁ କ୍ୱାକରେ ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍ପିଡବୋଟ୍ ବୁଡ଼ିଯିବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଛି । ଭିଏତନାମର ସର୍ବବୃହତ୍ ଦ୍ୱୀପ ଫୁ କ୍ୱାକର ହୋନ୍ ମେ ରୁଟ୍ ଏନଗୋଆଇ ନିକଟରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଓ ୪ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ସ୍ପିଡ୍ ବୋଟଟି ଶନିବାର ବୁଡ଼ି ଯାଇଥିଲା । ଫୁ କ୍ୱାକ୍ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରର କର୍ତ୍ତୃପକ୍ଷଙ୍କ ପ୍ରାରମ୍ଭିକ ସୂଚନା ଅନୁସାରେ, ଅପରାହ୍ଣରେ, ଓସେନ୍ ପିଅର୍ ଆଇଲ୍ୟାଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ସ୍ପିଡ୍ ବୋଟ୍ ପର୍ଯ୍ୟଟକମାନଙ୍କୁ ଫୁ କ୍ୱାକ୍ ବିମାନବନ୍ଦରରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଆନ୍ ଥୋଇ ବନ୍ଦରକୁ ନେଇଯାଉଥିଲା । ଏହା ହନ୍ ମେ ରୁଟ୍ ଏନ୍‌ଗୋଆଇଠାରୁ ପ୍ରାୟ ୪୦୦ ମିଟର ଦୂରରେ ଓଲଟି ପଡ଼ିଥିଲା ଫଳରେ ବୋଟ୍‌ରେ ଥିବା ସମସ୍ତ ଯାତ୍ରୀ ସମୁଦ୍ରରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକମାନେ ଉଦ୍ଧାର କରିବାକୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ବୋଟ୍ ତଳେ ପର୍ଯ୍ୟଟକ ଚାପି ହୋଇ ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଅଳ୍ପ କେତେକ ଲୋକଙ୍କୁ ସଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ।ହାନୋଇରେ ଥିବା ଭାରତୀୟ ଦୂତାବାସ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, କିଛି ଘଣ୍ଟା ପୂର୍ବରୁ ଭିଏତନାମର ଫୁ କ୍ୱିକ୍ ଦ୍ୱୀପ ନିକଟରେ ଏକ ଦୁଃଖଦ ଘଟଣାରେ ଅନେକ ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବୋଟ୍ ବୁଡ଼ି ଯାଇଥିଲା । ସ୍ଥାନୀୟ କର୍ତ୍ତୃପକ୍ଷ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଦୁର୍ଘଟଣାର କାରଣ ଏବଂ ଏଥିରେ ଥିବା ଲୋକଙ୍କ ସଠିକ୍ ବିବରଣୀ ସଂଗ୍ରହ କରାଯାଉଛି । ପ୍ରଭାବିତ ପରିବାରକୁ ସହାୟତା ପାଇଁ ହୋ ଚି ମିନ୍ ସିଟିରେ ଥିବା ଭାରତୀୟ କନସୁଲେଟ୍‌ରେ ଏକ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି । ମୃତକଙ୍କ ମଧ୍ୟରେ ୧୫ଜଣ ତାମିଲନାଡୁର ଅଧିବାସୀ ଥିବାବେଳେ ୩ଜଣ ଆନ୍ଧ୍ରର ବୋଲି ଜଣାପଡିଛି । ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ କହିଛନ୍ତି ଯେ ଫୁ କ୍ୱିକ୍ ନିକଟରେ ଭାରତୀୟ ନାଗରିକଙ୍କ ସହିତ ବୋଟ୍ ଦୁର୍ଘଟଣାର ଦୁଃଖଦ ଖବର ଶୁଣି ସେ ଗଭୀର ଦୁଃଖିତ । ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ସେ ଗଭୀର ସମବେଦନା ପ୍ରକାଶ କରିଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି ।

## ଖୋଲିବ ଷଡ଼ଯନ୍ତ୍ରକାରୀଙ୍କ ମୁଖା !

* ପାଠ୍ୟ ପୁସ୍ତକରେ ତ୍ରୁଟିର ହେବ ଆପରାଧିକ ତଦନ୍ତ
* କ୍ରାଇମବ୍ରାଞ୍ଚ ଏସ୍.ପି.ଙ୍କ ନିକଟରେ ଏତଲା ଦିଅ
* ଏସ୍‌ସିଇଆରଟି ନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ଦେଲେ ନିର୍ଦ୍ଦେଶ



ଭୁବନେଶ୍ୱର, ୧୧ ।୭(ନିପ୍ର): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସମଗ୍ର ପ୍ରକ୍ରିୟା ଉପରେ ଆପରାଧିକ ତଦନ୍ତ (କ୍ରିମିନାଲ ଇନଭେଷ୍ଟିଗେସନ୍) କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସ୍ୱତନ୍ତ୍ର ଭାବେ କ୍ରାଇମ ବ୍ରାଞ୍ଚ ଏସ୍.ପି.ଙ୍କ ନିକଟରେ ଏଫଆଇଆର ଦାୟର କରିବାକୁ ଏସସିଇଆରଟି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । କମିଟିର ରିପୋର୍ଟରେ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନ ପ୍ରକ୍ରିୟାରେ ଗୁରୁତର ଅବହେଳା ଏବଂ ଅନିୟମିତତା ସାମ୍ନାକୁ ଆସିଥିଲା ।ରିପୋର୍ଟ ଆଧାରରେ ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ପାଢ଼ୀ, ଦିଲ୍ଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ନିଲମ୍ବନ କରାଯାଇଛି । ଏହାବ୍ୟତୀତ ଆଉ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ପାଇଖାନା ଟାଙ୍କିରେ ଫସି ୨ଶ୍ରମିକ ମୃତ



ଭୁବନେଶ୍ୱର, ୧୧ ।୭: ଭୁବନେଶ୍ୱର ବିଜେବି ନଗରରେ ଏକ ପାଇଖାନା ଟାଙ୍କିରେ ପଡ଼ି ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ଶ୍ରମିକଦ୍ୱୟ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନପୁର ଜିଲ୍ଲା ଖେଜୁରୀ ଥାନା ଅଞ୍ଚଳର ପୋବିର ଦାସ (୫୦) ଓ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ଧୂମା ଟୁଡୁ (୪୦) । ସ୍ଥାନୀୟ ଶ୍ରମିକଙ୍କ ସୂଚନା ଅନୁଯାୟୀ, ବିଜେବି ନଗରସ୍ଥିତ ପାରାମାଉଣ୍ଟ ସ୍ପୋର୍ଟସ୍ କ୍ଲବ ନିକଟ ଏକ ନିର୍ମାଣାଧୀନ ବହୁମହଲା କୋଠାରେ ଏହି ଘଟଣା ଘଟିଛି । ଦିନ ପ୍ରାୟ ୨ଟା ବେଳେ ଅନ୍ୟ ଶ୍ରମିକମାନେ ନିଜ ନିଜ କାମରେ ବ୍ୟସ୍ତ ଥିଲେ । ହେଲେ ଏହି ଶ୍ରମିକଦ୍ୱୟ ପାଇଖାନା ଟାଙ୍କି ଭିତରେ ପଶି ସେଣ୍ଟ୍ରିଂ ପଟା ଖୋଲିବା କାମ କରୁଥିଲେ । ଜଣେ ଶ୍ରମିକ ପଟା କାଢ଼ିବାକୁ ଟାଙ୍କି ଭିତକୁ ଯାଇଥିଲେ । ତେବେ ସେ ସେଠାରେ ଫସି ଯିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଭିତକୁ ଯାଇଥିଲେ । ହେଲେ ଉଭୟ ଶ୍ୱାସରୁଦ୍ଧ ହୋଇ ଗୁରୁତର ହୋଇ ପଡ଼ିଥିଲେ । ଖବର ପାଇ ଭୁବନେଶ୍ୱର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା । ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

## ଆଗାମୀ ୫ ଦିନ ଯାଏଁ ବର୍ଷା

ଭୁବନେଶ୍ୱର, ୧୧ ।୭: ଟ୍ରଫ ଲାଇନ ପ୍ରଭାବରେ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ଆଗାମୀ ୫ ଦିନ ଯାଏଁ ବର୍ଷା ଲାଗିରହିପାରେ । ରାଜ୍ୟରେ ମୌସୁମୀ ବର୍ଷା ସକ୍ରିୟ ଥିବାରୁ ଆସନ୍ତା ୫ ଦିନଯାଏଁ କିଛି କିଛି ଜିଲ୍ଲାରେ ବିଜୁଳି, ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଏପରିକି ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ରବିବାର ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ



ବର୍ଷା ସମ୍ଭାବନା ଥିବା ବେଳେ ଗଂଜାମ, ଗଜପତି , ନୟାଗଡ଼, ଖୋର୍ଦ୍ଧା,ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଯାଜପୁର ଓ ବାଲେଶ୍ୱର ଏହି ୧୧ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ୩୦ ରୁ ୪୦ କିମି ପବନ ବହିବାର ସମ୍ଭାବନା ରହିଛି । ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି । ୧୫ ତାରିଖ ଯାଏଁ ରାଜ୍ୟରେ କିଛି କିଛି ଅଞ୍ଚଳରେ ବର୍ଷା ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସର୍ତକତା ଜାରି ହୋଇଛି । ଘୂର୍ଣ୍ଣିବଳୟ ଆସୁଥିବାରୁ ଏହା ପ୍ରଭାବରେ ବର୍ଷା ହୋଇପାରେ । ଆସନ୍ତା ୧୩ରୁ ସାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ରଥଯାତ୍ରା ସମୟରେ ଯଦିଓ ପ୍ରବଳ ବର୍ଷା ହୋଇ ନ ପାରେ କିନ୍ତୁ ମଧ୍ୟମ ଧରଣର ବର୍ଷା ଲାଗି ରହିପାରେ ।

## ୨୩୨ ଏଟିଏମ୍ କାର୍ଡ, ୯ ମୋବାଇଲ ଜବତ

★ ଆନ୍ତଃରାଜ୍ୟ ଏଟିଏମ୍ କାର୍ଡ ବଦଳାଇ କରୁଥିଲେ ଲୁଟ୍
★ ଗ୍ୟାଙ୍ଗର ପର୍ଦ୍ଦାଫାସ କଲା ଟାଉନ ପୋଲିସ, ଗିରଫ ହେଲେ ୪




କେନ୍ଦୁଝର, ୧୧ ।୭(ନିପ୍ର): ଟେବୁଲ୍ ଉପରେ ତାସ ଭଳି ପଡ଼ିଥିବା ମାଳମାଳ କାର୍ଡ କୌଣସି ସାଧାରଣ କାର୍ଡ ନୁହେଁ । ଇଏ ହେଉଛି ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ । ଗୋଟିଏ କି ଦୁଇଟି ନୁହେଁ ଦୁଇଶହ ବତିଶଟି ଡେବିଟ ଓ କ୍ରେଡିଟ କାର୍ଡ ଜବତ କରିଛି ଟାଉନ ପୋଲିସ । ଏହି କାର୍ଡଗୁଡିକ ସାହାଯ୍ୟରେ ବୟସ୍କ ବୃଦ୍ଧ ଓ ବୃଦ୍ଧା ଏବଂ ନିରୀହ ସରଳ ଲୋକଙ୍କ ଏଟିଏମ୍ କାର୍ଡକୁ ବଦଳାଇ ଅନ୍ୟ ଏଟିଏମ୍‌ରୁ ଲୁଟ୍ ହେଉଥିଲା । ଏହି ଘଟଣା ସାମ୍ନାକୁ ଆସିବା ପରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥଲା । ସେବେଠାରୁ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା । ପରେ ଜଣାପଡ଼ିଲା କଟକ ଜିଲ୍ଲା ନେମାଳର ବଳରାମ ସାହୁ ଏହି ଏଟିଏମ୍ ଲୁଟ୍ ଗ୍ୟାଙ୍ଗର ମୁଖ୍ୟ ଓ ୪ ଜଣ ମିଶି ଏହି ଗ୍ୟାଙ୍ଗକୁ ଚଳାଉଛନ୍ତି । ପୋଲିସ ନିଜର ସମସ୍ତ ସାମର୍ଥ୍ୟ ଲଗାଇ ଏହି ଗ୍ୟାଙ୍ଗର ସମସ୍ତଙ୍କୁ ଗିରଫ କରିବାର ସଫଳ ହୋଇଛି । ଏମାନେ ହେଲେ କଟକ ନେମାଳର ବଳରାମ ସାହୁ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟମାନେ ହେଲେ ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପାଣି ଓ କେନ୍ଦ୍ରାପଡ଼ାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ । ଏମାନେ ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ଠକେଇ କରିଛନ୍ତି । ଏମାନଙ୍କ ନାଁ ରେ ରାଜ୍ୟର ବିଭିନ୍ନ ଥାନାରେ ଶହେରୁ ଉର୍ଦ୍ଧ୍ୱ ମାମଲା ରହିଛି । ଗିରଫ ସମୟରେ ଏମାନଙ୍କ ନିକଟରୁ ୨୩୨ଟି ଏଟିଏମ୍ କାର୍ଡ, ୯ଟି ମୋବାଇଲ, ୧୨ହଜାର ଟଙ୍କା ଓ ଏକ ମାରୁତି ଫୋନିକ୍ସ କାର୍ ଟାଉନ ପୋଲିସ ଜବତ କରିଥିବା ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ଏକ ସାମ୍ବାଦିକ ସମ୍ମିଳନୀ ପ୍ରକାଶ କରିଛନ୍ତି ।

## କେଜିରୁ ପିଜି ନାମଲେଖା ଦ୍ୱନ୍ଦ୍ୱ ହେବ ଦୂର: ଆସିବ ଏସ୍‌ଓପି

ଭୁବନେଶ୍ୱର, ୧୧ ।୭: ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବା ପରେ ନାମଲେଖା ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଖୁବ୍ ଶୀଘ୍ର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର ଜାରି କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଅନ୍ତର୍ଗତ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ଶୁଳ୍କ ଛାଡ଼ କରାଯାଇଛି । ଏହି ପ୍ରକ୍ରିୟାକୁ ସୁଚାରୁ ଭାବେ କାର୍ଯ୍ୟକାରୀ କରିବା ସହ ଛାତ୍ରୀଛାତ୍ର ଓ ଅନୁଷ୍ଠାନଗୁଡ଼ିକର ସମସ୍ତ ସନ୍ଦେହ ଦୂର କରିବା ପାଇଁ ବିସ୍ତୃତ ଏସ୍‌ଓପି ପ୍ରକାଶ କରାଯିବ । ସେ ଆହୁରି କହିଛନ୍ତି ଯେ, ୬୬୨ ଓ ୪୮୮ ବର୍ଗର ଅନୁଦାନପ୍ରାପ୍ତ କଲେଜଗୁଡ଼ିକୁ ମଧ୍ୟ ସରକାର ଆବଶ୍ୟକ ଅର୍ଥ ପ୍ରଦାନ କରିବେ । ପୂର୍ବରୁ ନାମଲେଖା ସମୟରେ ଛାତ୍ରଛାତ୍ରୀମାନେ ଯେଉଁ ଅର୍ଥ ପ୍ରଦାନ କରୁଥିଲେ, ସେହି ଅର୍ଥ ସରକାର ବହନ କରିବେ । ଫଳରେ ଛାତ୍ରଛାତ୍ରୀ ଉପରେ କୌଣସି ଆର୍ଥିକ ବୋଝ ପଡ଼ିବ ନାହିଁ ।

### ରାଲିରେ ସ୍କୁଲ ପିଲା ସାମିଲ ମାମଲା

## ବିଜେଡି ନେତାଙ୍କୁ ଓଏସପିସିଆରଙ୍କ ନୋଟିସ୍

ଭୁବନେଶ୍ୱର, ୧୧ ।୭(ନିପ୍ର): ସ୍କୁଲ ପିଲାଙ୍କୁ ବିଜେଡି ରାଲିରେ ସାମିଲ ଘଟଣାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଓଏସପିସିଆର)ଙ୍କ ତରଫରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନୋଟିସ୍ କରାଯାଇଛି । ନବୀନଙ୍କ ସହ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଦୀପାଳି ଦାସ ଏବଂ ବିଜେଡି ଛାତ୍ର ସଂଗଠନ ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ମଧ୍ୟ ନୋଟିସ ହୋଇଛି । ୭ ଦିନ ରେ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ଝାରସୁଗୁଡା ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓଏସପିସିଆର କହିଛନ୍ତି ୟୁନିଫର୍ମ ପିନ୍ଧି ସ୍କୁଲ୍ ପିଲା ରାଲିକୁ ଆସିବା ଅପରାଧ । ସୂଚନାଯୋଗ୍ୟ ଯେ ସ୍କୁଲ ପାଠ୍ୟକ୍ରମରେ ତ୍ରୁଟି ପ୍ରସଙ୍ଗରେ ଝାରସୁଗୁଡାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରାରେ ସ୍କୁଲ ପିଲା ସାମିଲ ହୋଇଥିବା ଚିତ୍ର ସାମ୍ନାକୁ ଆସିଥିଲା ।

## ନବଯୌବନ ଦର୍ଶନ ସମୟ କମିବ

* 'ଉଭା' ଦିନ ମହାପ୍ରଭୁଙ୍କ ଦର୍ଶନ ବନ୍ଦ
* ଅନଧିକୃତ ବ୍ୟକ୍ତିଙ୍କୁ ରଥ ଚଢ଼ିବାକୁ ଅନୁମତି ନାହିଁ
* ରଥରେ ମୋବାଇଲ୍ ଫୋନ୍ ବ୍ୟବହାର ମନା



ପୁରୀ, ୧୧ ।୭(ନିପ୍ର): ଚଳିତ ବର୍ଷର ପୁରୀ ରଥଯାତ୍ରା ପୂର୍ବରୁ ଚୂଡ଼ାନ୍ତ ସମୀକ୍ଷା ବୈଠକ ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ)ର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢୀ ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ପାଢୀ କହିଛନ୍ତି ଯେ ୧୪ ଜୁଲାଇ ନବଯୌବନ ଦର୍ଶନ ସମୟ ମହାପ୍ରଭୁଙ୍କ ନୀତିକାନ୍ତି କାରଣରୁ କମିବ । ୧୫ ଜୁଲାଇ, 'ଉଭା' ଦିନ ଭକ୍ତମାନଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ । ସେ ରଥଯାତ୍ରା ପାଇଁ କଡ଼ା ନିୟମ ମଧ୍ୟ ଘୋଷଣା କରିଛନ୍ତି ।'କୌଣସି ଅନଧିକୃତ ବ୍ୟକ୍ତିଙ୍କୁ ରଥ ଚଢ଼ିବାକୁ ଅନୁମତି ନାହିଁ । ଯଦି କେହି ଅବମାନନା କରନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ।ସେହିପରି ରଥରେ ମୋବାଇଲ୍ ଫୋନ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯିବ ।ଭିଡିଓ କ୍ୟାମେରା ଗୁପ୍ତ ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର ଉପରେ ନଜର ରଖାଯିବ । ରଥ ପରିଚାଳନା ପାଇଁ, ଏହି ବର୍ଷ ରଥ ଦଉଡ଼ିର ଦୁଇଟି ସେଟ୍ ବ୍ୟବହାରରେ ରଖାଯିବ ।ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସୁଗମ ଏବଂ ଶୃଙ୍ଖଳିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମସ୍ତ ଭକ୍ତଙ୍କୁ ମନ୍ଦିର ପ୍ରଶାସନ ଏବଂ ସୁରକ୍ଷା କର୍ମୀଙ୍କ ସହ ସହଯୋଗ କରିବାକୁ ଏସଜେଟିଏ ଅନୁରୋଧ କରିଛି ।

## ଟ୍ରେନିଂ ଅଧାରୁ ଚାକିରି ଛାଡ଼ିଲେ ଆଇପିଏସ୍



ଭୁବନେଶ୍ୱର, ୧୧ ।୭: ଭୁବନେଶ୍ୱର ଡିସିପି ଜଗମୋହନ ମୀନା ନିକଟରେ ଇସ୍ତଫା ଦେଇଥିଲେ । ତାଙ୍କ ପରେ ଏବେ ପ୍ରୋବେସନର ସି.ଏ. ରାମଦାସ ଛାଡିଛନ୍ତି ଚାକିରି । ଏହି ଘଟଣା ଏବେ ପ୍ରଶାସନିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୫ ବ୍ୟାଚ୍‌ର ୩୩ ବର୍ଷୀୟ ଆଇପିଏସ ପ୍ରୋବେସନର ସି.ଏ. ରାମଦାସ ସରକାରଙ୍କ ନିକଟକୁ ନିଜର ଇସ୍ତଫା ପତ୍ର ପଠାଇଛନ୍ତି । ବର୍ତ୍ତମାନ ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀରେ ସେ ତାଲିମ ନେଉଛନ୍ତି । ସେ ମହାରାଷ୍ଟ୍ରର ବାସିନ୍ଦା । ଗତବର୍ଷ ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ଓଡ଼ିଶା କ୍ୟାଡର ମିଳିଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୁମାର ମଙ୍ଗଳମ୍ ବିର୍ଲା

# ୧୨ହଜାର କୋଟିର ପୁଞ୍ଜିନିବେଶ ପ୍ରସ୍ତାବ

ଭୁବନେଶ୍ୱର, ୧୧ ।୭ : ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ଶନିବାର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ବୈଠକରେ ଓଡ଼ିଶାରେ ଗ୍ରୁପ୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବୃହତ୍ ପ୍ରକଳ୍ପର ସମୀକ୍ଷା ସହ ସେ ଗୁଡ଼ିକର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ବୈଠକର ଏକ ପ୍ରମୁଖ ନିଷ୍ପତ୍ତି ଭାବେ ରାୟଗଡ଼ା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ନିର୍ମାଣାଧୀନ ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀର ସମ୍ପ୍ରସାରଣ ପ୍ରସ୍ତାବ ରଖାଯାଇଥିଲା । ପ୍ରାରମ୍ଭରେ ଏହି ପ୍ରକଳ୍ପ ୧ ମିଲିୟନ ଟନ ବାର୍ଷିକ କ୍ଷମତା ଏବଂ ପ୍ରାୟ ୮,୦୦୦ କୋଟି ଟଙ୍କା ବିନିଯୋଗ ସହ ଯୋଜନା କରାଯାଇଥିଲା । ବର୍ତ୍ତମାନ ପ୍ରକଳ୍ପର ଦୀର୍ଘ ମିଆଦି ସମ୍ଭାବନା ଏବଂ ରାଜ୍ୟ ସରକାରଙ୍କ

### ■ କଂସାରୀଗୁଡ଼ାରେ ରିଫାଇନାରୀ ପ୍ରକଳ୍ପ

ସକ୍ରିୟ ସହଯୋଗକୁ ଦୃଷ୍ଟିରେ ରଖି ଗ୍ରୁପ୍ ପକ୍ଷରୁ ଅତିରିକ୍ତ ପ୍ରାୟ ୧୨,୦୦୦କୋଟି ଟଙ୍କା ବିନିଯୋଗ କରି ଆଉ ୨ ମିଲିୟନ ଟନ କ୍ଷମତା ବୃଦ୍ଧି କରିବାର ପ୍ରସ୍ତାବ ଦିଆଯାଇଛି । ଏହି ସମ୍ପ୍ରସାରଣ ପରେ କଂସାରୀଗୁଡ଼ା ରିଫାଇନାରୀର ମୋଟ କ୍ଷମତା ୩ ମିଲିୟନ ଟନ ପ୍ରତି ବର୍ଷକୁ ବୃଦ୍ଧି ପାଇବ ଏବଂ ମୋଟ ପୁଞ୍ଜିନିବେଶ ପ୍ରାୟ ୨୦,୦୦୦ କୋଟି ଟଙ୍କାରେ ପହଞ୍ଚିବ । ଏହି ପ୍ରକଳ୍ପ



ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟକ ରୋଜଗାର ସୃଷ୍ଟି ହେବା ସହ ସ୍ଥାନୀୟ ଉଦ୍ୟୋଗୀ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ନୂଆ ସୁଯୋଗ ଦେବ । ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଖଣିଜ ସମ୍ପଦକୁ ଅଧିକ ମୂଲ୍ୟ ସଂଯୋଜନ, ଉନ୍ନତ ଉତ୍ପାଦନ ଓ ଗୁଣବତ୍ତାପୂର୍ଣ୍ଣ ନିଯୁକ୍ତିରେ ରୂପାନ୍ତରିତ କରିବା ଆମର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣରେ ଆଲୁମିନିୟମ୍ ଶିଳ୍ପ ଏକ ମୁଖ୍ୟ ଭୂମିକା ନିଭାଇବ । ସେ ଆହୁରି କହିଥିଲେ, ରାଜ୍ୟ କେବଳ ଆଲୁମିନା ଓ ଆଲୁମିନିୟମ୍ ଉତ୍ପାଦନରେ ନୁହେଁ, ବରଂ ରିଫାଇନିଂ, ପ୍ରାଥମିକ ଧାତୁ ଉତ୍ପାଦନ, ଡାଉନଷ୍ଟ୍ରିମ୍ ଏବଂ ଉନ୍ନତ ଉତ୍ପାଦ ନିର୍ମାଣ ସମେତ ସମଗ୍ର ଭାଲ୍ୟୁ ଚେନରେ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି । କଂସାରିଗୁଡ଼ା ରିଫାଇନାରୀ ବିସ୍ତାର ଏହି ଗତିକୁ ଆହୁରି ଶକ୍ତିଶାଳୀ କରିବ ଏବଂ ଓଡ଼ିଶାକୁ ଦେଶର ପ୍ରମୁଖ ଧାତୁ ଓ ଧାତୁ ପ୍ରକ୍ରିୟାକରଣ ହବ୍ ଭାବେ ସ୍ଥାପିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଆଦିତ୍ୟ ବିର୍ଲା ଗ୍ରୁପ ଆଶ୍ୱାସନା ଦେଇ କହିଥିଲେ ଯେ, ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ଓ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଜାରି ରଖିବେ । ଜମି, ଭିତ୍ତିଭୂମି, ବିଦ୍ୟୁତ୍, ପାଣି, ଆବଶ୍ୟକ ସରକାରୀ ଅନୁମୋଦନ ଓ ଅନ୍ୟାନ୍ୟ ସୁବିଧା ସମନ୍ୱିତ ଭାବେ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

# ‘ଶ୍ରୀ ଗୁଣ୍ଡିଚା’ର ତାତ୍ପର୍ଯ୍ୟ







ଏ ଜଗତର ସ୍ରଷ୍ଟା, ପରମ ପୁରୁଷ, ପରଂବ୍ରହ୍ମଙ୍କର ପ୍ରକୃତ ସ୍ୱରୂପ ଦେବତାମାନେ ମଧ୍ୟ ନିର୍ଣ୍ଣୟ କରିବା ସମ୍ଭବ ହୋଇନାହିଁ। ଏଣୁ କୁହାଯାଇଛି - ‘ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବା ନ ଜାନାନ୍ତି କୁତୋ ମନୁଷ୍ୟଃ।’ ଶ୍ରୀଜଗନ୍ନାଥଙ୍କର ସମସ୍ତ ପର୍ବପର୍ବାଣି ମଧ୍ୟରେ ରଥଯାତ୍ରା ସର୍ବଶ୍ରେଷ୍ଠ ଏବଂ ବିଶ୍ୱପ୍ରସିଦ୍ଧ। ଶ୍ରୀକ୍ଷେତ୍ରର ଏହି ରଥଯାତ୍ରା, ଶ୍ରୀଗୁଣ୍ଡିଚା ବା ଗୁଣ୍ଡିଚା ଯାତ୍ରା ନାମରେ ସୁବିଦିତ। ତେବେ ଗୁଣ୍ଡିଚା ଯାତ୍ରା କହିଲେ କେବଳ ଆଷାଢ଼ ଶୁକ୍ଳ ଦ୍ୱିତୀୟ ତିଥିରେ ତିନି ଠାକୁରଙ୍କର ରଥରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରାପର୍ବକୁ ବୁଝାଏ, ସେଠାରୁ ଶ୍ରୀମନ୍ଦିରକୁ ବାହୁଡ଼ା ଯାତ୍ରାକୁ ବୁଝାଏ ନାହିଁ। ପୁଣି ଗୁଣ୍ଡିଚା ଯାତ୍ରାର ସ୍ଥାନ ଓ କାଳ ଭେଦରେ ଭିନ୍ନ ଭିନ୍ନ ରୂପରେ ମଧ୍ୟ ପାଳିତ ହୁଏ। ଭୁବନେଶ୍ୱରର ଅଶୋକାଷ୍ଟମୀ ଦିବସର ରଥଯାତ୍ରା ‘ଚୈତ୍ର ଗୁଣ୍ଡିଚା’ ବା ‘ଶୈବ ଗୁଣ୍ଡିଚା’ ନାମରେ ଅଭିହିତ। ଶ୍ରୀମନ୍ଦିର ଭଣ୍ଡାର ଗୃହରେ ଥିବା ଶ୍ରୀଲୋକନାଥଙ୍କର ମଧ୍ୟ ‘ଶୈବ-ଗୁଣ୍ଡିଚା’ ଯାତ୍ରା ଅନୁଷ୍ଠିତ ହୁଏ। ପୂର୍ବେ କୋଣାର୍କ ଠାରେ ଶ୍ରୀପଞ୍ଚମୀ ଠାରୁ ତିଳସପ୍ତମୀ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଯେଉଁ ରଥଯାତ୍ରା ଅନୁଷ୍ଠିତ ହେଉଥିଲା, ତାହା ‘ସୌର ଗୁଣ୍ଡିଚା’ ବା ‘ବସନ୍ତ ଗୁଣ୍ଡିଚା’ ନାମରେ ଖ୍ୟାତ ଥିଲା। ଏହି ଯାତ୍ରାବିଧି ବର୍ତ୍ତମାନ ଶ୍ରୀମନ୍ଦିରସ୍ଥ ସୂର୍ଯ୍ୟ ମନ୍ଦିରରେ ପାଳିତ ହେଉଛି। ଏହା ବ୍ୟତୀତ, ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ପ୍ରତ୍ୟହ ମାଧବ ଓ ଦୁର୍ଗା ବିମାନରେ ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିରକୁ ଯାଇ ବନ୍ଦାପନା ସାରି ଫେରିଥାନ୍ତି। ଏହାକୁ ‘ଶାକ୍ତ-ଗୁଣ୍ଡିଚା’ ବା ‘ଶରତ ଗୁଣ୍ଡିଚା’ କୁହାଯାଏ।

### ‘ଶ୍ରୀଗୁଣ୍ଡିଚା’ର ମହତ୍ତ୍ୱ ସର୍ବାଧିକ

ଏତେ ପ୍ରକାର ‘ଗୁଣ୍ଡିଚା’ର ପ୍ରଚଳନ ଥିବା ସତ୍ତ୍ୱେ ‘ଶ୍ରୀଗୁଣ୍ଡିଚା’ର ପ୍ରାଧାନ୍ୟ ଓ ମହତ୍ତ୍ୱ ସର୍ବାଧିକ



ଏବଂ ଏହା ସର୍ବତ୍ର ଜନସମାଜରେ ବିଦିତ ଓ ଆଦୃତ। ଶ୍ରୀ (ଲକ୍ଷ୍ମୀ)ଙ୍କ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏହି ଯାତ୍ରା ହେଉଥିବାରୁ ଏହାକୁ ‘ଶ୍ରୀଗୁଣ୍ଡିଚା’ କୁହାଯିବା ଯଥାର୍ଥ ମନେହୁଏ। ପୁଣି ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ହେରାପଞ୍ଚମୀ ଦିନ ଯାତ୍ରା କରି ଜଗନ୍ନାଥ (ନାରାୟଣ)ଙ୍କ ଦର୍ଶନ କରି ଫେରିଥାନ୍ତି। ସୁତରାଂ, ତିନି ଠାକୁରଙ୍କର ଏହି ନବଦିନବ୍ୟାପୀ ଗୁଣ୍ଡିଚା ମନ୍ଦିର ଯାତ୍ରା ସହିତ ଲକ୍ଷ୍ମୀଙ୍କର ସମ୍ବନ୍ଧ ଥିବା ଦୃଷ୍ଟିରୁ (ଲକ୍ଷ୍ମୀଙ୍କ ନିକଟରୁ ତ୍ରିମୂର୍ତ୍ତିଙ୍କର ଯାତ୍ରା ଏବଂ ତାଙ୍କ ଦର୍ଶନ କରିବା ନିମିତ୍ତ ସେଠାକୁ ଲକ୍ଷ୍ମୀଙ୍କର ଯାତ୍ରା) ଏହାକୁ ‘ଶ୍ରୀଗୁଣ୍ଡିଚା’ କୁହାଯାଉଥିବା ସମୀଚୀନ ବୋଧହୁଏ।

### ଶ୍ରୀମନ୍ଦିରରେ ଶାକ୍ତ ରଥଯାତ୍ରା

ଶାକ୍ତ ରଥଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଦେବୀ ଗୁଣ୍ଡିଚା ମନ୍ଦିରର ପୀଠେଶ୍ୱରୀ ବିମଳାଙ୍କ ମୁଖ୍ୟପର୍ବ। ଏହି ଗୁଣ୍ଡିଚା ଯାତ୍ରାରେ ଦୁର୍ଗା ଓ ମାଧବଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ। ଆଶ୍ୱିନ କୃଷ୍ଣ ଦୂତୀବାହାନ ଅଷ୍ଟମୀ ଠାରୁ ଆଶ୍ୱିନ ଶୁକ୍ଳ ଦୁର୍ଗାଷ୍ଟମୀ ପର୍ଯ୍ୟନ୍ତ ଦେବୀ ବିମଳାଙ୍କ ଷୋହଳ ଦିନବ୍ୟାପୀ ପୂଜା ଅନୁଷ୍ଠିତ ହୋଇଥାଏ। ଦୁର୍ଗାପୂଜା ଅବସରରେ ଦେବୀଙ୍କ ସହ ମାଧବ ଯେଉଁ ରଥରେ ଦେବୀ ଗୁଣ୍ଡିଚା ଯାତ୍ରା ପାଳନ କରନ୍ତି, ତାହା ଦେବୀଙ୍କର ବିଜୟାରଥ। ବିଜୟା ରଥର ପ୍ରତ୍ୟାବର୍ତ୍ତନର ପରମ୍ପରା ନାହିଁ। ତେଣୁ ଦୁର୍ଗାମାଧବ ପାଲିଙ୍କିରେ ବାହୁଡ଼ାଯାତ୍ରା କରନ୍ତି। ଶ୍ରୀମନ୍ଦିର ଉତ୍ସବ ପରମ୍ପରାରେ ଏହି ଶାକ୍ତ ଗୁଣ୍ଡିଚା ଦେବୀ ଉପାସନା ଓ ବୈଷ୍ଣବଧର୍ମ ଦର୍ଶନର ମହତ୍ତ୍ୱକୁ ପ୍ରତିପାଦିତ କରିଥାଏ। ଭାଦ୍ରବମାସ ଶୁକ୍ଳ ପକ୍ଷ ଶୟନାଷ୍ଟମୀ ଠାରୁ ଦେବୀ ବିମଳା ଆଶ୍ୱିନମାସ କୃଷ୍ଣପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ପନ୍ଦରଦିନ ଶୟନ କରିବା ପରେ ମାଧବଙ୍କ ସହିତ ଦୁର୍ଗା ରୂପରେ ରଥରେ ବସି ଦୋଳମଣ୍ଡପ ସାହିସ୍ଥ ନାରାୟଣୀ ମନ୍ଦିରକୁ ବିଜେ କରନ୍ତି। ଭାଇ ଭଉଣୀଙ୍କ ସହିତ ଜଗନ୍ନାଥ ରଥଯାତ୍ରା କରିଥିବାରୁ ଅସନ୍ତୁଷ୍ଟ ମା’ଲକ୍ଷ୍ମୀଙ୍କ ପ୍ରୀତ୍ୟର୍ଥେ ଶ୍ରୀଜଗନ୍ନାଥ ମାଧବଙ୍କ ରୂପରେ ଲକ୍ଷ୍ମୀଙ୍କୁ ଦୁର୍ଗା ରୂପରେ ସାଥିରେ ଧରି ଏହି ରଥଯାତ୍ରା ପାଳନ କରୁଥିବାରୁ ଏହାକୁ ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା ଯାତ୍ରା କୁହାଯାଏ।

### ଶାରଦୀୟ ରଥଯାତ୍ରା

ଦୁର୍ଗାପୂଜା ଅବସରରେ ପ୍ରାଚୀନ ଶାକ୍ତପୀଠ ବିରଜା କ୍ଷେତ୍ରରେ ଶାରଦୀୟ ରଥଯାତ୍ରା ପାଳନ କରାଯାଏ। ନବଦିନ ବ୍ୟାପୀ ରଥଯାତ୍ରା ବିରଜାକ୍ଷେତ୍ରରେ ଏକ ସ୍ୱତନ୍ତ୍ର ବିଭବ। ବିରଜାଙ୍କ ରଥର ନାମ ‘ସିଂହଧ୍ୱଜୀ’ ବା ବିଜୟ ରଥ ବା ଦିବ୍ୟରଥ। ସୁନିଆ ଦିନ ରଥ ଅନୁକୂଳ ହୋଇ ଆଶ୍ୱିନ ଅମାବାସ୍ୟାରେ ଶେଷ ହୁଏ। ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଳି ଏହି ଦିବ୍ୟରଥର ଉଚ୍ଚତା ୪୫ ହାତ ୧୨ ଆଙ୍ଗୁଳି। ୧୦୨୮ ଖଣ୍ଡ କାଠରେ ନିର୍ମିତ ତିନିଗୋଟି କଳସଥିବା ଏହି ରଥରେ ବାରମାସର ପ୍ରତୀକ ବାରଗୋଟି ଚକ ଲାଗିଥାଏ। ଏହି ରଥଯାତ୍ରା ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ନଅଦିନ ଲାଗି ହୁଏ। ରଥରେ ଦେବୀଙ୍କ ଚଳନ୍ତି ପ୍ରତିମାକୁ ବିଜେ କରାଇ ନଅଦିନରେ ନଅଥର ମନ୍ଦିର ବେଢ଼ା ପରିକ୍ରମା କରାଯାଏ। ମହାନବମୀ ଦିନ ରଥବେଢ଼ା ଭ୍ରମଣ ପରେ ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ଲାଖବିନ୍ଧା ପଡ଼ିଆକୁ ନିଆଯାଏ। ସେଠାରେ ସେବାୟତମାନେ ଇନ୍ଦ୍ର, ବରୁଣ, କୁବେର, ଓ ଯମ ଆଦି ଚାରିଦିଗପାଳଙ୍କ ଚାରିଗୋଟି ଶର ଧର୍ମ, କାମ ଓ ମୋକ୍ଷ ଶର ସଂଗ୍ରହ କରନ୍ତି। ଜଗତର ମଙ୍ଗଳ କାମନା ନିମନ୍ତେ ଚାରି ଦିଗକୁ ଏହି ଚାରିଶର ସନ୍ଧାନ କରାଯାଏ। ଲାଖବିନ୍ଧା ପର୍ବ ଶେଷ ହେଲେ ଦେବୀଙ୍କ ପ୍ରତିମାଙ୍କୁ ମନ୍ଦିରକୁ ନିଆଯାଏ ଓ ଏହିଠାରେ ଦେବୀଙ୍କର ରଥୋତ୍ସବର ପରିସମାପ୍ତି ଘଟେ।



ସାମ୍ୟ ଓ ମୈତ୍ରୀ ଭାବନାର ପ୍ରତୀକ ଏକ ଘୋଷଯାତ୍ରାର ମହତ୍ତ୍ୱର ପଟ୍ଟାନ୍ତର ନାହିଁ। ଶ୍ରୀଜଗନ୍ନାଥ ନିଜର ଲୀଳା ମାଧ୍ୟମରେ ଆଗାମୀ ସମୟରେ ମାନବ ଜାତି ପାଇଁ ଅଭିପ୍ରେତ ଅତିମାନସ ଚେତନାକୁ ବରଣ କରିବା ନିମନ୍ତେ ଏକ ପାଦ ଆଗେଇ ଆସିବାର ଏକ ଏକ ସଫଳ ସଙ୍କେତ। ମାନବ ଜାତିର ଭାଗ୍ୟାକାଶକୁ ସମୁଜ୍ଜ୍ୱଳ ଦୀପ୍ତିରେ ଉଦଭାସିତ କରିବା ପାଇଁ ଆଲୋକବରଣୀ ଉଷା ଅପେକ୍ଷା କରିଥିବାବେଳେ ତାଙ୍କ ସ୍ୱାଗତ ନିମନ୍ତେ ଘୋଷଯାତ୍ରା ଘର୍ଘର ଘୋଷ ନାଦ ମାଧ୍ୟମରେ ଆବହ ସଂଗୀତ ଗାନ କରୁଛି।

-ସୌର ଚନ୍ଦ୍ର ମହାପାତ୍ର
ଦୂରଭାଷ : ୯୪୩୭୦୦୪୪୬୬

# ଭଗବାନଙ୍କୁ ଚିଠି ଲେଖନ୍ତି ଭକ୍ତ

ଉତ୍ତରାଖଣ୍ଡର ପବିତ୍ର ଭୂମିରେ ଭକ୍ତି ଏବଂ ବିଶ୍ୱାସ ମିଶ୍ରଣ କରୁଥିବା ଅନେକ ମନ୍ଦିର ରହିଛି । ଏପରି ଏକ ମନ୍ଦିର ହେଉଛି ଆଲମେ ଆଲମୋରା ଜିଲ୍ଲାର ପ୍ରସିଦ୍ଧ ଚିତାଇ ଗୋଲୁ ଦେବତା ମନ୍ଦିର । ଏଠାରେ ଭକ୍ତମାନେ ଚିଠି ଲେଖି ସେମାନଙ୍କର ଇଚ୍ଛା ପୂରଣ ପାଇଁ ଦେବତାଙ୍କୁ ନିବେଦନ କରନ୍ତି । ନ୍ୟାୟର ଦେବତା ଭାବରେ ଜଣାଶୁଣା, ଗୋଲୁ ଦେବତା ଏତେ ଗଭୀର ଶ୍ରଦ୍ଧା ପାଆନ୍ତି ଯେ ଦୂରଦୂରାନ୍ତରୁ ଲୋକମାନେ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ଏଠାକୁ ଆସନ୍ତି । କୁମାଉନ୍ ଅଞ୍ଚଳରେ, ଗୋଲୁ ଦେବତାଙ୍କୁ ନ୍ୟାୟ ଏବଂ ସତ୍ୟର ପ୍ରତୀକ ଭାବରେ ର ବିବେଚନା କରାଯାଏ। ସ୍ଥାନୀୟ ଲୋକମାନେ



ତାଙ୍କୁ ଭଗବାନ ଶିବଙ୍କ ଅବତାର ବୋଲି ବିଶ୍ୱାସ କରନ୍ତି। ଆଲମୋରାରୁ ଅଳ୍ପ ଦୂରରେ ଅବସ୍ଥିତ, ଚିତାଇ ଗୋଲୁ ମନ୍ଦିରକୁ ପ୍ରତିବର୍ଷ ହଜାର ହଜାର ଭକ୍ତ ଦର୍ଶନ ପାଇଁ ଆସି ଆସିଥାନ୍ତି। ଏହା ବିଶ୍ୱାସ କରାଯାଏ ଯେ ଗୋଲୁ ଦେବତା ସଚ୍ଚୋଟ ହୃଦୟରେ ପ୍ରାର୍ଥନା କରୁଥିବା ଯେକୌଣସି ବ୍ୟକ୍ତିଙ୍କ କଥା ଶୁଣନ୍ତି। ନ୍ୟାୟ ଖୋଜିବା ହେଉ, ସ୍ୱାସ୍ଥ୍ୟ ସମସ୍ୟା ହେଉ, କିମ୍ବା ଅନ୍ୟ କୌଣସି ଇଚ୍ଛା ହେଉ, ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଦେବତା ନିଶ୍ଚିତ ଭାବରେ ସାହାଯ୍ୟ କରିବେ । ଏହି ମନ୍ଦିର ସେମାନଙ୍କର ସବୁଠାରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଚିଠି ଲେଖିବାର ପରମ୍ପରା । ଭକ୍ତମାନେ ସେ ସମସ୍ୟା କିମ୍ବା ଇଚ୍ଛାକୁ ଚିଠି କିମ୍ବା ଷ୍ଟାମ୍ପ ପେପରରେ ଲେଖି ଗୋଲୁ ଦେବତାଙ୍କୁ ଉତ୍ସର୍ଗ କରନ୍ତି । ଯେତେବେଳେ ସେମାନଙ୍କର ଇଚ୍ଛା ପୂରଣ ହୁଏ, ସେମାନେ ମନ୍ଦିରରେ ଘଣ୍ଟା ପ୍ରଦାନ କରନ୍ତି । ମନ୍ଦିର ଚାରିପାଖରେ ଶହ ଶହ ଘଣ୍ଟା ଝୁଲୁଥାଏ, ଯାହା ପୂର୍ଣ ଇଚ୍ଛାର ପ୍ରମାଣ ଦିଏ । କିଛି ଭକ୍ତ ପୋଷ୍ଟ ମାଧ୍ୟମରେ ମଧ୍ୟ ସେମାନଙ୍କର ଅନୁରୋଧ ପଠାନ୍ତି । ଏହି ପରମ୍ପରା ଶହ ଶହ ବର୍ଷ ପୁରୁଣା ଏବଂ ଆଜି ମଧ୍ୟ ଭକ୍ତମାନଙ୍କ ମଧ୍ୟରେ ପୂର୍ଣ୍ଣ ବିଶ୍ୱାସ ସହିତ ଜାରି ରହିଛି। ଗୋଲୁ ଦେବତାଙ୍କ ମୂର୍ତ୍ତି ଧଳା ରଙ୍ଗର । ତାଙ୍କୁ ଘୋଡା ଚଢ଼ି, ପଗଡ଼ି ପିନ୍ଧି ଏବଂ ଧନୁ ଏବଂ ତୀର ଧରି ଚିତ୍ରିତ କରାଯାଇଛି। ଏହି ମୂର୍ତ୍ତି ତାଙ୍କୁ ରାଜକୀୟ ଢଙ୍ଗରେ ଚିତ୍ରିତ କରିଛି। ସ୍ଥାନୀୟ କିମ୍ବଦନ୍ତୀରେ, ତାଙ୍କୁ ବିଶ୍ୱାସ କରନ୍ତି ଯେ ଗୋଲୁ ଦେବତା ଅନ୍ୟାୟର ଶିକାର କୁମାଉନର ରାଜା ମଧ୍ୟ କୁହାଯାଏ । ସେ ଯେକୌଣସି ବ୍ୟକ୍ତିଙ୍କୁ ରକ୍ଷା କରନ୍ତି। ଗୋଲ ଦେବତାଙ୍କ ପରମ୍ପରା ଆଜି ଜୀବିତ ହୋଇ ରହିଛି । ଲୋକଙ୍କୁ ଆଶ୍ୱାସନା ଦିଏ । ଯାହା ପ୍ରକୃତ ବିଶ୍ୱାସ । ଚିତାଇ ଗୋଲୁ ମନ୍ଦିର ବ୍ୟତୀତ, ଉତ୍ତରାଖଣ୍ଡରେ ଗୋଲୁ ଦେବତାଙ୍କୁ ସମର୍ପିତ ଆହୁରି ଅନେକ ମନ୍ଦିର ଅଛି ତଥାପି, ଚିତାଇ ମନ୍ଦିର ସବୁଠାରୁ ପ୍ରସିଦ୍ଧ। ଭକ୍ତମାନେ ଦୂର ଦୂରାନ୍ତରୁ ଏଠାକୁ ଆସନ୍ତି ଓ ଲୋକମାନେ କ୍ୟାୟର ଦେବତା ଗୋଲୁ ଦେବତାଙ୍କୁ ପୂଜା ପୂଜା କରି ସେମାନଙ୍କର ସମସ୍ୟାର ସମାଧାନ ଖୋଜନ୍ତି। ଏହି ମନ୍ଦିର ଉତ୍ତରାଖଣ୍ଡର ସାଂସ୍କୃତିକ ଐତିହ୍ୟର ଏକ ଅଂଶ।

# ଭକ୍ତି ପାଇଁ ମନକୁ ଦୃଢ କରିବା ଉଚିତ





ଯେଉଁଠି ଭୋକ ନ ଥିବ ଆଉ କେବଳ ଲାଳସା ଥିବ ସେଠାରେ ଶ୍ରମ ଶୋଷିତ ହୋଇଥାଏ । ଭୋକ, ସ୍ୱାଦ ଆଉ ଶ୍ରମ ଗୋଟିଏ ପରିବାର ଅଟେ । ଉଚିତ ମଜୁରି ବିନା ପରିବାର ଭାଙ୍ଗି ଯାଇଥାଏ । ଏଠାରେ ସନ୍ଥ କୁହନ୍ତି ଗତିର ପାଇଁ ‘ଚରଣ’ ଆଉ ପ୍ରଗତିର ପାଇଁ ‘ଆଚରଣ’ ବହୁତ ଜରୁରୀ । ଆଉ ଭକ୍ତି ପାଇଁ ମନକୁ ଦୃଢ କରିବା ଉଚିତ । ନିୟମିତ ପୂଜା ଆଉ ସାଧନା । ଈଶ୍ୱରଙ୍କ ପୂଜା ଆଉ ସାଧନା କରିଲେ ଭକ୍ତିର ଭାବନା ଦୃଢ଼ ହୋଇଥାଏ । ନିୟମିତ ରୂପରେ ପୂଜା-ପାଠ ଆଉ ସାଧନା କରିଲେ ମନ ଶାନ୍ତ ହୋଇଥାଏ ଆଉ ଶକ୍ତିର ପ୍ରାପ୍ତି ହୋଇଥାଏ । ଧ୍ୟାନ ଆଉ ଆତ୍ମବିଚାର ଦ୍ୱାରା ନିଜର ମନକୁ ଶାନ୍ତ କରିକି ଈଶ୍ୱରଙ୍କ ସହିତ ଯୋଡି ହେବାର ପ୍ରୟାସ କରିଲେ ଭକ୍ତିର ଭାବନା ଜାଗୃତ ହୋଇଥାଏ । ଆତ୍ମ-ବିଚାର ଆଉ ଆତ୍ମ-ଜ୍ଞାନ ମଧ୍ୟ ଭକ୍ତିକୁ ବଢିବାକୁ ଦେଇଥାଏ । ସନ୍ଥ ଆଉ ଗୁରୁଙ୍କ ଶିକ୍ଷା ଆଉ ତାଙ୍କ ଦ୍ୱାରା ବତା ଯାଇଥିବା ମାର୍ଗ ଉପରେ ଚାଲିଲେ ଭକ୍ତିର ପ୍ରାପ୍ତି ହୋଇଥାଏ । ତାଙ୍କର ଶିକ୍ଷା ଆମକୁ ଈଶ୍ୱରଙ୍କ ସହିତ ଯୋଡି ହେବାର ସଠିକ୍ ପ୍ରଣାଳୀ ଶିଖେଇ ଥାଏ । ଭଜନ ଆଉ କୀର୍ତ୍ତନ କରିଲେ ଶକ୍ତିର ଭାବନା ଜାଗ୍ରତ ହୋଇଥାଏ । ଈଶ୍ୱରଙ୍କ ସ୍ତୁତି କରିଲେ ମନରେ ଭକ୍ତିର ଭାବନା ଉତ୍ପନ୍ନ ହୋଇଥାଏ । ସେବା ଆଉ ପରୋପକାର କରିଲେ ମଧ୍ୟ ଭକ୍ତି ପ୍ରାପ୍ତି ହୋଇଥାଏ । ଯେତେବେଳେ ଆମେ କାହାକୁ ସାହାଯ୍ୟ କରିଥାନ୍ତି,ଆଉ ଆମେ ଈଶ୍ୱରଙ୍କ ସହିତ ଯୋଡି ହୋଇଥାଉ । ଗୁରୁ ମନ୍ତ୍ର ଆଉ ଈଶ୍ୱରଙ୍କ ନାମର ଜପ କରିଲେ ମଧ୍ୟ ଭକ୍ତିର ଭାବନା ବଢିଥାଏ । ନିୟମିତ ଜପ କରିଲେ ମନ ଶାନ୍ତ ହୋଇଥାଏ ଆଉ ଭକ୍ତିର ପ୍ରାପ୍ତି ହୋଇଥାଏ । ଭକ୍ତିର ପ୍ରାପ୍ତି ପାଇଁ ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ଏହା ଯେ ନିଜର ମନକୁ ଶୁଦ୍ଧ ରଖନ୍ତୁ ଆଉ ଈଶ୍ୱରଙ୍କ ସହିତ ଯୋଡି ହେବାର ପ୍ରୟାସ କରନ୍ତୁ । କାରଣ ମନ ବହୁତ ଚଞ୍ଚଳ ଅଟେ ଏହାକୁ ବଶ କରିବା ବହୁତ କଷ୍ଟ ଅଟେ ।



# ଶ୍ରୀଲୋକନାଥ



ପୁରୀ ଶ୍ରୀନ୍ଦିରର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚପାଣ୍ଡବଙ୍କ ମଧ୍ୟରେ ରାମ ରୂପରେ କଳ୍ପିତ। ମନ୍ଦିରଟି ପ୍ରାୟ ୧୦ ଏକର ଜମି ପରିମିତ ସ୍ଥାନରେ ସୁଦୀର୍ଘ ପ୍ରାଚୀର ଦ୍ୱାରା ପରିବେଷ୍ଟିତ। ବେଢ଼ା ସମ୍ମୁଖରେ ପାର୍ବତୀ ସାଗର ନାମକ ଜଳାଶୟ ରହିଛି। ଏହି ଜଳାଶୟର ପତ୍ତନ ସହିତ ମନ୍ଦିରର ଲିଙ୍ଗ ବିଜେ କରିଥିବା ଜଳ ପତ୍ତନ ସମାନ ରୁହେ। କଥିତ ଅଛି ତ୍ରେତୟା ଯୁଗରେ ଜନପଦୀୟ ଲୋକେ ଦେଇଥିବା ଏକ ଲାଉକୁ ଶ୍ରୀରାମଚନ୍ଦ୍ର ଏଠାରେ ଶିବ ଲିଙ୍ଗ ରୂପେ ପୂଜା କରିଥିଲେ। ପରବର୍ତ୍ତୀ କାଳରେ ଏହା ଲାଉକେଶ୍ୱର ରୂପେ ପୂଜିତ ହେଲେ। ଲାଉକେଶ୍ୱର ହିଁ ଜନମାନସରେ ଲୋକମାନଙ୍କ ନାଥ ଅର୍ଥାତ୍ ଲୋକନାଥ ମହାଦେବ ଭାବେ ପରିଚିତ ହୋଇଆସିଛନ୍ତି।

ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବର୍ଷତମାମ ଜଳମଗ୍ନ ହୋଇ ରହିଥାନ୍ତି। ଫାଲଗୁନ କୃଷ୍ଣ ଏକାଦଶୀ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ଏବେର ପରିଦୃଶ୍ୟମାନ ମନ୍ଦିର ଭୌମକର ବଂଶୀୟ ରାଜାମାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟବୋର୍ଡ଼ ଉପରେ ନ୍ୟସ୍ତ ରହିଛି। ଏଠାରେ ପଣ୍ଡା ଓ ମହାପାତ୍ରମାନେ ସେବକ ଭାବେ କାମ କରୁଛନ୍ତି। ପଣ୍ଡା ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବାଟ ଲୋକନାଥ ଏବଂ ମହାପାତ୍ରମାନେ ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବିମଳାଙ୍କ ସେବା କରିଥାନ୍ତି। ଏମାନଙ୍କ ବ୍ୟତୀତ ମାଳି ସେବକ ମଧ୍ୟ ରହିଛନ୍ତି। ଶ୍ରୀଲୋକନାଥଙ୍କ ଉପରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସୁରକ୍ଷା ଦାୟିତ୍ୱ ରହିଛି। ଏଠାରେ ବଲ୍ଲଭ, ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ହୋଇଥାଏ। ବିଶେଷ ପର୍ବ ଭାବେ ଶମ୍ଭୁ ଏକାଦଶୀ ପାଳନ କରାଯାଏ। ସୋମବାର ଦିନ ଏକାଦଶୀ ପଡ଼ିଲେ ଶମ୍ଭୁ ଏକାଦଶୀ ହୁଏ। ଏହି ଦିନ ଶ୍ରୀମନ୍ଦିରରେ ସମନ୍ୱୟାତ୍ମକ ନୀତି ଅନୁଷ୍ଠିତ ହୁଏ। ଏହା କେବଳ ପୁରୀ ଜଗନ୍ନାଥ ଓ ଲୋକନାଥଙ୍କ ମଧ୍ୟରେ ସମାହିତ ହୁଏ। ଶିବ ଚତୁର୍ଦ୍ଦଶୀରେ ଲୋକନାଥ ମନ୍ଦିରରେ ସମନ୍ୱୟାତ୍ମକ ନୀତି ହୋଇଥାଏ। ଏହା ହରିହର ପୂଜା ଭାବେ ବିଦିତ। ଶ୍ରୀଲୋକାନାଥ ମଧ୍ୟ ପଞ୍ଚପାଣ୍ଡବ ଭାବେ ଚନ୍ଦନଯାତ୍ରାରେ ସମ୍ମିଳିତ ହୁଅନ୍ତି। ବୈଶାଖ ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାର ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତ ଏଠାରେ ପହଞ୍ଚି ନୂଆଧାନରେ ଚୁଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପୀଠରେ ପ୍ରସିଦ୍ଧ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।



## ଭଦ୍ରକ ବିକାଶ ଯାତ୍ରାରେ ଆଉ ଏକ ଐତିହାସିକ ଅଧ୍ୟାୟ

ଭଦ୍ରକ ,(ନିପ୍ର): ଡବଲ୍ ଇଞ୍ଜିନ ସରକାରଙ୍କ 'ବିକାଶ ହିଁ ପ୍ରାଥମିକତା, ସୁଶାସନ ହିଁ ପ୍ରତିବଦ୍ଧତା' ମନ୍ତ୍ରକୁ ସାକାର କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସହରୀ ବିକାଶ ଯୋଜନା



ଅଧୀନରେ ଭଦ୍ରକ ପୌରପାଳିକାର ୱାର୍ଡ ନଂ–୧୬ରେ ୫ଟି ଏବଂ ୱାର୍ଡ ନଂ–୭ରେ ୧ଟି ସହ ମୋଟ ୬ଟି ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଯେଉଁ ପ୍ରକଳ୍ପଗୁଡ଼ିକର ମୋଟ ଅଟକଳ ମୂଲ୍ୟ ୮ କୋଟି ୪୦ ଲକ୍ଷ। ଭଦ୍ରକ ବିଧାୟକ, ଜିଲ୍ଲାପାଳ ଉପସ୍ଥିତ ରହି ଏହି ଜନକଲ୍ୟାଣମୂଳକ ପଦକ୍ଷେପର ସାକ୍ଷୀ ହେବାର ସୁଯୋଗ ପାଇଲି।ଏହା କେବଳ ପ୍ରକଳ୍ପର ଶିଳାନ୍ୟାସ ନୁହେଁ ବରଂ ଭଦ୍ରକକୁ ଏକ ସ୍ୱଚ୍ଛ, ସୁନ୍ଦର, ଆଧୁନିକ ଓ ବିକଶିତ ସହରରେ ପରିଣତ କରିବାର ଦୃଢ଼ ସଂକଳ୍ପର ପ୍ରତିଫଳନ।

## ଥାନା ସାମ୍ନାରେ ପେଟ୍ରୋଲ ଢ଼ାଳି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ଥାନା ସାମ୍ନାରେ ଖେଦରପୁର ଗ୍ରାମର ଜନୈକା ନିରୀହ ମହିଳା ଶୁଭଲକ୍ଷ୍ମୀ ଗିରି ନ୍ୟାୟ ନ ପାଇବାରୁ ଥାନା ସାମ୍ନାରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ପୋଲିସ ହସ୍ତକ୍ଷେପ ଫଳରେ ସେ ବର୍ତ୍ତି ଯାଇଥିବା ଜଣାପଡ଼ିଛି । ଗତ ୩ ଦିନ ତଳେ କିଛି ଦୁର୍ବୃତ୍ତ ତାଙ୍କ ସ୍ୱାମୀଙ୍କୁ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଏହା ଦେଖି ଶାଶୁ ଶ୍ୱଶୁର ଘଟଣା ସ୍ଥଳରେ ପହଂଚି ଯିବାରୁ ତାଙ୍କୁ ମଧ୍ୟ ମାଡ଼ ମାରି ରକ୍ତାକ୍ତ କରି ଥିବାରୁ ସ୍ୱାମୀ ଅଦ୍ୟାବଧି ନିଖୋଜ ରହିଛନ୍ତି। ଶ୍ୱଶୁର ପ୍ରଥମେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶୁକ୍ରବାର ସକାଳେ ଥାନା ସାମ୍ନାରେ ଶାଶୁ ଓ ୫ ବର୍ଷର ପୁଅ ସହ ଧାରଣାରେ ବସିଥିଲେ । ଜନୈକ ଅଧିକାରୀଙ୍କ ବ୍ୟବହାରରେ ସେ ଭାଙ୍ଗି ପଡ଼ିଥିଲେ ବୋଲି ଗଣମାଧ୍ୟମ ନିକଟରେ ପ୍ରକାଶ କରି ବାଧ୍ୟବଶତଃ ଆତ୍ମହତ୍ୟା କରିବେ ବୋଲି ନିଷ୍ପତ୍ତି ନେଇଥିଲେ । ପେଟ୍ରୋଲ ଢ଼ାଳି ନିଜ ଦେହରେ ନିଆଁ ଲଗାଇବା ପାଇଁ ଉଦ୍ୟମ କରୁଥିବାବେଳେ କେତେକ ପୋଲିସ କର୍ମଚାରୀମାନେ ତାଙ୍କୁ ନିବୃତ୍ତ କରିବାରେ ସହଯୋଗ କରିଥିଲେ। ଉଭୟଙ୍କ ପକ୍ଷରୁ ଥାନାରେ ଏତାଲା ଦିଆଯିବା ପରେ ପୋଲିସ ୨ଟି ମୋକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାକୁ ଦିଆଯିବନାହିଁ ବୋଲି ଥାନାଧିକାରୀ କହିଥିଲେ।

## ଜୋନସ୍ତରୀୟ କଂଗ୍ରେସ ସଭାପତି ମନୋନୀତ

ନୟାଗଡ଼,(ନିପ୍ର): ନୟାଗଡ଼ ଜିଲ୍ଲା ବ୍ୟାପୀ କଂଗ୍ରେସ ସଂଗଠନ ଜୋନ ଏବଂ ପଞ୍ଚାୟତ ସ୍ତରରେ ସୁଦୃଢ଼ କରିବାକୁ ସାଙ୍ଗଠନିକ ଶକ୍ତିବୃଦ୍ଧି କଂଗ୍ରେସ ଶିବିରରେ କସରତ ଚାଲିଥିବା ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି । ନୟାଗଡ଼ ଜିଲ୍ଲାର ୧୮ ଜିଲ୍ଲା ପରିଷଦ ଜୋନ୍ ପାଇଁ ସଭାପତି ଘୋଷଣା କରାଯାଇଛି ।



ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରିବା ପାଇଁ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ ଜିଲ୍ଲାର ସମସ୍ତ ୧୮ଟି ଜିଲ୍ଲା ପରିଷଦ ଜୋନ୍ ପାଇଁ ନୂତନ ଜୋନାଲ ସଭାପତି (ମଣ୍ଡଳ ସଭାପତି )ଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ସ୍ଥାନୀୟ ନିର୍ବାଚନ ଓ ସାଂଗଠନିକ କାର୍ଯ୍ୟକ୍ରମକୁ ଆଖିରେ ରଖି ଦଳ ଏହି ନୂତନ ଟିମ୍ ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

## ଗ୍ରାମ ପଞ୍ଚାୟତ ପ୍ରତି ବୈମାତୃକ ମନୋଭାବ !

ଭାପୁର,(ନିପ୍ର): ଚଳିତ ଆର୍ଥିକ ବର୍ଷରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ୨୦ ଗୋଟି ପଂଚାୟତରେ ଉନ୍ନତି ପାଇଁ ହେଉଥିବା ଯୋଜନା ମଧ୍ୟରେ କେନ୍ଦ୍ର ଓ ରାଜ୍ୟର ୬ଷ୍ଠ ଅର୍ଥ କମିଶନ ତରଫରୁ ଗ୍ରାମାଞ୍ଚଳର ବିକାଶ ପାଇଁ ପଂଚାୟତ ଉନ୍ନତିକରଣ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବା ପାଇଁ ନିୟମ ରହିଥିଲେ ମଧ୍ୟ ଜୁଲାଇ ମାସ ଶେଷ ହେବା ଉପରେ କିନ୍ତୁ ଭାପୁର ବ୍ଲକରେ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଶୁଣାଯାଏ,ରାଜ୍ୟ ସରକାର ପଂଚାୟତର ଉନ୍ନତି ପାଇଁ ଏହି ଅର୍ଥ ପ୍ରଦାନ କରି ନାହାନ୍ତି। ପଂଚାୟତମାନଙ୍କରେ ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ଅନୁଦାନ କରିଥିବା ଅର୍ଥ ଯେଉଁ ସବୁ ବ୍ୟାଙ୍କରେ ସୁଧ ଟଙ୍କା ଗଛିତ ରହିଛି ତାହା ଫେରାଇବା ପାଇଁ ରାଜ୍ୟ ସରକାର ଚିଠି କରିଛନ୍ତି। ଏହାକୁ ବ୍ୟାଙ୍କମାନେ କାର୍ଯ୍ୟକାରୀ କରି ନ ଥିବାରୁ ରାଜ୍ୟ ତଥା ଭାପୁର ବ୍ଲକର ସରପଞ୍ଚମାନେ ଦୃଢ଼ ନିନ୍ଦା କରିଛନ୍ତି । କାରଣ,ବିଧାୟକ ଓ ସାଂସଦମାନଙ୍କ ଅନୁଦାନ ପାଣ୍ଠିର ବ୍ୟାଙ୍କ ସୁଧ ଟଙ୍କା ସେମାନେ ନିଜେ ଖର୍ଚ୍ଚ କରୁଥିବାବେଳେ ପଂଚାୟତ ପାଇଁ ବୈମାତୃକ ମନୋଭାବକୁ ନେଇ ଭାପୁର ବ୍ଲକ ସରପଞ୍ଚ ସଙ୍ଘ ଦୃଢ଼ ନିନ୍ଦା କରିଛି।

## ନାଗାବଳି ନଦୀଗର୍ଭରେ ଆଡିବନ୍ଧ ନିର୍ମାଣକୁ ନେଇ ବିବାଦ

# ନଈର ଗତିପଥ କେହି ବଦଳାଇ ପାରିବେନି, ଅଭିଯୋଗ ସତ ହେଲେ କାର୍ଯ୍ୟାନୁଷ୍ଠାନ: ଉପଜିଲ୍ଲାପାଳ

ରାୟଗଡା,(ନି:ପ୍ର): ରାୟଗଡ଼ା ଜିଲ୍ଲାର ନାଗାବଳି ନଦୀ ଗର୍ଭରେ ଏକ ପେପର୍ ମିଲ୍ ପକ୍ଷରୁ ବାଲିବସ୍ତା ପକାଇ ଆଡିବନ୍ଧ ନିର୍ମାଣ କରାଯାଉଥିବା ଅଭିଯୋଗକୁ ନେଇ ବିବାଦ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଏହା ଫଳରେ ନଦୀର ସ୍ୱାଭାବିକ ଗତିପଥ ବଦଳୁଛି, ତଳମୁଣ୍ଡ ଅଞ୍ଚଳକୁ ପାଣି ପହଞ୍ଚୁନାହିଁ ଏବଂ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ତେବେ ଏହି ଅଭିଯୋଗକୁ ଉକ୍ତ ପେପର୍ ମିଲ୍ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି।

ଅନ୍ୟପଟେ ଉପଜିଲ୍ଲାପାଳ କହିଛନ୍ତି, କେହି ନଦୀର ଗତିପଥ ପରିବର୍ତ୍ତନ କରିପାରିବେ ନାହିଁ କିମ୍ବା ବାଲିବସ୍ତା ପକାଇ ବନ୍ଧ ନିର୍ମାଣ କରିପାରିବେ ନାହିଁ। ଅଭିଯୋଗର ସତ୍ୟତା ମିଳିଲେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାଗାବଳି ନଦୀଗର୍ଭରେ ବାଲିବସ୍ତା ପକାଇ ବ୍ୟାପକ ଭାବେ କାମ ଚାଲିଥିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଘଟଣାସ୍ଥଳରେ ଶତାଧିକ ଶ୍ରମିକ କାମ କରୁଥିବାବେଳେ ପ୍ଲାଣ୍ଟର ଅଧିକାରୀ ଓ ପିଆରଓ ମଧ୍ୟ ଉପସ୍ଥିତ ଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି କାମ ଫଳରେ ନଦୀର ସ୍ୱାଭାବିକ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି ଓ ତଳମୁଣ୍ଡ ଅଞ୍ଚଳକୁ ପାଣି ପହଞ୍ଚୁନାହିଁ। ଚାଷଜମି ଜଳ ଅଭାବରେ ପ୍ରଭାବିତ ହେଉଥିବା ସହ ଗାଈଗୋରୁଙ୍କ ପାଇଁ ପାଣି ସମସ୍ୟା ଦେଖାଦେଇଛି। ଏହାସହ ପ୍ଲାଣ୍ଟରୁ ବିଷାକ୍ତ ଜଳ ନଦୀକୁ ଛଡ଼ା ଯାଉଥିବାରୁ ପଶୁ ମୃତ୍ୟୁ ଓ ଲୋକମାନେ ଚର୍ମରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ମଧ୍ୟ କରିଛନ୍ତି ସ୍ଥାନୀୟ ବାସିନ୍ଦା। ନଦୀଗର୍ଭରେ ଏଭଳି ବନ୍ଧ ନିର୍ମାଣ ବେଆଇନ ବୋଲି ସେମାନେ ଦାବି କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବନ୍ଧ ନିର୍ମାଣ



ପରେ ନଦୀର ଉଭୟ ପାର୍ଶ୍ୱରେ କୂଳ ଖାଉଥିବାରୁ ଚାଷଜମି ନଦୀଗର୍ଭରେ ଲୀନ ହେଉଛି। ପ୍ରାୟ ୭ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ପେପର୍ ମିଲ୍ ପକ୍ଷରୁ ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ପିଆରଓଙ୍କ କହିବା ଅନୁସାରେ, କମ୍ପାନୀ କୌଣସି ଆଡିବନ୍ଧ ନିର୍ମାଣ କରୁନାହିଁ। ପ୍ଲାଣ୍ଟକୁ ପାଣି ଯିବାରେ ବାଧା ସୃଷ୍ଟି କରୁଥିବା ବାଲିକୁ କେବଳ ହଟାଯାଉଛି। ନଦୀର ଗତିପଥ ପରିବର୍ତ୍ତନ କିମ୍ବା ବନ୍ଧ ନିର୍ମାଣ କରାଯାଉନଥିବା ଦାବି କରିଛନ୍ତି ସେ। ତେବେ ଘଟଣାସ୍ଥଳର ଦୃଶ୍ୟ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ କ୍ୟାମେରା ସାମ୍ନାରୁ ଚାଲିଯାଇଥିଲେ।

ଘଟଣାସ୍ଥଳର ଦୃଶ୍ୟରେ ବାଲିବସ୍ତା ଭରାଯାଉଥିବା, ସେଗୁଡ଼ିକୁ ନଦୀ ମଝିରେ ସଜାଯାଉଥିବା ଏବଂ ବହୁ ସଂଖ୍ୟକ ଶ୍ରମିକ କାମରେ ନିୟୋଜିତ ଥିବା ସ୍ପଷ୍ଟ ଦେଖିବାକୁ ମିଳୁଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ଆହୁରି ବଢ଼ିଛି। ଏହା ପୂର୍ବରୁ ମଧ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଏନେଇ ଅଭିଯୋଗ ହୋଇଥିଲା। ସେତେବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବୈଠକ କରି ଏଭଳି କାମ ନ କରିବାକୁ ତାଗିଦ କରାଯାଇଥିଲା ବୋଲି ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି।

ଆମ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ କହିଛନ୍ତି, ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଘଟଣାର ତଦନ୍ତ କରିବ। ନଦୀର ଗତିପଥ କେହି ପରିବର୍ତ୍ତନ କରିପାରିବେ ନାହିଁ କିମ୍ବା ବାଲିବସ୍ତା ପକାଇ ବନ୍ଧ ନିର୍ମାଣ କରିପାରିବେ ନାହିଁ। ଯଦି ଅଭିଯୋଗ ସତ ପ୍ରମାଣିତ ହୁଏ, ତେବେ ନିଶ୍ଚିତ ଭାବେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ପରେ ପରବର୍ତ୍ତୀ ପଦକ୍ଷେପ ନେଇ ପ୍ରଶାସନ ନିଷ୍ପତ୍ତି ନେବ।

## ରାୟଗଡା ସହରରେ ଘନ କୁହୁଡ଼ି, ପ୍ରାତଃ ଭ୍ରମଣରେ ବିଳମ୍ବ

ରାୟଗଡ଼ା,(ନିପ୍ର): ଘନକୁହୁଡିରେ ଆଚ୍ଛାଦି ରାୟଗଡା ସହର । ସକାଳ ସାତଟା ଯାକେ ଭୂମିରେ ପଡୁନି ସୂର୍ଯ୍ୟ କିରଣ। ମୁହଁକୁ ମୁହଁ ଦିଶୁନି। ବଡି ସକାଳୁ ସକାଳ ଚାଲିରେ ଯାଉଥିବା ଲୋକେ ବର୍ତ୍ତମାନ ୬ଟା ପରେ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। ମର୍ଣ୍ଣିଂ ୱାକର ଦିବାକର ମହାନ୍ତି କୁହନ୍ତି, ଭୋର ଚାରିଟାରୁ ଉଠି ନିତ୍ୟକର୍ମ ସାରି ୪ଟା ୩୦ମି ରେ କିମ୍ବା ୫ ଟା ସୁଦ୍ଧା ଘରୁ ବାହାରି ପଡିଥାଏ। ହେଲେ ଏବେ ୩, ୪ ଦିନ ହେଲା ଘନ କୁହୁଡି ହେଉଥିବାରୁ ଏବେ ଘରୁ ବାହାରିବାରେ ଅଧଘଣ୍ଟା ବିଳମ୍ବ ହେଉଛି। କିନ୍ତୁ ପରେ ଅସୁବିଧା ହେଉଛି। କାରଣ ପିଲା ସବୁ ବାହାରେ, ଘରକାମ ସହଳ ସହଳ ସାରିବାକୁ ପଡିଥାଏ। ନହେଲେ ଡେରି ହୋଇଯାଏ, ଖରାରେ ଘରୁ ବାହାରିବା ମୁସ୍କିଲ। କୁହୁଡି ଭଲଲାଗୁଚି।କୁହୁଡିର ମଜା ଅଲଗା କିଛି। ସାମ୍ନାରୁ ଆସୁଥିବା ବନ୍ଧୁଙ୍କ ମୁହଁ ଦେଖାଯାଏନି, ସହଜେ, ଆଖିକୁ କମ ଦେଖାଯାଏ। କଣ କରିବା ଯେ ବି ଗୋଟିଏ ମଜା। ମହିଳା ୱାକରମାନେ ଏହାର ମଜା ନେଉଥିବା ଦେଖାଯାଇଛି। ବଡ ଖୁସି। ଦେହରେ ଅନୁଭବ ହୁଏ, କୁହୁଡିର ସ୍ପର୍ଷ। ଅନ୍ନପୂର୍ଣ୍ଣା ହୋତା, ୱାକର କ୍ଲବ ସଭ୍ୟା କହିଛନ୍ତି। କିନ୍ତୁ ଯାନବାହନ ଯାତାୟାତରେ ଅସୁବିଧା ହୋଇଥାଏ। ସହରରେ ଅବସ୍ଥା ଏହିପରି, କିନ୍ତୁ ଗ୍ରାମାଞ୍ଚଳରେ ଅନେକ ସମୟ ପର୍ଯ୍ୟନ୍ତ କୁହୁଡି ଜମି ରହେ। ଘାଟି ଅଞ୍ଚଳରେ ଚାଳକଙ୍କୁ ଖୁବ ସତର୍କତାର ସହ ଗାଡି ଚଳେଇବାକୁ ପଡିଥାଏ। ନଚେତ ଘାଟି ତଳକୁ ଗାଡି ଗଡିଯିବାର ସମ୍ଭାବନା ବେଶି। ଏକଥା କହିଛନ୍ତି ଟ୍ରକ ଚାଳକ ରାଜୁ ହିଆଲ, ଓ ହରି ସ୍ୱାମୀବାବୁ। କାହାପାଇଁ ଏହା ମଜା କିନ୍ତୁ ଗାଡି ଚାଳକମାନଙ୍କ ପାଇଁ ଯାତ୍ରୀମାନଙ୍କ ପାଇଁ ଏକ ସତର୍କ ଘଣ୍ଟି ବୋଲି ସଞ୍ଜୟଙ୍କ ସମେତ କଟକ, ଭୁବନେଶ୍ୱରରୁ ବସ୍ ନେଇ ଆସୁଥିବା ବସ ଡ୍ରାଇଭର କହିଛନ୍ତି।

## ପିଏମଶ୍ରୀ ଉଷା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ପିପିଲି,(ନି.ପ୍ର): ପିପିଲି ମହାବିଦ୍ୟାଳୟରେ ପିଏମଶ୍ରୀ ଉଷା ଯୋଜନା ଅଧୀନରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ। ପିପିଲି କଲେଜ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ପଟ୍ଟନାୟକଙ୍କ ସହ ପିପିଲି ବିଡ଼ିଓ ସରୋଜ କୁମାର ରାଉତ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜଗନ କୁମାର ଜେନା, କଲେଜ ଅଧକ୍ଷ ସଦାଶିବ ଦାଶ ପ୍ରମୁଖ ଯୋଗଦେଇଥିଲେ । ଏହି ପ୍ରକଳ୍ପରେ ସ୍ମାର୍ଟ କ୍ଲାସରୁମ୍, ଆଧୁନିକ ଲାବରେଟୋରୀ ଓ ଉପକରଣ, ଷ୍ଟାଫ୍ ରୁମ୍ ସହ ନୂତନ କୋଠା ର୍ନିମାଣର ଯୋଜନା ରହିଛି



ଓ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କଲେଜର ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବା ସହ ପିପିଲି ଅଞ୍ଚଳର ଉଚ୍ଚଶିକ୍ଷାର ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ଘୋଷଣା କହିଛନ୍ତି । ଏହି ଅବସରରେ କଲେଜ ଅଧ୍ୟକ୍ଷ ସଦାଶିବ ଦାଶ କହିଛନ୍ତି ଯେ, ପିଏମଶ୍ରୀ ଉଷା ଯୋଜନାରେ କଲେଜକୁ ସାମିଲ କରାଯାଇଥିବାରୁ ଏହାର ସାମଗ୍ରିକ ବିକାଶରେ ନୂଆ ଦିଗ ଖୋଲିଛି। ସେଥିପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । କାର୍ଯ୍ୟକ୍ରମକୁ ପିଏମଶ୍ରୀ – ଉଷା ନୋଡାଲ ଅଫିସର କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ, ପ୍ରଶାସନିକ ଅଧିକାରୀ ସଚ୍ଚିକାନ୍ତ ନାୟକ, କଲେଜର ଅଧ୍ୟାପକ-ଅଧ୍ୟାପିକା, ପିଏମଶ୍ରୀ ଉଷା କମିଟିର ସଦସ୍ୟମାନେ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ମାନସିଂହ ସାହିତ୍ୟ ସଂସଦର କବିତା ଆସର

କୃଷ୍ଣପ୍ରସାଦ,(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ କବି ମାୟାଧର ମାନସିଂହ ଙ୍କ ଜନ୍ମପୀଠ ନନ୍ଦଳା ଗ୍ରାମରେ ମାନସିଂହ ସାହିତ୍ୟ ସଂସଦର ୬୭ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଯାଜପୁରରୁ ବିଶିଷ୍ଟ କବି ତଥା କଥାକାର ଡ଼ ପ୍ରଜ୍ଞା ପରମିତା ଦାଶ ଯୋଗଦେଇ କବିତାର ସ୍ୱରୂପ ଓ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନା କରିବା ସହ ଅନ୍ୟ ଉପସ୍ଥିତ କବି ମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର ମୁଖ୍ୟ ଉପଦେଷ୍ଟା ଡ଼ ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ।ବ୍ରହ୍ମପୁରରୁ ବନ୍ଦନା ପଣ୍ଡାଙ୍କ ପ୍ରାରମ୍ଭିକ ଭଜନ ପାଠ କରିଥିଲେ। ବ୍ରହ୍ମପୁରରୁ କବି ରଶ୍ମିତା ଦଳାଇଙ୍କ ଚମତ୍କାର ସଂଯୋଜନାରେ ଦେଶ ବିଦେଶରୁ ଅନେକ କବି ଯଥା ଚନ୍ଦ୍ରା ମିଶ୍ର, ଶ୍ୱେତସ୍ୱିନୀ ଜେନା, ମର୍ମସ୍ପର୍ଶୀ ପ୍ରିୟଦର୍ଶିନୀ, ପ୍ରତିମା ପାତ୍ର, ସମୀର ନାୟକ,ପୂର୍ଣ୍ଣ ଚନ୍ଦ୍ର ଜେନା,ନମିତା ସ୍ୱାଇଁ,ଦେବାଶିଷ ପ୍ରଧାନ ସମେତ ପ୍ରାୟ ୪୦ ରୁ ଅଧିକ ସାହିତ୍ୟ ସାଧକ ସାଧିକା ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହ ଆସନ୍ତା କବିତା ଆସର ଅଗଷ୍ଟ ୧୦ ତାରିଖରେ ଅନୁଷ୍ଠିତ ହେବା ପାଇଁ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ।

## ସାପ କାମୁଡ଼ାରେ ନାବାଳକ ଛାତ୍ରର ମୃତ୍ୟୁ

ପିପିଲି,(ନିପ୍ର): ସାପ କାମୁଡ଼ାରେ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବଳଙ୍ଗା ଥାନା ଅନ୍ତର୍ଗତ ଭୁତପଦା ଗ୍ରାମର ଅକ୍ଷୟ ବିଶ୍ୱାଳଙ୍କ ପୁଅ ଆଦିତ୍ୟ(୧୩)ଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ପାର୍ଥିବ ଶରୀର ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ବେଳେ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ସୂଚନା ମୁତାବକ ଆଦିତ୍ୟ ବୁଧବାର ବାରିପଟେ ଥିବା ଇଟା ଗଦାରୁ ଇଟା ବାହାର କରୁଥିଲା ବେଳେ ସେଥିରେ ଥିବା ଏକ ବିଷାକ୍ତ ସାପ ହାତ ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। ଫଳରେ ଆଦିତ୍ୟ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତୁରନ୍ତ ଆଦିତ୍ୟକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ସ୍ଥାନୀୟ ଉତ୍କଳ ମଣି ହାଇସ୍କୁଲ ନୂଆସନ୍ଥର ଅଷ୍ଟମ ଶ୍ରେଣୀର ଛାତ୍ର ଥିଲେ ବୋଲି ଜଣାପଡ଼ିଛି।

## ସାମ୍ବାଦିକଙ୍କ ସୁରକ୍ଷା ଓ କଲ୍ୟାଣ ଦାବିରେ ଭଏସ୍ ଅଫ୍ ମିଡିଆ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଫୁଲବାଣୀ: ସାମ୍ବାଦିକ ମାନଙ୍କ ସୁରକ୍ଷା ଓ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ଦାବିକୁ ନେଇ ଭଏସ୍ ଅଫ୍ ମିଡିଆ ପକ୍ଷରୁ ଗୁରୁବାର କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଭଏସ୍ ଅଫ୍ ମିଡିଆର ରାଜ୍ୟ ଓ କନ୍ଧମାଳ ଜିଲ୍ଲା ଶାଖାର ପଦାଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଦାବିପତ୍ରରେ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ମାସିକ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ଓ ଦୁର୍ଘଟଣାଜନିତ ବୀମା ସୁବିଧା, କର୍ତ୍ତବ୍ୟ ପାଳନ ସମୟରେ ଆକ୍ରମଣ ହେଲେ ତ୍ୱରିତ ଆଇନଗତ ପଦକ୍ଷେପ, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ସୁଦୃଢ଼ କରିବା ଏବଂ ଗ୍ରାମାଞ୍ଚଳର ସାମ୍ବାଦିକ ମାନଙ୍କୁ ସମାନ ସୁବିଧା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାମିଲ ରହିଛି। ଭଏସ୍ ଅଫ୍ ମିଡିଆ ପକ୍ଷରୁ କୁହାଯାଇଛି ଯେ, ସାମ୍ବାଦିକମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିରପେକ୍ଷ ଓ ସତ୍ୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା, ସମ୍ମାନ ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ ଦାୟିତ୍ୱ ବୋଲି ସଂଗଠନ ଦାବି କରିଛି।

ଏହି କାର୍ଯ୍ୟକ୍ରମରେ ଭଏସ୍ ଅଫ୍ ମିଡିଆର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ, ଜିଲ୍ଲା କମିଟି ଆଇନ ଉପଦେଷ୍ଟା ଆଦିତ୍ୟ ତ୍ରିପାଠୀ, କେନ୍ଦ୍ର କମିଟି ସଦସ୍ୟ ଓ କନ୍ଧମାଳ ଜିଲ୍ଲା ସଭାପତି ଶିବାନନ୍ଦ ପଟନାୟକ, ରାଜ୍ୟ ସମ୍ପାଦକ ସୁକାନ୍ତ କୁମାର ପରିଡ଼ା, ରାଜ୍ୟ ଉପ ସଭାପତି ବି.ଭି. ଶଙ୍କର, କନ୍ଧମାଳ ଜିଲ୍ଲା ଉପ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, କନ୍ଧମାଳ ଜିଲ୍ଲା ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ସୁଧୀର କୁମାର ମହାରଣା, କୋଷାଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପଟନାୟକ, ସଦସ୍ୟ କ୍ଷୀରୋଦ ସାହାଣୀ, ପାର୍ଥ ସାରଥୀ ବିଶ୍ୱାଳ, ବିମଳ ନାୟକ, ସତ୍ୟନାରାୟଣ ବେହେରା, କାହ୍ନା ପଟ୍ଟନାୟକ, ପ୍ରଶାନ୍ତ କୁମାର ଜେନା ଓ ଅନ୍ୟମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ଭାଇ ବୋହୂକୁ ଦେଢଶୁରର ଆକ୍ରମଣ

ପିପିଲି,(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ବରଶିଆ ପାଟଣା ଗ୍ରାମରେ ଦେଢ଼ଶୁର ଇଟା ମାଡ଼ରେ ଭାଇବୋହୂ ଗୁରୁତର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ କରି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୂଚନା ମୁତାବକ ଗ୍ରାମର ଜନୈକଙ୍କ ପତ୍ନୀ କମଳା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ କମଳାଙ୍କ ସ୍ୱାମୀର ବଡ଼ ଭାଇ ଭରତ କିଛି ଦିନ ପୂର୍ବେ ଗୁଣି ଗାରେଡ଼ି କରି ଶରତଙ୍କ ପରିବାରକୁ ମାରିବା ପାଇଁ ଧମକ ଦେଇଥିଲେ। ଗତ ବୁଧବାର ସଂଧ୍ୟାରେ ଭରତ ଏକ ପାଣି ବୋତଲ ଆଣି ଶରତଙ୍କ ଘର ଭିତରକୁ ଛିଞ୍ଚି ଦେଇଥିଲେ। ଏହା ଦେଖି କମଳା ଶରତଙ୍କୁ କହିବାରେ ସେ ଭରତଙ୍କୁ କଣ ପାଇଁ ଆମ ଘରେ ପାଣି ଛିଞ୍ଚୁଥିଲ ବୋଲି ପଚାରିଥିଲେ। ଭରତ କୌଣସି ଉତ୍ତର ଦେଇନଥିଲେ। ରାତି ୮ସମୟରେ କମଳା ଦାଣ୍ଡରେ ଠିଆ ହୋଇଥିଲା ବେଳେ ଭରତ ଓ ତାଙ୍କ ପତ୍ନୀ, ଝିଅ ଛାତ ଉପରୁ ଥାଇ କମଳାଙ୍କ ଉପରକୁ ଟର୍ଚ୍ଚ ଲାଇଟ୍ ମାରିଥିଲେ। କମଳା ପ୍ରତିବାଦ କରିବାରୁ ଆସାମୀମାନେ ଛାତ ଉପରୁ ଇଟା ମାଡ କରିଥିଲେ। ଫଳରେ କମଳାଙ୍କ ନାକ ଓ ମୁହଁ ଫାଟି ଯାଇଥିଲା ବୋଲି କମଳା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ବିଭିନ୍ନ ସ୍ଥାନରେ ଡ୍ରେନ ସହ ଡ୍ରେନ କଭର କରାଯାଇଛି: ମନ୍ତ୍ରୀ

ଭୁବନେଶ୍ୱର : ଡ୍ରେନେଜ୍ ସମସ୍ୟାକୁ ନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଡ୍ରେନ ସହ ଡ୍ରେନ କଭର କରାଯାଇଛି । ଯେଉଁଠି ପାଣି ଜମୁଥିଲା ଏବେ ତାହା ବର୍ତ୍ତମାନ କମିଯାଇଛି। ଭୁବନେଶ୍ୱରର ମାଷ୍ଟର ପ୍ଲାନ ଆଇଆଇଟି ରୁରୁକିକୁ ଦେଇଛୁ । ରୁରୁକି ଖୁବଶୀଘ୍ର ମାଷ୍ଟର ପ୍ଲାନ ଦେବା ପରେ କାର୍ଯ୍ୟ ଆରମ୍ଭ ହେବ । ରାଜ୍ୟର ସମସ୍ତ ସହରାଞ୍ଚଳରେ ମାଷ୍ଟର ଡ୍ରେନେଜ ପ୍ଲାନ ହେବ । କିଛି ସ୍ଥାନରେ କାମ ଆରମ୍ଭ ହୋଇଗଲାଣି, ବିଭାଗ ନଜର ରଖିଛି । ନୂଆ ମାଷ୍ଟର ପ୍ଲାନ ଆସିଲେ ଆମେ କାମ ଆରମ୍ଭ କରିବୁ ବୋଲି ମନ୍ତ୍ରୀ କହିଛନ୍ତି ।

## ବିଶ୍ୱ ଜନସଂଖ୍ୟା ଦିବସରେ ସଚେତନତା ବାର୍ତ୍ତା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର : ବିଶ୍ୱ ଜନସଂଖ୍ୟା ଦିବସରେ ସଚେତନତା ବାର୍ତ୍ତା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଏ। ମନ୍ତ୍ରୀ କହିଛନ୍ତି ଯେ, ଏହି ଦିବସ ଉପଲକ୍ଷେ ଆସନ୍ତୁ ଆମେ ପରିବାର ନିୟୋଜନ, ପରିବେଶ ସଂରକ୍ଷଣ ଏବଂ ସନ୍ତୁଳିତ ଜୀବନ ଶୈଳୀ ପାଇଁ ସମାଜରେ ସଚେତନ ବାର୍ତ୍ତା ବାଣ୍ଟିବାର ସଙ୍କଳ୍ପ ନେବା।

## ନିଆରା ଢଙ୍ଗରେ ସାମାଜିକ କର୍ମୀଙ୍କ ବିବାହ ଉତ୍ସବ

ନିମାପଡ଼ା,(ନି.ପ୍ର.): ଆଜିକାଲି ବାହାଘରରେ ବିପୁଳ ଅର୍ଥ ବ୍ୟୟ ସହିତ ଦାମି ଦାମି ହୋଟେଲ/ରିସୋର୍ଟରେ କରାଯାଇଥିବା ବେଳେ ନିମାପଡ଼ାର ଅନ୍ୟତମ ସାମାଜିକ କର୍ମୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସେଲ୍ଫ ଏମ୍ପାଓରମେଣ୍ଟ ସଂପାଦକ ଗୋପିନାଥ ପାତ୍ରଙ୍କ ନିଜ ବାହାଘର ଏକ ନିଆରା ଢ଼ଙ୍ଗରେ ପାଳି ଥିବାରୁ ସାଧାରଣରେ ତାହା ଚର୍ଚ୍ଚାର ବିଷୟବସ୍ତୁ ହୋଇଥିଲା। ବାହାଘରରେ ବାଣ, ବାଜା, ଡ଼ିଜେ, ନାଚ ଗୀତକୁ ତୁଚ୍ଛ କରି ପାରମ୍ପରିକ ଓ ଜଗନ୍ନାଥ ସଂସ୍କୃତି ତଥା ହିନ୍ଦୁ ଧର୍ମ ଅନୁଯାୟୀ ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା। ଏହି ବିବାହ ଉତ୍ସବ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ରଥଯାତ୍ରା ଉପଲକ୍ଷେ ପୁରୀ ଜିଲ୍ଲାର ବିଭିନ୍ନ ହୋଟେଲରେ ପୋଲିସର ବ୍ୟାପକ ରାତ୍ରିକାଳୀନ ଯାଞ୍ଚ

ପୁରୀ,(ନିପ୍ର): ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ଦେଶ-ବିଦେଶରୁ ଆସୁଥିବା ଅତିଥିମାନଙ୍କର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ସମଗ୍ର ଜିଲ୍ଲାର ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସ ଏବଂ ରହଣି ବ୍ୟବସ୍ଥା ଥିବା ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ରାତ୍ରିକାଳୀନ ଯାଞ୍ଚ ଅଭିଯାନ କରାଯାଇଛି। ଏହି ଅଭିଯାନରେ ପୁରୀ ପୋଲିସର ଥାନା ଅଧିକାରୀମାନଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ପୋଲିସ ଅଧିକାରୀ, ସ୍ୱତନ୍ତ୍ର ଟିମ୍ ଏବଂ ସୁରକ୍ଷା ବାହିନୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ରାତ୍ରି ସମୟରେ ହଠାତ୍ ଯାଞ୍ଚ ମାଧ୍ୟମରେ ହୋଟେଲଗୁଡ଼ିକରେ ରହୁଥିବା ଅତିଥିମାନଙ୍କର ସୁରକ୍ଷା, ରେଜିଷ୍ଟର ଏବଂ ଡିଜିଟାଲ ରେକର୍ଡର ସଠିକ୍ ସଂରକ୍ଷଣ, ପରିଚୟପତ୍ର ଯାଞ୍ଚ, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜରଦାରି ଏବଂ ସାମଗ୍ରିକ ଆଇନ-ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା



କରାଯାଇଥିଲା। ଯାଞ୍ଚ ସମୟରେ ହୋଟେଲ କର୍ତ୍ତୃପକ୍ଷଙ୍କୁ ସମସ୍ତ ଅତିଥିଙ୍କର ଠିକ୍ ପରିଚୟପତ୍ର ସଂଗ୍ରହ କରିବା, ଚେକ୍-ଇନ୍ ଏବଂ ଚେକ୍-ଆଉଟ୍ ସମ୍ବନ୍ଧୀୟ ରେକର୍ଡକୁ ସଠିକ୍ ଭାବେ ସଂରକ୍ଷଣ କରିବା, ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ୱାଭାବିକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ନିକଟସ୍ଥ ଥାନାକୁ ଅବଗତ କରିବା, ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସକ୍ରିୟ ରଖିବା ଏବଂ ସିସିଟିଭି କ୍ୟାମେରା ସବୁବେଳେ କାର୍ଯ୍ୟକ୍ଷମ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ହୋଟେଲ ପରିଚାଳକମାନଙ୍କୁ ବିନା ପରିଚୟପତ୍ରରେ କୌଣସି ବ୍ୟକ୍ତିଙ୍କୁ ରହିବାକୁ ଅନୁମତି ନ ଦେବା, ବିଦେଶୀ ନାଗରିକଙ୍କ ସମ୍ବନ୍ଧୀୟ ପ୍ରଚଳିତ ନିୟମାବଳୀକୁ କଡାକଡି ପାଳନ କରିବା ଏବଂ ପୋଲିସ ସହିତ ସର୍ବଦା ସମନ୍ୱୟ ରକ୍ଷା କରିବାକୁ ଅନୁରୋଧ କରାଯାଇଛି।

ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ରଥଯାତ୍ରା ଅବସରରେ ଆସୁଥିବା ପ୍ରତ୍ୟେକ ଭକ୍ତ, ପର୍ଯ୍ୟଟକ ଓ ଅତିଥିଙ୍କୁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ନିର୍ଭୟ ପରିବେଶ ପ୍ରଦାନ କରିବା ପାଇଁ ପୁରୀ ପୋଲିସ ୨୪୍୭ ସଜାଗ ଏବଂ ସକ୍ରିୟ ରହିଛି। ସହରର ପ୍ରମୁଖ ସ୍ଥାନ, ଧାର୍ମିକ ସ୍ଥଳ, ପାର୍କିଂ ସ୍ଥାନ, ହୋଟେଲ, ବସଷ୍ଟାଣ୍ଡ, ରେଳ ଷ୍ଟେସନ, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଓ ନଜରଦାରିକୁ ଆହୁରି ସୁଦୃଢ଼ କରାଯାଇଛି।

ପୁରୀ ପୋଲିସ ସମସ୍ତ ହୋଟେଲ ମାଲିକ, ପରିଚାଳକ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରତିଷ୍ଠାନମାନଙ୍କୁ ଆଇନଗତ ନିୟମ ପାଳନ କରିବା ସହ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରୁଛି। ସେହିପରି ସମସ୍ତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ମଧ୍ୟ ନିଜର ପରିଚୟପତ୍ର ସାଙ୍ଗରେ ରଖିବା, ସତର୍କ ରହିବା ଏବଂ କୌଣସି ସନ୍ଦେହଜନକ ଘଟଣା କିମ୍ବା ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ଅନୁରୋଧ କରାଯାଉଛି। ପବିତ୍ର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସଫଳ କରିବା ପାଇଁ ପୁରୀ ପୋଲିସ ସମସ୍ତ ସହଯୋଗୀ ସଂସ୍ଥା, ହୋଟେଲ କର୍ତ୍ତୃପକ୍ଷ, ସ୍ଥାନୀୟ ନାଗରିକ ଓ ଶ୍ରଦ୍ଧାଳୁମାନଙ୍କର ସହଯୋଗ କାମନା କରୁଛି।

ତିଥି :(ତ୍ରୟୋଦଶୀ): (ରୋହିଣୀ ବୃଷ)
ଅମୃତ ବେଳା: ଦିବା ଘ ୬।୫୪ ଗତେ ଘ ୯।୮ ମଧ୍ୟେ

## ଆଜିର ଅନୁଚିନ୍ତନ

**ହେ ପୃଥାନନ୍ଦନ ! ଯେତେବେଳେ ସାଧକ ମନୋଗତ ସମସ୍ତ କାମନାକୁ ପୂର୍ଣ୍ଣରୂପେ ତ୍ୟାଗ କରିଦିଏ ଏବଂ ନିଜ ଦ୍ୱାରା ନିଜ ଠାରେ ସନ୍ତୁଷ୍ଟ ରହେ, ସେତେବେଳେ ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ।**

**- ଶ୍ରୀମଦ୍ ଭଗବଦ୍ ଗୀତା**

# ତଦନ୍ତ ପରିସର ବ୍ୟାପକ ହେଉ

ଅଯୋଧ୍ୟାସ୍ଥିତ ରାମମନ୍ଦିର କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ତେବେ ଏହି ମନ୍ଦିରକୁ ଦିଆଯାଇଥିବା ଦାନ ଅର୍ଥ ହେରଫେର ଅଭିଯୋଗ ଆସିବା ପରଠାରୁ ବହୁ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ଅବଶ୍ୟ ଏହି ହେରାଫେରି ଅଭିଯୋଗ ନେଇ ଆସିଥିବା ଆବେଦନଗୁଡ଼ିକ ଖୋଦ୍ ସୁପ୍ରିମକୋର୍ଟ ଆଗାମୀ ସୋମବାର ଶୁଣାଣି କରିବେ। ଦିଆଯାଇଥିବା ଦାନ ଗଣନାରେ ନିୟୋଜିତ ପାଖାପାଖି ୪୦ କର୍ମଚାରୀଙ୍କ ମଧ୍ୟରୁ ଅର୍ଦ୍ଧେକରୁ ଅଧିକ ଇସ୍ତଫା ଦେବା ଭିନ୍ନ ଦିଗ ପ୍ରତି ଇଙ୍ଗିତ କରିଛି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଗଣନା ହେଉଥିବାବେଳେ ଏବେ ତାହା ଗୋଟିଏ ପର୍ଯ୍ୟାୟକୁ କମିବା ଓ ଅର୍ଦ୍ଧେକ କର୍ମଚାରୀ ଇସ୍ତଫା ଦେବା ଫଳରେ କାର୍ଯ୍ୟଭାର ନିଶ୍ଚୟ ରହିବ। ତେବେ ଯେଉଁମାନେ ଇସ୍ତଫା ଦେଇଛନ୍ତି ସେମାନେ ୱାର୍କଲୋଡ୍ କାରଣ ଏଥିଲାଗି ଉଠାଇଛନ୍ତି। ଅବଶ୍ୟ କାର୍ଯ୍ୟଭାର ଦିଗ ଏଡ଼ାଇ ହେବନାହିଁ। କିନ୍ତୁ ଅର୍ଦ୍ଧେକରୁ ଅଧିକ ଇସ୍ତଫା ଦେବା ସହଜରେ ଗ୍ରହଣ କରିହେଉନାହିଁ। ଗଣନା ସ୍ଥଳରେ ଡିଜିଟାଲ ଏଣ୍ଟ୍ରି-ଏକ୍‌ଜିଟ୍ ଟ୍ରାକିଂ ସିଷ୍ଟମ ଲାଗିଛି, ଯାହାକି ପ୍ରତ୍ୟେକ କର୍ମଚାରୀଙ୍କ ଚଳାଚଳକୁ ରେକର୍ଡ କରୁଛି। ତେବେ ଯାହା ଜଣାପଡୁଛି ଦାନ ଅର୍ଥ ଲୁଟ୍ ଅଭିଯୋଗର ତଦନ୍ତ ଚାଲିଥିବାରୁ ଅର୍ଦ୍ଧେକ କର୍ମଚାରୀ ତଦନ୍ତର ସମ୍ମୁଖୀନ ହେବା ଭୟରେ ଇସ୍ତଫା ଦେଇଥିବା ମନେ ହେଉଛି। ସୁତରାଂ ଯେଉଁମାନେ ଇସ୍ତଫା ଦେଇଛନ୍ତି ସେମାନଙ୍କ ସଂପର୍କରେ ଖୋଳତାଡ କରାଯିବା ଲୋଡ଼ା ପଡୁଛି। ଦାନ ଅର୍ଥ ଆତ୍ମସାତ୍ ଘଟଣା ନେଇ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଯଦି ଇସ୍ତଫା ଦେଇଥିବା କର୍ମଚାରୀଙ୍କ ବିଷୟରେ ମୁଣ୍ଡ ଖେଳାଇବେ ନିଶ୍ଚୟ କୌଣସି ନା କୌଣସି ସୂତ୍ର ମିଳିପାରିବ। ଯାହା ସେମାନଙ୍କ ତଦନ୍ତକୁ ଆଗକୁ ବଢାଇବାରେ ସହାୟତା କରିବ, ଏପରି ମନେ କରାଯାଉଛି।

ଏକ ତଥ୍ୟ ମୁତାବକ ଦାନ ସୂତ୍ରରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ମିଳିଥିବା ଅର୍ଥର ପରିମାଣ ହେଉଛି ୩୨ଶହ ୬୪କୋଟି। ଯେବେଠୁ ନିଧିସମର୍ପଣ ଅଭିଯାନ ଆରମ୍ଭ ହେଲା ସେବେଠାରୁ ଅର୍ଥ ଦାନ ଚାଲିଛି। ଅବଶ୍ୟ ମିଳିଥିବା ଅର୍ଥରୁ ଭିତ୍ତିଭୂମି ବିକାଶ ପାଇଁ ୨,୩୭୦କୋଟି ଓ ମନ୍ଦିର ପରିଚାଳନା ତଥା ପ୍ରଶାସନିକ କାର୍ଯ୍ୟ ପ୍ରଭୃତି ନିମିତ୍ତ ଖର୍ଚ୍ଚ ହୋଇଛି ୩୯୧କୋଟି। ବଳକା ଅର୍ଥ ଟ୍ରଷ୍ଟ ନିକଟରେ ସୁରକ୍ଷିତ ଓ ତାହା ଆଗାମୀ ଦିନରେ ବ୍ୟବହାର କରାଯିବ ବୋଲି ଦର୍ଶାଯାଉଛି। ପ୍ରଶ୍ନ ଉଠୁଛି ଯଦି ଦାନ ଅର୍ଥରୁ ଲୁଟ୍ ହୋଇପାରିଲା ଏବଂ ଏ ସଂକ୍ରାନ୍ତରେ ବହୁ ଅଭିଯୋଗର ତଦନ୍ତ ହୋଇପାରୁଛି ସେହି ଆଧାରରେ ଭିତ୍ତିଭୂମି ଉନ୍ନୟନ ଲାଗି ଖର୍ଚ୍ଚ ହୋଇଥିବା ୨,୩୭୦ କୋଟିରେ କିଛି ହେରାଫେରି ହୋଇନାହିଁ ତ ! ସ୍ୱଚ୍ଛତାର ସହ ଖର୍ଚ୍ଚ କରାଯାଇଛି ତ ! ସେମିତି ପ୍ରଶାସନିକ ତଥା ମନ୍ଦିର ପରିଚାଳନା ବାବଦରେ ବ୍ୟୟ ହୋଇଥିବା ୩୯୧କୋଟିରେ କିଛି ଏପଟସେପଟ ହୋଇନାହିଁ ତ ! ଏପରି ପ୍ରଶ୍ନ ଓ ସନ୍ଦେହ ଉପୁଜିବା ସାଧାରଣ। ଦାନ ଅର୍ଥ ଲୁଟ୍‌ରେ ସଂପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ କେତେକ ନିଜ ସାଙ୍ଗ ଓ ସଂପର୍କୀୟମାନଙ୍କ ବ୍ୟାଙ୍କ ଜମା ଖାତାରୁ ଟଙ୍କା ସଂଚୟ କରି ପରେ ଉଠାଇଥିବା ଖବର ନିକଟରେ ଚର୍ଚ୍ଚାକୁ ଆସିଥିଲା। ଏହି ପରିପ୍ରେକ୍ଷୀରେ ଯେତେସବୁ ସନ୍ଦିଗ୍ଧ ଦିଗ ସେନେଇ ଏସ୍‌ଟିଏ ଅନୁସନ୍ଧାନ କରିବା ଅତ୍ୟନ୍ତ ଜରୁରୀ ମନେ ହୁଏ।

# ସ୍ୱଭାବର ଦାସ ମନୁଷ୍ୟ...

## ମନୋଜ କୁମାର ବେହେରା

ମନୁଷ୍ୟକୁ ପ୍ରକୃତି ଗୋଟିଏ ଅଦ୍‌ଭୁତ ଶକ୍ତି ଦେଇଛି, ଭାବିବାକୁ,ଠିକ୍ ଆଉ ଭୁଲକୁ ଚିହ୍ନିବା ପାଇଁ ଆଉ ନିଜକୁ ବଦଳେଇବା ପାଇଁ । କିନ୍ତୁ ଆଜି ସବୁଠୁ ବଡ ପ୍ରଶ୍ନ ଏହା ନୁହେଁ କି ମନୁଷ୍ୟକୁ ଜଣା ନାହିଁ ଯେ କ'ଣ ଠିକ୍ ଅଟେ, ପ୍ରଶ୍ନ ଏହା ଯେ କ'ଣ ସେ ଠିକ୍ ଜାଣିକରି ମଧ୍ୟ ତାକୁ ଆପଣେଇବାକୁ ଚାହିଁଥାଏ ? ଆଜି ଅମେ ଏମିତି ସମୟରେ ଜୀବନ ବିତାଉଛେ ଯେଉଁଠି ଚେତାବନୀ ସାଜିଛି ବଦଳୁଥିବା ମୌସୁମି,ଦୁର୍ଭିକ୍ଷ ସ୍ଥିତି,ବଢି,ପ୍ରଦୂଷଣ ପ୍ରଭୃତି। ସଂସାଧନର ଅଧିକ ବ୍ୟୟକରିବା, ଜୈବ ବିବିଧତାର କ୍ଷରଣ । ଏହା କେବଳ ବୈଜ୍ଞାନିକ ତଥ୍ୟ ନୁହେଁ,ଏହା ପ୍ରକୃତିର ଦର୍ପଣ ଅଟେ । ପ୍ରକୃତି ଆମକୁ ଦେଖାଉଛି ଯେ କେଉଁଠି କିଛି ଅସନ୍ତୁଳନ ହୋଇ ଯାଇଛି ? କିନ୍ତୁ କ'ଣ ଆମେଏହି ଦର୍ପଣରେ ସ୍ୱୟଂକୁ ଦେଖିବା ପାଇଁ ପ୍ରସ୍ତୁତ ?

କୁହାଯାଏ ଯେ ସ୍ୱର୍ଗ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ମୃତ୍ୟୁ ଆବଶ୍ୟକ ଅଟେ । କିନ୍ତୁବୋଧେ ଏହାର ଅର୍ଥ କେବଳ ଶରୀର ମୃତ୍ୟୁ ନୁହେଁ,ଏହା ଭିତରର ସେହି ସ୍ୱଭାବର ମୃତ୍ୟୁ ଅଟେ ଯାହା ଆମକୁ ବାନ୍ଧିଥାଏ । ଅତ୍ୟଧିକ ଉପଯୋଗ,ଲୋଭ,ସୁବିଧାର ବଦ୍‌ଭ୍ୟାସ,ସ୍ୱାଦର ଗୋଲାମୀ ଆଉ ଏହି ଚିନ୍ତାଧାରା ଯେ, 'ଯେତେବେଳେ ସମସ୍ତେ କରୁଛନ୍ତି ତା'ହେଲେ ମୁଁ କାହିଁକି ବଦଳିବି ?' ଆଜି ମନୁଷ୍ୟ ନିଜ ଇଚ୍ଛାର ସ୍ୱାମୀ କମ୍ ଆଉ ତାହାର ସେବକର ଅଧିକ ଏପରି ପାଲଟି ଯାଇଛି । ଆମେ ଜାଣିଥାଉ ଯେ ଅତ୍ୟଧିକ ଉପଭୋଗ, ସଂସାଧନର ଅନିୟନ୍ତ୍ରିତ ଉପଯୋଗ, ଭୋଜନ ଆଉ ଜୀବନଶୈଳୀର ବହୁତ ବର୍ତ୍ତମାନ ଧାରାର ପରିବେଶ ଉପରେ ଚାପ ପକେଇଥାଏ । ତଥାପି ପରିବର୍ତ୍ତନ କଠିନ ଲାଗିଥାଏ । ଆମେଜାଣନ୍ତି ଯେ ଅନାବଶ୍ୟକ ଉପଭୋଗ କମ୍ କରାଯାଇ ପାରିବ,ଅପଶିଷ୍ଟ କମ୍ କରାଯାଇ ପାରିବ,ଅଧିକ ଶକ୍ତିଶାଳୀ ବିକଳ୍ପ ଚୟନ କରାଯାଇ ପାରିବ । ତଥାପି ଅମେ ଏହା ଲୁଟେରା ହୋଇଥାଉ ।

ଏହିଠାରୁ ଗୋଟିଏ ଗମ୍ଭୀର ପ୍ରଶ୍ନ ଜନ୍ମ ନେଇଥାଏ,କ'ଣ ଆମେ ନିଜର ସୁବିଧାର ପାଇଁ ଆସୁଥିବା ପିଢିଙ୍କର ଭାଗକୁ କମ୍‌କରି ଦେଉଛେ ? ଏହି ଲେଖା କୌଣସି ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଅଭ୍ୟାସକୁ ଦୋଷ ଦେବାର ପ୍ରୟାସ ନୁହେଁ । ଜଳବାୟୁ ପରିବର୍ତ୍ତନ ଭଳିସମସ୍ୟା ଅନେକ କାରଣରୁ ଜଡ଼ିତ ଥାଏ, ଯେମିତି ଉର୍ଜା,ଉଦ୍ୟୋଗ,ପରିବହନ, ଭୂମି ଉପଯୋଗ,ଉପଭୋଗର ବଦ୍‌ଭ୍ୟାସ,କୃଷି ଆଉ ନୀତି । ସମାଧାନ ମଧ୍ୟ ସାମୂହିକ ହେବ । କିନ୍ତୁ ଏହା ମଧ୍ୟ ସତ୍ୟ ଅଟେ କି ସମାଜର ଦିଶା ବ୍ୟକ୍ତିଗତ ନିର୍ଣ୍ଣୟରୁ ତିଆରି ହୋଇ ନଥାଏ । ଆମେ ପ୍ରାୟଃ କହିଥାଉ,'ସରକାର କିଛି ତ କରୁ', 'ଆଗ ସମାଜ ବଦଳୁ', 'ଲୋକ ସାବଧାନ ହୁଅନ୍ତୁ' । କିନ୍ତୁ ଇତିହାସ ସାକ୍ଷୀ ଥାଏଯେ ପ୍ରତ୍ୟେକ ବଡ ପରିବର୍ତ୍ତନ ପ୍ରଥମେ ବ୍ୟକ୍ତିର ଭିତରୁ ଆସିଥାଏ । ଯେତେବେଳେ ମନୁଷ୍ୟ ସ୍ୱୟଂକୁ ପ୍ରଶ୍ନ ପଚାରିବା ଆରମ୍ଭ କରିଥାଏ,'କ'ଣ ମୁଁ ଯେତିକି ନେଉଛି, ସେତିକି ଫେରେଇ ଦେଉଛି ତ' ? କ'ଣ ମୋର ସୁବିଧା ଆଉ କାହାର ଯନ୍ତ୍ରଣାରେ ପାଲଟି ଯାଉନି ତ? କ'ଣ ମୁଁ କେବଳ ଆଲୋଚନା କରୁଛି କିମ୍ବା ନା'କିଛି ବଦଳେଇ ପାରୁଛି ?

ସମସ୍ୟା ଏହା ନୁହେଁ ଯେ ଆମେ ଦୋଷକୁ ଦେଖି ନଥାନ୍ତି । ସମସ୍ୟା ଏହାଯେ ଆମେଏହାକୁ ସାମାନ୍ୟ ବୋଲି ମାନି ନେଇଥାଉ । ଆମେ ଛୁଆମାନଙ୍କୁ ସଫଳତା ଶିଖାଉଛେ, କିନ୍ତୁ ସଂଯମ ନୁହେଁ । ପ୍ରତିଯୋଗିତା ଶିଖାଉଛେ,କିନ୍ତୁ କରୁଣା ନୁହେଁ । ରୋଜଗାର କରିବା ଶିଖାଉଛେ, କିନ୍ତୁ ପୃଥିବୀର ସହିତ ସହ-ଅସ୍ତିତ୍ୱ ନୁହେଁ । ଯଦି ଆଗାମୀ ପିଢିକୁ ସୁରକ୍ଷିତ,ସୁନ୍ଦର ଆଉ ଜୀବନ୍ତ ପୃଥିବୀ ଦେବାକୁ ହେବ, ତା'ହେଲେ ପରିବର୍ତ୍ତନ କେବଳ ନୀତିରୁ ଆସିବନି,ତାହା ଆମର ଦିନଚର୍ଯ୍ୟା,ଆମର ଥାଳି,ଆମର କିଣାବିକା,ଆମରଡାକ ଆଉ ଆମର ସାହସରୁ ଆସିବ । ପ୍ରତ୍ୟେକ ଯୁଗରେ ସଭ୍ୟତା ସବୁ ବାହାରୁ ନୁହେଁ,ଭିତରର ଦୁର୍ବଳତାରୁ ହେଇଛି । ଆଉ ପ୍ରତ୍ୟେକ ପୁର୍ନଜାଗରଣ ମଧ୍ୟ ଭିତରୁ ହିଁ ଆରମ୍ଭ ହେଇଛି । ଆଜି ଅବଶ୍ୟକ କୌଣସିଗ୍ରହର ନୁହେଁ,ନୂଆ ମନୁଷ୍ୟର ଅଟେ । ଏମିତି ମନୁଷ୍ୟର ଯିଏ ନିଜର ସ୍ୱଭାବର ଦାସ ନୁହେଁ,ନିଜ ବିବେକର ସ୍ୱାମୀ ହୋଇଥିବ । ଯିଏ କେବଳ ଏହା ନ କହୁକି,'ମୋର ଘର ସୁରକ୍ଷିତ ରହୁ' । ସେଏହା ପଚାରୁ ଯେ, 'କ'ଣ ପୃଥିବୀ ସୁରକ୍ଷିତ ରହିବ ?' କାହିଁକି ପୃଥିବୀ ଆମକୁ ଉତ୍ତରାଧିକାରରେ ମିଳି ନାହିଁ,ଏହା ଆମକୁ ଆଗାମୀ ପିଢିଠାରୁ ଉଧାରରେ ମିଳିଛି ।

ଭୁବନେଶ୍ୱର-୨୨
ମୋ--୭୯୭୮୮୩୦୬୧୧

# ପଶ୍ଚିମବଙ୍ଗ ରାଜନୀତି: ନକ୍ସଲବାରୀରୁ ୨୦୨୬

## ଅଧ୍ୟାପକ ଗୋପବନ୍ଧୁ

**"୧୯୭୭ ନିର୍ବାଚନରେ କଂଗ୍ରେସ ପରାସ୍ତ ହୁଏ ଓ ଲେଫ୍ଟ ଫ୍ରଣ୍ଟର ବିପୁଳ ବିଜୟ ହୁଏ। ଏହା ପଛରେ ଦୁଇଟି କାରଣ ଥିଲା। ପ୍ରଥମରେ ରାଜ୍ୟ କଂଗ୍ରେସ ସରକାରର ଦମନଲୀଳା ସଂଖ୍ୟାଧିକ ସାଧାରଣ ଜନତାଙ୍କୁ ବ୍ୟଥିତ କରିଥିଲା। ଦ୍ୱିତୀୟରେ ସମଗ୍ର ଭାରତବର୍ଷରେ କଂଗ୍ରେସ ବିରୋଧରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନ ପ୍ରଭାବ ପକାଇ ଥିଲା। ଏହି ନିର୍ବାଚନରେ ଲେଫ୍ଟଫ୍ରଣ୍ଟ ୨୯୪ ରୁ ୨୩୧ ଟି ଆସନ ଜିତି ଶାସନକୁ ଆସିଲା ଓ ଜ୍ୟୋତିବସୁ ହେଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ ବାମପନ୍ଥୀ ସରକାର ଦୀର୍ଘ ୩୪ ବର୍ଷଧରି ୨୦୧୧ ପର୍ଯ୍ୟନ୍ତ ଚାଲିଲା। ଶେଷ ଆଡ଼କୁ ବୟସାଧିକ୍ୟ ଯୋଗୁଁ ଶ୍ରୀ ବସୁ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲେ ଓ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ହେଲେ ମୁଖ୍ୟମନ୍ତ୍ରୀ। ପଶ୍ଚିମବଙ୍ଗରେ ଦୀର୍ଘ ବାମପନ୍ଥୀ ଶାସନର ଅନ୍ତରାଳେ ନକ୍ସଲବାଦୀ ଆନ୍ଦୋଳନର ପ୍ରଭାବକୁ ଏଡାଇ ଦିଆଯାଇ ପାରିବ ନାହିଁ। ଏହା ଲୋକଙ୍କୁ ସାମ୍ୟବାଦୀ ଆନ୍ଦୋଳନ ପ୍ରତି ଆକୃଷ୍ଟ କରିଥିଲା। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବେ ଗଣତାନ୍ତ୍ରିକ ଉପାୟରେ ସାମ୍ୟବାଦ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ।**

ଭାରତୀୟ ରାଜନୀତିରେ ପଶ୍ଚିମବଙ୍ଗ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ସ୍ୱାଧୀନତା ଆନ୍ଦୋଳନର ଚର୍ଚ୍ଚା ଏହି ରାଜ୍ୟର ଯୋଗଦାନକୁ ବାଦ୍ ଦେଇ କରାଯାଇ ପାରିବ ନାହିଁ। ସମାଜିକ ସଂସ୍କାର ଆନ୍ଦୋଳନ କ୍ଷେତ୍ରରେ ପଶ୍ଚିମବଙ୍ଗ ସାରା ଭାରତବର୍ଷର ମାର୍ଗଦର୍ଶକ ଥିଲା। ତେଣୁ କୁହାଯାଉଥିଲା ବେଙ୍ଗଲ ଆଜି ଯାହା ଭାବେ ଭାରତବର୍ଷ କାଲି ସେକଥା ଭାବେ। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ଲୋକେ କହିବା ଆରମ୍ଭ କଲେଣି ଯେ ଭାରତବର୍ଷ ଏବେ ଯାହା କରୁଛି, ପଶ୍ଚିମବଙ୍ଗ କାଲି ଏହାକୁ ଅନୁସରଣ କରୁଛି। ତାହା ହିଁ ଦେଖିବାକୁ ମିଳିଲା ଗତ ବିଧାନସଭା ନିର୍ବାଚନରେ। ଗୋଟିଏ ଦଶକ ତଳେ କେହି କେବେ ଭାବିପାରୁ ନ ଥିଲେ ଯେ ଦିନେ ବାମପନ୍ଥୀ ବିଚାରଧାରା ପ୍ରାଧାନ୍ୟ ବିସ୍ତାର କରିଥିବା ପଶ୍ଚିମବଙ୍ଗରେ ଦକ୍ଷିଣପନ୍ଥୀ ବିଜେପି ସରକାର ଗଢିବ ବୋଲି। ରାଜ୍ୟରେ ୨୦୧୧ ମସିହାରେ ବାମପନ୍ଥୀଙ୍କ ବିପର୍ଯ୍ୟୟ ଅନେକଙ୍କୁ ଚକିତ କରିଥିଲା। ଏବେ ବିଜେପିର ବିପୁଳ ବିଜୟ ଲୋକଙ୍କୁ ଆହୁରି ଅଧିକ ଚକିତ କରିଛି।

ସ୍ୱାଧୀନତା ପରଠାରୁ ଦୀର୍ଘବର୍ଷ ଧରି ୧୯୪୭ ରୁ ୧୯୬୭ ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ପଶ୍ଚିମବଙ୍ଗକୁ ଶାସନ କରିଛି। ଫେବ୍ରୁଆରୀ ୧୯୬୭ ନିର୍ବାଚନରେ ଇଉନାଇଟେଡ଼ ଫ୍ରଣ୍ଟ ସରକାର ଗଠିତ ହୁଏ। ଏହି ଫ୍ରଣ୍ଟରେ ବାଙ୍ଗଲା କଂଗ୍ରେସ ଓ ସିପିଏମ ସମେତ ଅନ୍ୟ ବାମପନ୍ଥୀ ପାର୍ଟିମାନେ ମୁଖ୍ୟ ଅଂଶୀଦାର ଥାଆନ୍ତି। ନୂଆ ସରକାରରେ ଅଜୟ କୁମାର ମୁଖାର୍ଜୀ ମୁଖ୍ୟମନ୍ତ୍ରୀ ଓ ଜ୍ୟୋତିବସୁ ଉପମୁଖ୍ୟମନ୍ତ୍ରୀ ହୁଅନ୍ତି। ସେତେବେଳକୁ ରାଜ୍ୟରେ ମାଓବାଦୀ ସଂଗଠନ ମୁଣ୍ଡଟେକି ସାରିଥାଏ। ମାର୍ଚ୍ଚ ୧୯୬୭ରେ ହଠାତ୍ ଦାର୍ଜିଲିଂ ଜିଲ୍ଲା ଅନ୍ତର୍ଗତ ନକ୍ସଲବାରୀ ଗ୍ରାମରେ ମାଓବାଦୀ ଆନ୍ଦୋଳନ ବିସ୍ଫୋରକ ରୂପ ଧାରଣ କରେ। ରାଜ୍ୟର ଚାରିଆଡ଼େ ଏହା କାୟା ବିସ୍ତାର କରେ। ନକ୍ସଲବାରୀରୁ ଏ ଆନ୍ଦୋଳନ ଆରମ୍ଭ ହୋଇଥିବା ଯୋଗୁଁ ଏହି ମାଓବାଦୀ ଆନ୍ଦୋଳନ ନକ୍ସଲପନ୍ଥୀ ଆନ୍ଦୋଳନଭାବେ ପରିଚିତ ହୁଏ। ଏହାର ନେତୃତ୍ୱ ନିଅନ୍ତି ଚାରୁ ମଜୁମଦାର, କାହ୍ନୁ ସାନ୍ୟାଲ, ଜଙ୍ଗଲ ସାନ୍ତାଲ ପ୍ରମୁଖ। ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଯୁନାଇଟେଡ଼ ଫ୍ରଣ୍ଟ ସରକାର ପାରୁପର୍ଯ୍ୟନ୍ତ ଚେଷ୍ଟା କରେ। ଅବଶ୍ୟ ଗୋଟିଏ ଗୋଷ୍ଠୀ ଏମାନଙ୍କ ପ୍ରତି କୋହଳ ମନୋଭାବ ଅବଲମ୍ବନ କରନ୍ତି। ଅନେକ ସ୍ଥାନରେ ଗୁଳିଚାଳନା ହୁଏ ଓ ବହୁ ଆନ୍ଦୋଳନକାରୀ ମୃତାହତ ହୁଅନ୍ତି, ଗିରଫଦାରି ମଧ ହୁଏ। ଜ୍ୟୋତିବସୁ ଗୃହବିଭାଗ ଦାୟିତ୍ୱରେ ଥାଆନ୍ତି।

ମାର୍ଚ୍ଚ, ୧୯୭୨ ମସିହାରେ ପୁଣି ବିଧାନସଭା ନିର୍ବାଚନ ହୁଏ। ଭାରତୀୟ ଜାତୀୟ କଂଗ୍ରେସ ସିଦ୍ଧାର୍ଥ ଶଙ୍କର ରାୟଙ୍କ ନେତୃତ୍ୱରେ କ୍ଷମତାକୁ ଫେରେ। କଂଗ୍ରେସ ଦୁଇ ତରଫା ଦୋଷାରୋପ ଜରିଆରେ ଜନସମର୍ଥନ ଲାଭ କରିବାକୁ ସକ୍ଷମ ହୁଏ। ଯୁନାଇଟେଡ଼ ଫ୍ରଣ୍ଟ ସରକାରର ନୀରବ ସମର୍ଥନ ଯୋଗୁଁ ନକ୍ସଲବାଦୀ ଆନ୍ଦୋଳନ ମୁଣ୍ଡ ଟେକିଛି ବୋଲି ମଧ୍ୟବିତ୍ତ ଓ ସ୍ଥିତିବାନ ଲୋକଙ୍କୁ ବୁଝାଇବାକୁ ସକ୍ଷମ ହୁଏ। ଅନ୍ୟପଟେ ଗରିବ, ଖଟିଖିଆ ଓ ଶ୍ରମିକ ସମାଜ ଉପରେ ଯେଉଁ ଗୁଳିଚାଳନା ଓ ଗିରଫଦାରି ହୋଇଛି ସେଥିପାଇଁ ଫ୍ରଣ୍ଟ ସରକାରକୁ ଦାୟୀକରି ଏମାନଙ୍କ ସମର୍ଥନ ହାସଲ କରିବାକୁ ସକ୍ଷମ ହୁଏ। ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ରକ୍ତମୁଖା ହୋଇପଡ଼ନ୍ତି ନକ୍ସଲପନ୍ଥୀମାନଙ୍କୁ ସମାପ୍ତ କରିବା ପାଇଁ। ପୋଲିସବାହିନୀକୁ ଖୋଲାଛାଡ ଦିଆଯାଏ ଆନ୍ଦୋଳନକୁ ଦମନ କରିବା ପାଇଁ। ଗୁଳି ଚାଲେ, ଗିରଫଦାରି ହୁଏ, ନିରୀହ ଜନତା ବି ବଳି ପଡନ୍ତି। ଚାରୁ ମଜୁମଦାରଙ୍କୁ ଜୁଲାଇ, ୧୯୭୨ ରେ ଗିରଫ କରାଯାଏ ଓ ସେ ସନ୍ଦେହଜନକ ଭାବେ ହାଜତରେ ମୃତ୍ୟୁବରଣ କରନ୍ତି। ନିର୍ଦ୍ଦୋଷ ଲୋକଙ୍କ ଉପରେ ଅତ୍ୟାଚାରକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମହଲ ତୀବ୍ର ବିରୋଧ କରନ୍ତି। ଆନ୍ଦୋଳନର ସମର୍ଥନରେ କିଛି ଲେଖକ ଲେଖିକା ବାହାରନ୍ତି। ଏହି ସମୟରେ ମହାଶ୍ୱେତା ଦେବୀଙ୍କ ପ୍ରସିଦ୍ଧ ଉପନ୍ୟାସ ଆସେ 'ହାଜାର ଚୌରାଶିର ମାଁ', ଅର୍ଥାତ୍ ମୃତ ପୁଅର କ୍ରମିକ ସଂଖ୍ୟା ୧୦୮୪।

୧୯୭୭ ନିର୍ବାଚନରେ କଂଗ୍ରେସ ପରାସ୍ତ ହୁଏ ଓ ଲେଫ୍ଟ ଫ୍ରଣ୍ଟର ବିପୁଳ ବିଜୟ ହୁଏ। ଏହା ପଛରେ ଦୁଇଟି କାରଣ ଥିଲା। ପ୍ରଥମରେ ରାଜ୍ୟ କଂଗ୍ରେସ ସରକାରର ଦମନଲୀଳା ସଂଖ୍ୟାଧିକ ସାଧାରଣ ଜନତାଙ୍କୁ ବ୍ୟଥିତ କରିଥିଲା। ଦ୍ୱିତୀୟରେ ସମଗ୍ର ଭାରତବର୍ଷରେ କଂଗ୍ରେସ ବିରୋଧରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନ ପ୍ରଭାବ ପକାଇ ଥିଲା। ଏହି ନିର୍ବାଚନରେ ଲେଫ୍ଟଫ୍ରଣ୍ଟ ୨୯୪ ରୁ ୨୩୧ ଟି ଆସନ ଜିତି ଶାସନକୁ ଆସିଲା ଓ ଜ୍ୟୋତିବସୁ ହେଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ ବାମପନ୍ଥୀ ସରକାର ଦୀର୍ଘ ୩୪ ବର୍ଷଧରି ୨୦୧୧ ପର୍ଯ୍ୟନ୍ତ ଚାଲିଲା। ଶେଷ ଆଡ଼କୁ ବୟସାଧିକ୍ୟ ଯୋଗୁଁ ଶ୍ରୀ ବସୁ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ପଦ ଛାଡିଲେ ଓ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ହେଲେ ମୁଖ୍ୟମନ୍ତ୍ରୀ। ପଶ୍ଚିମବଙ୍ଗରେ ଦୀର୍ଘ ବାମପନ୍ଥୀ ଶାସନର ଅନ୍ତରାଳେ ନକ୍ସଲବାଦୀ ଆନ୍ଦୋଳନର ପ୍ରଭାବକୁ ଏଡାଇ ଦିଆଯାଇ ପାରିବ ନାହିଁ। ଏହା ଲୋକଙ୍କୁ ସାମ୍ୟବାଦୀ ଆନ୍ଦୋଳନ ପ୍ରତି ଆକୃଷ୍ଟ କରିଥିଲା। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବେ ଗଣତାନ୍ତ୍ରିକ ଉପାୟରେ ସାମ୍ୟବାଦ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ।



୨୦୧୧ ମସିହାରେ ପଶ୍ଚିମବଙ୍ଗରେ ବାମପନ୍ଥୀ ଶାସନର ଅନ୍ତ ଘଟିଲା ଓ ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ କ୍ଷମତାକୁ ଆସିଲା। ସେ ହେଲେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ। ପ୍ରଥମେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଥିଲେ । ମନୋମାଳିନ୍ୟ ଯୋଗୁଁ ୧୯୯୭ ରେ ବାହାରି ଆସିଥିଲେ ଓ ୧୯୯୮ ରେ ଟିଏମ୍‌ସି ଗଠନ କରିଥିଲେ। ପୂର୍ବ ବାମପନ୍ଥୀ ସରକାର ସହିତ ତାଙ୍କର ଦୀର୍ଘ ସଂଘର୍ଷର କଥା ରହିଛି। 'ମାଁ-ମାଟି-ମାନୁଷ' ସ୍ଲୋଗାନ ମାଧ୍ୟମରେ ସେ କ୍ଷମତାକୁ ଆସିଥିଲେ। ଦୀର୍ଘ ବାମପନ୍ଥୀ ଶାସନ ପରେ ଲୋକମାନେ ଆଉ ଅଧିକ କିଛି ମିଳିବାର ଆଶା ନାହିଁ ବୋଲି ଅନୁଭବ କରୁଥିଲେ। ସୁବିଧାବାଦୀ ଓ ଭ୍ରଷ୍ଟାଚାରୀମାନେ କ୍ରମେ ଶାସନ କଳକୁ କବଳିତ କରି ନେଇଥିଲେ। ବାମପନ୍ଥୀଙ୍କୁ ବିସ୍ଥାପିତ କରିବା ପାଇଁ ସେ ଗରିବ, ଶ୍ରମିକ, ଖଟିଖିଆଙ୍କୁ ଗୁରୁତ୍ୱ ଦେଇଥିଲେ। ମାଆକୁ ସମ୍ମାନ, ଭିଟାମାଟିର ସୁରକ୍ଷା ଓ ମଣିଷକୁ ଅଧିକାର ଥିଲା ତାଙ୍କ ନିର୍ବାଚନ ଇସ୍ୟୁ। ଦିନେ ଅନୁଭବ ହେଉଥିଲା ପଶ୍ଚିମବଙ୍ଗରେ ବାମପନ୍ଥୀ ଶାସନର ଅନ୍ତ ହେବ ନାହିଁ। କିନ୍ତୁ ଏକାକୀ ଲଢ଼ି ସେ ବାମପନ୍ଥୀ ବାହିନୀକୁ ପରାସ୍ତ କରିଥିଲେ।

ଗଣତନ୍ତ୍ରରେ ଶାସନ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା। ୨୦୨୬ ନିର୍ବାଚନରେ ପୁଣି ପରିବର୍ତ୍ତନ ଆସିଲା। ଦୀର୍ଘ ୧୫ ବର୍ଷର ଶାସନ ପରେ ଟିଏମସିକୁ ହରାଇ ବିଜେପି ଶାସନ କ୍ଷମତାକୁ ଆସିଛି। ଏ ପରାଜୟକୁ ମମତା ଦିଦି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କୁ ଜାଣିଶୁଣି ହରାଇ ଦିଆଯାଇଛି ବୋଲି ଅଭିଯୋଗ କରୁଛନ୍ତି। ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ସେ କହୁଛନ୍ତି।

ଅନ୍ୟପଟେ ନିର୍ବାଚନ ପରେ ଟିଏମସି ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ସଂଖ୍ୟାଧିକ ସାଂସଦ ଦଳ ଛାଡି ଦେଇଛନ୍ତି। ରାଜ୍ୟରେ ମଧ୍ୟ ସଂଖ୍ୟାଧିକ ବିଧାୟକ ଅଲଗା ଗୋଷ୍ଠୀକରି ନିଜକୁ ପ୍ରକୃତ ଟିଏମସି ବୋଲି ଘୋଷଣା କରିଛନ୍ତି। ମମତା ବାନାର୍ଜୀ ମଧ୍ୟ କେତେକ ବିଦ୍ରୋହୀଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଆଗକୁ ଆହୁରି ଝଗଡ଼ା ବାକି ଅଛି। ଦେଖିବାକୁ ବାକିଅଛି ମମତା ବାନାର୍ଜୀ ପୁନର୍ବାର ଦଳକୁ ସଂଗଠିତ କରି କ୍ଷମତାକୁ ଫେରିବାକୁ ସକ୍ଷମ ହେଉଛନ୍ତି ଅଥବା ବାମପନ୍ଥୀଙ୍କ ପରି ବହୁ ପଛକୁ ଚାଲି ଯାଉଛନ୍ତି।

ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ରାଜ୍ୟ ରାଜନୀତିରେ ନକ୍ସଲବାରୀ ଆନ୍ଦୋଳନ ଏକ ନୂତନ ମୋଡ଼ ଆଣିଥିଲା। ହେଲେ ୨୦୧୧ ନିର୍ବାଚନରେ ଏହି ମୋଡ଼ ବଦଳିଥିଲା ଓ ୨୦୨୬ ରେ ପୁଣି ଏହା ବଦଳିଛି। ବାମପନ୍ଥୀ ଓ ଏହାର ଦରଦୀ ବିଚାରଧାରା ଧ୍ୱଂସ ହୋଇଛି । ଦକ୍ଷିଣପନ୍ଥୀ ବିଚାରଧାରାର ଅଭ୍ୟୁଦୟ ହୋଇଛି। ଏହାକୁ ପଶ୍ଚିମବଙ୍ଗ ଜନତା କେତେ ଯାଏଁ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ହେବ।

ବାରିପଦା, ମୟୂରଭଞ୍ଜ,
ମୋ- ୭୦୦୮୯୭୬୧୮୦

# ଭାରତ ବିଶ୍ୱ ଅଭିବୃଦ୍ଧି ପାଇଁ ଏକ ଲଞ୍ଚପ୍ୟାଡ

**"ଭାରତରେ, ଆମେ 'ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର' କୁ ଆମର ଶାସନର ମୂଳଦୁଆ କରିଛୁ। ଆଜି, ଭାରତ ନୀତି ସ୍ଥିରତା, ରାଜନୈତିକ ସ୍ଥିରତା ଏବଂ ଅଭିବୃଦ୍ଧିର ନିରନ୍ତରତା ପ୍ରଦାନ କରେ। ଆଜି ବିଶ୍ୱକୁ ଆମର ବାର୍ତ୍ତା ହେଉଛି : ଭାରତ କେବଳ ଏକ ବଜାର ନୁହେଁ; ଭାରତ ବିଶ୍ୱ ଅଭିବୃଦ୍ଧି ପାଇଁ ଏକ ଲଞ୍ଚପ୍ୟାଡ୍।ଭାରତରେ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକୁ ଆପଣ କିପରି ପୁଞ୍ଜି କରିପାରିବେ ତାହା ଦର୍ଶାଇବା ପାଇଁ ମୁଁ କିଛି ଉଦାହରଣ ବାଣ୍ଟିବାକୁ ଚାହେଁ। ଉତ୍ପାଦନକୁ ବୃଦ୍ଧି କରିବା ପାଇଁ, ଆମେ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା (ପିଏଲଆଇ) ଆରମ୍ଭ କରିଛୁ। ଏହି ପଦକ୍ଷେପ ଅଧୀନରେ, ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ବୟନ ଶିଳ୍ପ ପର୍ଯ୍ୟନ୍ତ ୧୪ଟି କ୍ଷେତ୍ରରେ ପ୍ରାୟ କୋଡ଼ିଏ ବିଲିୟନ ଡଲାର ମୂଲ୍ୟର ସହାୟତା ଯୋଗାଇ ଦିଆଯାଉଛି।**

ନ୍ୟୁଜିଲାଣ୍ଡ ନବସୃଜନ, ଉଦ୍ୟୋଗ ଏବଂ ଭବିଷ୍ୟତ-ମୁଖୀ ଚିନ୍ତାଧାରାର ପ୍ରତୀକ। ଭାରତ ପକ୍ଷରୁ, ମୁଁ ୧.୪ ବିଲିୟନ ଲୋକଙ୍କ ଆକାଂକ୍ଷା ଏବଂ ମହତ୍ତ୍ୱାକାଂକ୍ଷାର ବାର୍ତ୍ତା ମୋ ସହିତ ଆଣି ଆସିଛି।ଏହି ବୈଠକ ଏପରି ଏକ ସମୟରେ ହେଉଛି ଯେତେବେଳେ ଭାରତ -ନ୍ୟୁଜିଲାଣ୍ଡ ସମ୍ପର୍କ ଏକ ମୋଡ଼ରେ ଅଛି। ଆଜି, ଆମେ ଏକ ରଣନୈତିକ ସହଭାଗିତାରେ ଆମର ସମ୍ପର୍କକୁ ସୁଦୃଢ଼ କରୁଛୁ। ଏହା କେବଳ ଏକ କୂଟନୈତିକ ମାଇଲଖୁଣ୍ଟ ନୁହେଁ। ଏହା ଆମର ସହଭାଗୀ ଭବିଷ୍ୟତ ପାଇଁ ଏକ ନୂତନ ସଂକଳ୍ପ। ଏହି ବର୍ଷ, ନଅ ମାସର ରେକର୍ଡ ସମୟ ମଧ୍ୟରେ ଦୁଇ ଦେଶ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହା ସମସ୍ତଙ୍କ ପାଇଁ ବଜାର ପ୍ରବେଶ, ନିବେଶ, ସେବା, ପ୍ରଯୁକ୍ତି ବିଦ୍ୟା ଏବଂ ପ୍ରତିଭା ଗତିଶୀଳତା ପାଇଁ ନୂତନ ସୁଯୋଗ ଆଣିବ। ମୁଁ ନିଶ୍ଚିତ ଯେ ନୂତନ ଶକ୍ତି ଏବଂ ଉତ୍ସାହ ସହିତ କାମ କରି, ଆମେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବୁ।ଆଗାମୀ ପନ୍ଦର ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡ ଭାରତରେ କୋଡ଼ିଏ ବିଲିୟନ ଡଲାର ନିବେଶ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛି। ଏହା କେବଳ ନିବେଶ ପାଇଁ ନୁହେଁ, ବରଂ ଭାରତର ବିକାଶ ଯାତ୍ରାରେ ଅଂଶୀଦାର ହେବା ପାଇଁ ଏକ ପ୍ରତିବଦ୍ଧତା। ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି। ଆମର ବୃଦ୍ଧି ପାଉଥିବା ମଧ୍ୟବିତ୍ତ ବର୍ଗ, ଅଧିକ ପରିମାଣରେ ଡିଜିଟାଲ ସେବାକୁ ଗ୍ରହଣ କରିବା ଏବଂ ଭିତ୍ତିଭୂମି ବିକାଶ ପାଇଁ ପ୍ରୋତ୍ସାହନ ଭାରତକୁ ଏକ ଅନନ୍ୟ ଅଭିବୃଦ୍ଧିର କାହାଣୀ କରି ଗଢି ତୋଳିଛି।ଭାରତରେ, ଆମେ 'ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର' କୁ ଆମର ଶାସନର ମୂଳଦୁଆ କରିଛୁ। ଆଜି, ଭାରତ ନୀତି ସ୍ଥିରତା, ରାଜନୈତିକ ସ୍ଥିରତା ଏବଂ ଅଭିବୃଦ୍ଧିର ନିରନ୍ତରତା ପ୍ରଦାନ କରେ। ଆଜି ବିଶ୍ୱକୁ ଆମର ବାର୍ତ୍ତା ହେଉଛି : ଭାରତ କେବଳ ଏକ ବଜାର ନୁହେଁ; ଭାରତ ବିଶ୍ୱ ଅଭିବୃଦ୍ଧି ପାଇଁ ଏକ ଲଞ୍ଚପ୍ୟାଡ୍।ଭାରତରେ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକୁ ଆପଣ କିପରି ପୁଞ୍ଜି କରିପାରିବେ ତାହା ଦର୍ଶାଇବା ପାଇଁ ମୁଁ କିଛି ଉଦାହରଣ ବାଣ୍ଟିବାକୁ ଚାହେଁ। ଉତ୍ପାଦନକୁ ବୃଦ୍ଧି କରିବା ପାଇଁ, ଆମେ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା (ପିଏଲଆଇ) ଆରମ୍ଭ କରିଛୁ। ଏହି ପଦକ୍ଷେପ ଅଧୀନରେ, ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ବୟନ ଶିଳ୍ପ ପର୍ଯ୍ୟନ୍ତ ୧୪ଟି କ୍ଷେତ୍ରରେ ପ୍ରାୟ କୋଡ଼ିଏ ବିଲିୟନ ଡଲାର ମୂଲ୍ୟର ସହାୟତା ଯୋଗାଇ ଦିଆଯାଉଛି। ଏହି ଉତ୍ପାଦନ ଗତିର ଏକ ଅଂଶ ହେବାକୁ ମୁଁ ଆପଣ ସମସ୍ତଙ୍କୁ ଆମନ୍ତ୍ରଣ କରୁଛି।ଭାରତରେ ବିମାନ ବନ୍ଦର, ଆଞ୍ଚଳିକ ସଂଯୋଗୀକରଣ, ବିମାନ କାର୍ଗୋ ଏବଂ ପର୍ଯ୍ୟଟନ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଜି, ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଘରୋଇ ବିମାନ ଚଳାଚଳ ବଜାର। ଏକାଠି, ଆମେ କାର୍ଗୋ କରିଡର ବିକଶିତ କରିପାରିବା, ବିମାନ ସଂଯୋଗୀକରଣକୁ ବୃଦ୍ଧି କରିପାରିବା ଏବଂ ମିଳିତ ପର୍ଯ୍ୟଟନ ପ୍ୟାକେଜ ସୃଷ୍ଟି କରିପାରିବା।କିୱି, ସେଓ, ମହୁ ଏବଂ ସାମୁଦ୍ରିକ ଖାଦ୍ୟ ଭଳି ଉତ୍ପାଦ ପାଇଁ କ୍ଷୟଶୀଳ କାର୍ଗୋ ସମାଧାନ ବିକଶିତ କରାଯାଇପାରିବ। ନ୍ୟୁଜିଲ୍ୟାଣ୍ଡର ଉଦ୍ୟାନ କୃଷି, ଦୁଗ୍ଧ ବିଜ୍ଞାନ ଏବଂ ବନୀକରଣରେ ଅପାର ବିଶେଷଜ୍ଞତା ରହିଛି। ଭାରତରେ ଏକ ଗ୍ରାହକ ବଜାର, ଫୁଡ୍ ପାର୍କ ଏବଂ କୃଷି-ପ୍ରଯୁକ୍ତି ପ୍ରତିଭାର ଶକ୍ତି ରହିଛି। ଏକାଠି, ଆମେ କ୍ଷେତ – ରୁ -ବଜାର ମୂଲ୍ୟ ଶୃଙ୍ଖଳ ଏବଂ ବିଶ୍ୱ ରପ୍ତାନି ପ୍ଲାଟଫର୍ମ ନିର୍ମାଣ କରିପାରିବା।ଆଜି ଭାରତ ଫିନଟେକରେ ବିଶ୍ୱସ୍ତରରେ ଏକ ନେତା। ବିଶ୍ୱର ପଚାଶ ପ୍ରତିଶତ ବାସ୍ତବ ସମୟ ଡିଜିଟାଲ୍ ଦେଣନେଣ ଭାରତରେ ହୁଏ। ଡିଜିଟାଲ୍ ଦେଣନେଣ ବ୍ୟତୀତ, ଆମେ ଗ୍ରୀନ୍ ବଣ୍ଡ ଏବଂ ମିଶ୍ରିତ ଆର୍ଥିକ କ୍ଷେତ୍ରରେ ମଧ୍ୟ ଆଗକୁ ବଢ଼ିପାରିବା।ଆମେ ମହାକାଶ କ୍ଷେତ୍ରକୁ ଘରୋଇ ଅଂଶଗ୍ରହଣ ପାଇଁ ଖୋଲି ଦେଇଛୁ। ଆଜି, ଭାରତରେ ୪୦୦ ରୁ ଅଧିକ ମହାକାଶ ଷ୍ଟାର୍ଟ-ଅପ୍ ଅଛି, ଏବଂ ଗୋଟିଏ 'ୟୁନିକର୍ଣ୍ଣ' ସ୍ଥିତି ମଧ ହାସଲ କରିଛି। ଉଭୟ ଦେଶର କମ୍ପାନୀଗୁଡ଼ିକ ଭାରତର ମହାକାଶ ପାରିବେଶିକ ବ୍ୟବସ୍ଥା ମଧ୍ୟରେ ଛୋଟ ଉପଗ୍ରହ, ରିମୋଟ୍ ସେନ୍ସିଂ ଏବଂ ସମୁଦ୍ର ମନିଟରିଂ ସହିତ ଜଡିତ ପ୍ରକଳ୍ପରେ ସହଯୋଗ କରିପାରିବେ। ଭାରତର ସ୍ମାର୍ଟ ସିଟି ମିଶନ ଅଧୀନରେ, ୧୦୦ ଟି ସହରରେ ୮,୦୦୦ ରୁ ଅଧିକ ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଛି। ଆମେ ସହରାଞ୍ଚଳ ଗତିଶୀଳତା, ଜଳ ପରିଚାଳନା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଭଳି କ୍ଷେତ୍ରରେ ସହଯୋଗ କରିପାରିବା।ନ୍ୟୁଜିଲାଣ୍ଡ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏପରି ଆହ୍ୱାନ ବିଶେଷ ଗୁରୁତ୍ୱ ରଖେ।



# ଆଉ ଆଗ ଭଳି ଦିଶୁ ନାହାନ୍ତି ସାଧବ ବୋହୂ

ସୋନପୁର,୧ ୧ ।୭ (ନିପ୍ର); ବର୍ଷା ଦିନର ଆଗମନ ଓ ମାଟିର ଗନ୍ଧ ସହିତ ଯେଉଁ ଛୋଟ ଜୀବଟି ଆମ ମନରେ ଶିହରଣ ସୃଷ୍ଟି କରେ, ତାହା ହେଉଛି 'ସାଧବ ବୋହୂ' । ଏହି ସୁନ୍ଦର ତଥା ନରମ କୀଟଟି ଏବେ ଆମ ପରିବେଶରୁ ଧୀରେ ଧୀରେ ଅଦୃଶ୍ୟ ହେବାକୁ ବସିଲାଣି । ଗୋଟିଏ ସମୟ ଥିଲା ଯେବେ ରଜ ପର୍ବ ଆସିଲେ ପିଲାମାନେ ଖୁସିରେ ଗାଁ ଦାଣ୍ଡରେ କିମ୍ବା ବାଡ଼ି ବଗିଚାରେ ସାଧବ ବୋହୂ ଖୋଜିବାରେ ଲାଗିପଡୁଥିଲେ । କିନ୍ତୁ ଆଜିକାଲି ଏହି ଲାଲ୍ ଟୁକ୍ ଟୁକ୍ କୀଟକୁ ଦେଖିବା ଏକ ବିରଳ ଘଟଣା ହୋଇଗଲାଣି । ବିଲୁପ୍ତ ହେବାର ମୁଖ୍ୟ କାରଣ ହେଉଛି କୀଟନାଶକର



ଅତ୍ୟଧିକ ବ୍ୟବହାର ଚାଷ ଜମି ଏବଂ ବଗିଚାଗୁଡ଼ିକରେ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ଯୋଗୁଁ ମାଟିରେ ରହୁଥିବା ଏହି ନିରୀହ ଜୀବଗୁଡ଼ିକର ମୃତ୍ୟୁ ଘଟୁଛି । ଜଳବାୟୁ ପରିବର୍ତ୍ତନ ତାପମାତ୍ରା ବୃଦ୍ଧି ଏବଂ ଅନିୟମିତ ବୃଷ୍ଟିପାତ ଏମାନଙ୍କର ପ୍ରଜନନ ପ୍ରକ୍ରିୟାକୁ ଗୁରୁତର ଭାବେ ବାଧାଗ୍ରସ୍ତ କରୁଛି । ଏହାର ବାସସ୍ଥାନ ନଷ୍ଟ ଓ ସହରୀକରଣ କଂକ୍ରିଟ୍ ଜଙ୍ଗଲର ଦ୍ରୁତ ବୃଦ୍ଧି ଏବଂ ମାଟି ରାସ୍ତା କମିଯିବା ଫଳରେ ସାଧବ ବୋହୂ ପାଇଁ ଉପଯୁକ୍ତ ବାସସ୍ଥାନର ଘୋର ଅଭାବ ଦେଖାଦେଇଛି ।ପରିବେଶ ପାଇଁ ଗୁରୁତ୍ୱ ପରିବେଶବିତ୍‌ମାନଙ୍କ ମତରେ, ସାଧବ ବୋହୂ କେବଳ ଏକ ସୁନ୍ଦର କୀଟ ନୁହେଁ, ବରଂ ଏହା ମାଟିର ଉର୍ବରତା ବୃଦ୍ଧି କରିବାରେ ଏବଂ କ୍ଷତିକାରକ ଛୋଟ କୀଟପତଙ୍ଗଙ୍କୁ ନିୟନ୍ତ୍ରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

# ସୋନପୁର ବ୍ଲକ ଛକ ରାସ୍ତା ମରଣଯନ୍ତା !

ସୋନପୁର,୧ ୧ ।୭ (ନିପ୍ର); ସୋନପୁର ସହରର ବ୍ଲକ ଛକ ଦେଇ ବଲାଙ୍ଗୀର, ସମ୍ବଲପୁର, ବୀରମହାରାଜପୁର ରେଢ଼ାଖୋଲ ଦେଇ ଯାଇଥିବା ବ୍ୟସ୍ତବହୁଳ ମୁଖ୍ୟ ରାସ୍ତା ଏବେ ପଥଚାରୀ ଓ ଗାଡ଼ିଚାଳକଙ୍କ ପାଇଁ ଏକ ମରଣଯନ୍ତାରେ ପରିଣତ ହୋଇଛି । ଛକ ମଝିରେ ଏକ ବିରାଟ ଗାତ ସୃଷ୍ଟି ହୋଇଥିବା ବେଳେ ପ୍ରଶାସନିକ ନିଷ୍କ୍ରିୟତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦିନରାତି ଏହି ରାସ୍ତା ଦେଇ ହଜାର ହଜାର ଯାନବାହାନ ଯାତାୟାତ କରୁଥିବା ବେଳେ କେତେବେଳେ ଯେ କେହି ବଡ଼ ଦୁର୍ଘଟଣାର ଶିକାର ନହେବେ, ତାହା କହିହେବ ନାହିଁ । ରାସ୍ତାର ଦୟନୀୟ ସ୍ଥିତି ସ୍ପଷ୍ଟ ବାରି ହୋଇପଡୁଛି, ଯେ ରାସ୍ତା ମଝିରୁ ଏତେ ବଡ଼ ବଡ଼ ଲମ୍ବା ତଥା ଗଭୀର ଗାତ ସୃଷ୍ଟି ହୋଇଛି । ବିଶେଷ କରି ରାତି ସମୟରେ ଅନ୍ଧାର ଯୋଗୁଁ କିମ୍ବା ବର୍ଷା ଦିନେ ପାଣି ଜମି ରହିବା କାରଣରୁ ଦୁଇ ଚକିଆ ଯାନ ଆରୋହୀମାନେ ଏହି ଗାତକୁ ନଦେଖି ପାରି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାର ବହୁତ ଆଶଙ୍କା ରହିଛି ।

ଏତେ ବଡ଼ ବିପଦ ରାସ୍ତା ମଝିରେ ଗାତ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନର ଏଥିପ୍ରତି ଦୃଷ୍ଟି ନପଡ଼ିବା ଚିନ୍ତାର ବିଷୟ ପାଲଟିଛି । ଏଥିପାଇଁ ଦାୟୀ କିଏ ? ଏବେ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ପ୍ରଶ୍ନ ଉଠାଉଛନ୍ତି ଯେ ଏହି ବିପଦପୂର୍ଣ୍ଣ ଅବସ୍ଥା ପାଇଁ କିଏ ଦାୟୀ ? ନିମ୍ନମାନର କାମ କରିଥିବା ଠିକାଦାର ? ନା ତଦାରଖ କରୁନଥିବା ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ? ଯଦି ଏହି ବିରାଟ ଗାତ ଯୋଗୁଁ କୌଣସି ନିରୀହ ଲୋକର ଧନଜୀବନ ହାନି ହୁଏ, ତେବେ ଏହାର ଜବାବ । କିଏ ଦେବ ? ଏକ ବଡ଼ ଧରଣର ସମ୍ଭାବ୍ୟ ଦୁର୍ଘଟଣା ଘଟିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏହି ରାସ୍ତାର ମରାମତି କରିବାକୁ ଦାବି ହେଉଛି । ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରା ନଯାଏ, ତେବେ ଆଗାମୀ ଦିନରେ ରାସ୍ତାରୋକ ଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

# ସାମ୍ବାଦିକଙ୍କ ଭତ୍ତା ଓ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବେଲଗୁଣ୍ଠା,୧ ୧ ।୭ (ନିପ୍ର); ସାମ୍ବାଦିକମାନଙ୍କ ଭତ୍ତା, ସୁରକ୍ଷା ଓ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ଦାବି ନେଇ ଭଏସ ଅଫ ମିଡ଼ିଆ ସଂଗଠନ ପକ୍ଷରୁ ଭଞ୍ଜନଗର ଉପ-ଜିଲ୍ଲାପାଳଙ୍କୁ ସାକ୍ଷାତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଭଏସ ଅଫ ମିଡ଼ିଆର ଗଞ୍ଜାମ ଜିଲ୍ଲା ଭଞ୍ଜନଗର ୟୁନିଟ ଓ ବେଲଗୁଣ୍ଠା ୟୁନିଟର ସଦସ୍ୟମାନଙ୍କ ସହ ବେଲଗୁଣ୍ଠା ପ୍ରେସ କ୍ଲବର ସଦସ୍ୟମାନେ ମଧ୍ୟ ସାମିଲ ହୋଇଥିଲେ । ଦାବିପତ୍ରରେ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ମାସିକ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ବୀମା ସୁବିଧା, କର୍ତ୍ତବ୍ୟ ପାଳନ ସମୟରେ ଆକ୍ରମଣ ଘଟିଲେ ତ୍ୱରିତ ଆଇନଗତ ପଦକ୍ଷେପ, ସାମ୍ବାଦିକ କଲ୍ୟାଣ ପାଣ୍ଠିର ସୁଦୃଢ଼ୀକରଣ ଏବଂ ଗ୍ରାମାଞ୍ଚଳର ସାମ୍ବାଦିକମାନଙ୍କୁ ସମାନ ସୁବିଧା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ସାମିଲ ରହିଛି । ଭଏସ ଅଫ ମିଡ଼ିଆ ପକ୍ଷରୁ କୁହାଯାଇଛି ଯେ, ସାମ୍ବାଦିକମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସମାଜକୁ ନିରପେକ୍ଷ ଓ ସତ୍ୟ ସୂଚନା ପ୍ରଦାନ କରୁଥିବାରୁ ସେମାନଙ୍କ ସୁରକ୍ଷା, ସମ୍ମାନ ଓ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ।ସଂଗଠନ ଆଶା ପ୍ରକାଶ କରିଛି ଯେ ରାଜ୍ୟ ସରକାର ସାମ୍ବାଦିକମାନଙ୍କ ନ୍ୟାୟସଙ୍ଗତ ଦାବିକୁ ସକାରାତ୍ମକ ଭାବେ ବିଚାର କରି ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଏହି ଦାବିଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଭଏସ ଅଫ ମିଡ଼ିଆ ପକ୍ଷରୁ ରାଜ୍ୟବ୍ୟାପୀ ବୃହତ୍ତର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ଅବସରରେ ଭଞ୍ଜନଗର ୟୁନିଟର କାର୍ତ୍ତିକେଶ୍ୱର ପ୍ରଧାନ, ବେଲଗୁଣ୍ଠାର ୟୁନିଟର ପ୍ରଭାତ କୁମାର ସାହୁଙ୍କ ସମେତ ଭଏସ ଅଫ ମିଡ଼ିଆର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏଥିସହ ରାଜ୍ୟ କାର୍ଯ୍ୟନିର୍ବାହୀ ଅରୁଣ କୁମାର ଗୌଡ଼ କହିଛନ୍ତି ଯେ, ରାଜ୍ୟସ୍ତରରେ ଦାବି ପୂରଣ ନ ହେଲେ ଖୁବଶୀଘ୍ର ଏହି ପ୍ରସଙ୍ଗରେ ଭାରତର ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ମଧ୍ୟ ଅବଗତ କରାଯିବ

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ 'ସ୍ୱିପ୍'ଭୋଟର ସଚେତନତା

ରାୟଗଡ଼ା,୧ ୧ ।୭ (ନିପ୍ର); ରାୟଗଡ଼ାସ୍ଥିତ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ କ୍ୟାମ୍ପସ ପ୍ରେକ୍ଷାଳୟରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ସହଭାଗିତା ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଯୁବ ଓ ପ୍ରଥମ ଥର ଭୋଟ୍ ଦେବାକୁ ଥିବା ମତଦାତାମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ମତଦାନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଉପ-ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ସହକାରୀ ଜିଲ୍ଲାପାଳ କୈଳାସ ଚନ୍ଦ୍ର ସ୍ୱାଇଁ, ସହକାରୀ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ରାଜେଶ କୁମାର ପାଢ଼ୀ ଏବଂ ସ୍କୁଲ୍ ଅଫ୍ ନର୍ସିଂର ଅଧ୍ୟକ୍ଷା ଡକ୍ଟର ଉର୍ମିଳା କାଟ୍ରୁ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ୧୮ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବି.ଏସସି. ନର୍ସିଂ ଓ ଜି.ଏନ.ଏମ. ଛାତ୍ରଛାତ୍ରୀ ଏବଂ ଫାକଲ୍ଟି ସଦସ୍ୟମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟ୍‌ର ମୂଲ୍ୟ କେତେ ଗୁରୁତ୍ୱପୂର୍ଣ୍ଣ, ସେ ସମ୍ପର୍କରେ ଆଲୋକପାତ କରିଥିଲେ ।

# ମଦ ଦୋକାନ ସ୍ଥାନାନ୍ତର ପାଇଁ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର

ଜଟଣୀ,୧ ୧ ।୭(ନିପ୍ର):ଭୁବନେଶ୍ୱର ଉପକଣ୍ଠ ଜଟଣୀ ସହର ଏକ ସର୍ବପୁରାତନ ତଥା ଶିକ୍ଷାନୁଷ୍ଠାନର ପ୍ରମୁଖ ପେଣ୍ଠସ୍ଥଳୀ ଭାବେ ଗର୍ବିତ । ତେବେ ଏକ ସପ୍ତାହ ଧରି ଯେଉଁ ସରକାରୀ ମଦ ଦୋକାନ ରେଳ ଷ୍ଟେସନ ପଛ ଗେଟ ନିକଟରେ ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଖୋଲିଛି ତାକୁ ନେଇ ସାଧାରଣରେ ଅଭିଯୋଗ ଉଠିଛି । ଏହି ପରିପ୍ରେକ୍ଷୀରେ ଜଟଣୀ ସାମ୍ବାଦିକ ସଂଘ ପକ୍ଷରୁ ରେଳବାଇ ମାର୍କେଟରେ ବେଆଇନ ଭାବେ ସ୍ଥାପନ ହୋଇଥିବା ମଦ ଦୋକାନଟି ଏହି ଅଞ୍ଚଳରୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ଖୋର୍ଦ୍ଧାରୋଡ଼ ଡିଆରଏମ, ଏଡିଆରଏମ ଏବଂ ସିନିୟର ଡିସିଏମଙ୍କୁ ସାକ୍ଷାତ କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହିପରି ଏହାର ଏକକିତା ନକଲ ମାନନୀୟ ରେଳବିଭାଗ ମନ୍ତ୍ରୀ ଓ ପୂର୍ବତଟ ରେଳପଥ ଜିଏମଙ୍କୁ ପ୍ରେରଣ କରାଯାଇଛି । ଏଠାରେ କହିବା ବାହୁଲ୍ୟ ଯେ, ଓଡ଼ିଶା ଅବକାରୀ ନିୟମ ୨୦୧୭ ର ଧାରା ୨୩(୭)କୁ ଉଲଘଂନ କରାଯାଇ ରେଳଷ୍ଟେସନ୍ ନିକଟରେ କେଉଁ ନିୟମ ଆଧାରରେ ଖୋଲାଯାଇଛି ତାହା ଅଂଚଳବାସୀଙ୍କୁ ବ୍ୟଥିତ କରିଛି । ରେଳ ଷ୍ଟେସନକୁ ବହୁଯାତ୍ରୀଙ୍କ ଯିବା ଆସିବା ଲାଗି ରହିଥିବା ବେଳେ ମଦ୍ୟପମାନଙ୍କ କୋଳାହଳ ପରିବେଶ ଉପରେ କୁପ୍ରଭାବ ପକାଇବ ।

# ସରକାରୀ ଜାଗାରେ ନଗରପାଳଙ୍କ ୩ ମହଲା କୋଠା ! ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଫେରାଦ

ନୟାଗଡ,୧ ୧ ।୭(ନିପ୍ର): ନୟାଗଡ ମ୍ୟୁନିସିପାଲିଟିର ନଗରପାଳ ନିଜ ପଦବୀର ଅପବ୍ୟବହାର କରି ନିଜ ଘର ପାଖରେ ଥିବା ସରକାରୀ ଜମିରେ ୩ ମହଲା କୋଠା ନିର୍ମାଣ କରିବା ଘଟଣା ଏବେ ନୟାଗଡ ସହରରେ ଆଲୋଚନାର ବିଷୟ ହୋଇଛି । ରକ୍ଷକ ଯଦି ଭକ୍ଷକ ହୁଏ ଏବଂ ବାଡ ଯଦି ଫସଲ ଖାଏ ତାହାହେଲେ ସାଧାରଣ ଲୋକ କିଭଳି ନ୍ୟାୟ ପାଇବେ ତାହା ସାଧାରଣରେ ପ୍ରଶ୍ନ ଉଠିଛି । ନୟାଗଡ ମୁନିସିପାଲିଟି ବୁଲା ବିକାଳି, ସାଧାରଣ ଲୋକ କିମ୍ବା ଗରିବ ଲୋକ ସରକାରୀ ଜାଗା ଜବରଦଖଲ କଲେ ତାଙ୍କୁ ସଙ୍ଗେ ସଙ୍ଗେ ମୁନିସିପାଲିଟି ଡୋଜର ଲଗାଇ ଘର ଭାଙ୍ଗି ଦେଉଛି । କିନ୍ତୁ ଏଠି ଖୋଦ ନଗରପାଳ ନିଜ କ୍ଷମତାର ଅପବ୍ୟବହାର କରି ସରକାରୀ ଜାଗାରେ ବିଶାଳ କୋଠା କରିଛନ୍ତି । ଅଥଚ ମୁନିସିପାଲିଟି କିମ୍ବା ତହସିଲଦାର ଏ ପର୍ଯ୍ୟନ୍ତ ତାଙ୍କୁ ନୋଟିସ ଦେଇନାହାନ୍ତି ।

ମ୍ୟୁନିସିପାଲିଟି ଗରିବ ଲୋକଙ୍କର ଘର ଭାଙ୍ଗୁଥିବାବେଳେ ଖୋଦ ନଗରପାଳଙ୍କ ଘରକୁ କାହିଁକି ନଭଙ୍ଗାଯିବ ଏବେ ମୁନିସିପାଲିଟି ଉପରେ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି । ଏସମ୍ପର୍କରେ ଅନୁରୂପ ଭାବେ ରାଜସ୍ୱ ମନ୍ତ୍ରୀ, ନୟାଗଡ଼ ଜିଲ୍ଲାପାଳ, ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ନୟାଗଡ଼ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଛି । ଗତ ପ୍ରାୟ ୮ ମାସ ତଳେ ସରକାରୀ ଜମିରେ ୩ ମହଲା କୋଠା କରାଯାଇଥିଲେ ମଧ୍ୟ ନା ମ୍ୟୁନିସିପାଲିଟି ନା ତହସିଲଦାର ନା ଜିଲ୍ଲା ପ୍ରଶାସନ



କେହି ହେଲେ ପ୍ରଶ୍ନ ଉଠାଇ ନଥିଲେ । ଏ ସମ୍ପର୍କରେ ନୟାଗଡ ପୁରୁଣା ସହରର ବରିଷ୍ଠ ନାଗରିକ ପ୍ରମୋଦ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ଅଭିଯୋଗରେ ନୟାଗଡ ତହସିଲ, ମୌଜା ଜାମୁସାହି, କିସମ ପତିତ, ଖାତା ନଂ. ୬୬୨, ପ୍ଲଟ ନଂ. ୧୨୧/୨୯୧୪ରେ ୬୩ ଡେସିମିଲି ଜାଗା ନବୀନ କଲ୍ୟାଣ ମଣ୍ଡପ ପାଇଁ ଉଦ୍ଦିଷ୍ଟ ଥିଲା । ଏହି ୬୩ ଡେସିମିଲିରୁ ୬୦ ଡେସିମିଲି ନବୀନ କଲ୍ୟାଣ ମଣ୍ଡପ ୱାର୍ଡ ନଂ. ୧୨ରେ ନିର୍ମାଣ କରାଯାଇଥିଲା ବେଳେ କଲ୍ୟାଣ ମଣ୍ଡପ ପାଚେରୀ ନିର୍ମାଣ ସମୟରେ ସିଧାସଳଖ ପାଚେରୀ

କରାନଯାଇ ପୌରପାଳଙ୍କ ନିଜସ୍ୱ କୋଠା ଥିବାରୁ ସେହିଠାରେ ୩ ଡେସିମିଲି ଜାଗା ଜାଣିଶୁଣି ପୌର ପରିଷଦ ଛାଡି ଦେଇଥିଲେ । ଉକ୍ତ ୩ ଡେସିମିଲି ଜାଗାରେ ଗତ ୮ ମାସ ତଳେ ୩ ମହଲା ବିଶିଷ୍ଟ କୋଠା ସରକାରୀ ଜାଗାରେ ନିର୍ମାଣ କରାଯାଇଛି । ତେବେ ସମ୍ପୃକ୍ତ ଜମିରୁ ପୌରପାଳ ଓ ତାଙ୍କ ସ୍ୱାମୀଙ୍କୁ ଡରି ପ୍ରଶାସନିକ ସ୍ତରରେ ନିରବଦ୍ରଷ୍ଟା ସାଜିଥିଲେ । ଉକ୍ତ ଜବରଦଖଲ ୩ ଡେସିମିଲି ଜାଗାର ମୂଲ୍ୟ ୪୦ଲକ୍ଷ ହୋଇଥିଲେ ବି ଦେବୋତ୍ତର କଲୋନୀସ୍ଥିତ ଏହି ମୂଲ୍ୟବାନ ଜମିକୁ କାହିଁକି ବେଦଖଲ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନ ଉଠିଛି । ରାଜ୍ୟ ସରକାର ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ଗୁରୁତ୍ୱ ଦେଉଥିବାବେଳେ ନୟାଗଡ ପୌରପାଳ ୪୦ ଲକ୍ଷରୁ ଅଧିକ ଟଙ୍କାର ଜାଗା ଦେବୋତ୍ତର କଲୋନୀରେ ମାଡି ବସିଥିଲେ ହେଁ ଉଚ୍ଛେଦ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦେବା ପରେ ଏବେ ପ୍ରଶାସନ ତତ୍ପର ହୋଇ ସରକାରୀ ଜାଗାକୁ ମାପୁଥିବାର ଜଣାପଡିଛି । ସୂଚନା ଅନୁସାରେ ସରକାରୀ ଜାଗାରେ ୩ ମହଲା କୋଠା କରିଥିବାର ପ୍ରମାଣ ମଧ୍ୟ ମିଳିଥିବାର ଏକ ସୂତ୍ରରୁ ଜଣାପଡିଛି । ତେଣୁ ଏହି ଜାଗାରୁ ଯଥାଶୀଘ୍ର ଉଚ୍ଛେଦ କରିବା ପାଇଁ ଦାବି ହେଉଛି । ଏହା ସହିତ ମ୍ୟୁନିସିପାଲିଟିରେ ଅନେକ କେଳେଙ୍କାରୀ ଓ ଆର୍ଥିକ ଅନିୟମିତତା ଅଭିଯୋଗ ଦୃଷ୍ଟିରୁ ଖୁବ୍ ଶୀଘ୍ର ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ମୁନ୍ଦାଏ ମିଳୁନି ପିଇବା ପାଣି: ମହିଳାଙ୍କ ରାସ୍ତାରୋକ

ହିଞ୍ଜିଳିକାଟୁ,୧ ୧ ।୭ (ନିପ୍ର); ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ପୁଟିଆ ପଦର ପଞ୍ଚାୟତ ଅଧୀନ ବାଳକୃଷ୍ଣପୁର ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଦୀର୍ଘ ତିନି ମାସ ଧରି ସମ୍ପୃକ୍ତ ଗ୍ରାମର ସାହି ବାସିନ୍ଦା ପିଇବା ପାଣି ମୁନ୍ଦାଏ ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମର ଗୋଟିଏ ଭାଗକୁ ପିଇବା ପାଣିର ଅଭାବ ଦେଖା ଦେଇ ନ ଥିବା ବେଳେ ଅନ୍ୟ ପକ୍ଷରେ ୧୧,୧୨ ଓ ୧୩ , ନଂ ୱାର୍ଡରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଶେଷରେ ସବୁଆଡୁ ନିରାଶ ହେବା ପରେ ଉତ୍ତ୍ୟକ୍ତ ମହିଳା ଓ ପୁରୁଷ ହାଣ୍ଡି ,ମାଠିଆ ରଖି ନନ୍ଦିକ - ବ୍ରହ୍ମପୁର ରାସ୍ତାକୁ ଅବରୋଧ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ । ଫଳରେ ଦୀର୍ଘ ସମୟ ଧରି ସମ୍ପୃକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ବେଲଗାଁ ଭାରପ୍ରାପ୍ତ ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ ଓ ପୁଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି



ପରିସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ଥାନା ଅଧିକାରୀ ସରପଞ୍ଚ ସୁଦର୍ଶନ ରାଉତ ଓ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳାଇଙ୍କ ସହ ଆଲୋଚନା କରି ଦୁଇ ଦିନ ମଧ୍ୟରେ ପିଇବା ପାଣିର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ପମ୍ପ ଡ୍ରାଇଭରଙ୍କ ଦାୟିତ୍ୱ ହୀନତା ଯୋଗୁଁ ବାରମ୍ବାର ପାଣି ମୋଟର ଅଚଳ ହେଉଥିବା ସୂଚନା ମିଳିଛି । ଦୀର୍ଘ ତିନି ମାସ ଧରି ଗ୍ରାମବାସୀ ଏଭଳି ଅବ୍ୟବସ୍ଥା ଦେଇ ଗତି କରୁଥିବା ବେଳେ ଏଥିପ୍ରତି ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ହିଞ୍ଜିଳିକାଟୁ ବ୍ଲକରେ ସରକାରଙ୍କ ଜଳ ଜୀବନ ମିଶନ କେବଳ କାଗଜପତ୍ରରେ ସୀମିତ ରହିଛି ।

# ଯୁବ ଭୋଟର ପଞ୍ଜୀକରଣ ନିମନ୍ତେ ସଚେତନତା

ରାୟଗଡା,୧ ୧ ।୭ (ନିପ୍ର); ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ ଜିଲ୍ଲାରେ ଯୁବ ଭୋଟରଙ୍କ ଚିହ୍ନଟ ଓ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ରାୟଗଡ଼ ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଯୁବ ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ ବିଡ଼ିଓ ସୁଜିତ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ କୈଳାସ ଚନ୍ଦ୍ର ସ୍ୱାଇଁ ଓ ପ୍ରଫୁଲ୍ଲ କୁମାର ବେହେରା, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ: ରାଜେଶ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ସୁଦୃଢ଼ ଗଣତନ୍ତ୍ର ନିମନ୍ତେ ନିର୍ଭୁଲ ଭୋଟର ତାଲିକାର ଆବଶ୍ୟକତା ସହ ଯୁବପିଢ଼ି ଯେପରି ଶତ ପ୍ରତିଶତ ପଞ୍ଜୀକରଣ ହେବେ ସେଥି ପ୍ରତି ସଙ୍କଳ୍ପବଦ୍ଧ ହେବାକୁ ଉପଜିଲ୍ଲାପାଳ ରମେଶ କୁମାର ଜେନା କହିଥିଲେ । ଜଣେ ମଧ୍ୟ ଯୋଗ୍ୟ ଭୋଟର ଯେପରି ବାଦ୍ ପଡ଼ିବେ ନାହିଁ ଏବଂ କୌଣସି ଅଯୋଗ୍ୟ ଭୋଟର ତାଲିକାରେ ରହିବେ ନାହିଁ, ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ବିଡ଼ିଓ ସୁଜିତ କୁମାର ମିଶ୍ର ନିର୍ବାଚନ ପ୍ରକ୍ରିୟା, ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ସଚେତନତା ବାର୍ତ୍ତା ସହ ଭୋଟର ସାକ୍ଷରତା କ୍ଲବର ସଦସ୍ୟଙ୍କ ଭୂମିକା ବିଷୟରେ ଉପସ୍ଥାପନ କରିଥିଲେ । ଉଭୟ ସହକାରୀ ଜିଲ୍ଲାପାଳ ଭାରତୀୟ ସମ୍ବିଧାନ ଓ ଆର ପି ଆକ୍ଟ ରେ ଭୋଟର ତାଲିକା ପ୍ରସ୍ତୁତି, ଭୋଟରଙ୍କ ଯୋଗ୍ୟତା, ଏଥିନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷକ ତଥା ସମ୍ବଳ ବ୍ୟକ୍ତି ନିଳାଞ୍ଚଳ ମିଶ୍ର ସୁସ୍ଥ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ବ୍ୟବହୃତ ଭୋଟରଙ୍କ ଯୋଗ ନିମନ୍ତେ ଫର୍ମ ୬, ବାଦ୍ ନିମନ୍ତେ ଫର୍ମ ୭ ଓ ସଂଶୋଧନ ,ସ୍ଥାନାନ୍ତର ଆଦି ନିମନ୍ତେ ଫର୍ମ ୮ ର ବ୍ୟବହାର ସହ ଅନଲାଇନ ରେ କିଭଳି ଭାବେ ନିଜ ନାମ ଯାଞ୍ଚ କରିବେ, ଦାବି ଓ ଅଭିଯୋଗ ଦାଖଲ କରିବେ , ତାହାର କୌଶଳ ବର୍ଣ୍ଣନା କରିଥିଲେ ।

## ଛେଲିଗଡ ଜଳ ସଚେତନ ଥଇଥାନ ଓ ଉପାନ୍ତ ଅଞ୍ଚଳର ଉନ୍ନୟନ କମିଟି ବୈଠକ

ପାରଳାଖେମୁଣ୍ଡି,୧ ୧ ।୭ (ନିପ୍ର); ଗଞ୍ଜାମ ଜିଲ୍ଲା ଛତ୍ରପୁର ଜିଲ୍ଲା ପରିଷଦ ଋଷିକୂଲ୍ୟା ବୈଠକ ଗୃହଠାରେ ଦକ୍ଷିଣ ଓଡ଼ିଶାର ଗଜପତି ଜିଲ୍ଲାରେ ଥିବା ଛେଲିଗଡ ଜଳସେଚନ ପ୍ରକଳ୍ପକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପାନ୍ତ ଅଞ୍ଚଳରେ ଏହି ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସମଗ୍ର ଗଜପତି ଜିଲ୍ଲାରେ ପାଣିର ଅଭାବ ରହିବ ନାହିଁ । ଆଗାମୀ ଦିନରେ କିଭଳି ସମ୍ପୂର୍ଣ୍ଣ ହେବ ସେ ନେଇ ଆଲୋଚନା ହୋଇଥିଲା । ବୈଠକରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ସାଂସଦ ଡ: ପ୍ରଦୀପ ପାଣିଗ୍ରାହୀ, ପାରଳା ବିଧାୟକ ରୂପେସ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗୋମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ନାମଲେଖା ଫି ଛାଡ: ଅନୁଦାନ ପ୍ରାପ୍ତ କଲେଜର ଆର୍ଥିକ ପରିଚାଳନା ସ୍ଥିତି ସଂକଟରେ

ହିଞ୍ଜିଳିକାଟୁ,୧ ୧ ।୭ (ନିପ୍ର): ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜ ଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ରାଜ୍ୟ ସରକାର ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି ଯୋଜନା ଲାଗୁ କରିଛନ୍ତି । ଏହି ଐତିହାସିକ ନିଷ୍ପତ୍ତି ଅନୁସାରେ କେଜିରୁ ପିଜି ପର୍ଯ୍ୟନ୍ତ ଓଡିଶାର ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯିବ । ରାଜ୍ୟର ଛାତ୍ର ଛାତ୍ରୀ ଆଉ ଆର୍ଥିକ ଅଭାବରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ । ଏହି ନିଷ୍ପତ୍ତିକୁ ସବୁ ମହଲରେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ବିବେଚନା କରାଯାଇଛି । ସରକାରଙ୍କ ଘୋଷଣା ଅନୁଯାୟୀ ଚଳିତ ଶିକ୍ଷା ବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ । ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ର ଛାତ୍ରୀଙ୍କୁ ହିଁ ମିଳିବ । ସେଲ୍ଫ ଫାଇନାନ୍ସ ଅନୁଷ୍ଠାନ ଗୁଡ଼ିକ ଏଥିରୁ ବାଦ୍ ପଡିଛି । ସରାକରଙ୍କ ନିର୍ଦ୍ଦେଶ ଅନୁସାରେ ହିଞ୍ଜିଳିକାଟୁ ଅଞ୍ଚଳରେ ଯେଉଁ ସବୁ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି, ସେଗୁଡ଼ିକରେ ନାମ ଲେଖାଉଥିବା ଛାତ୍ର ଛାତ୍ରୀମାନେ କୌଣସି ଅର୍ଥ ପ୍ରଦାନ କରୁ ନ ଥିବା ଜଣାପଡ଼ିଛି । କିନ୍ତୁ ପରିତାପର ବିଷୟ ଗତ ଦୁଇ ଦିନ ଧରି ଯୁକ୍ତ ଦୁଇ ଶ୍ରେଣୀରେ ନାମ ଲେଖା ପ୍ରକ୍ରିୟା ଜାରୀ ରହିଛି । ତଥାପି ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ବିନା ଅର୍ଥରେ କୌଣସି ଅନୁଷ୍ଠାନ ଚଳାଇବା କଷ୍ଟକର ହୋଇ ପଡ଼ିବ ବୋଲି ସଚେତନ ନାଗରିକ ଓ ଶିକ୍ଷାବିତ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଅନୁଷ୍ଠାନ ଚଳାଇବା ପାଇଁ ଆବଶ୍ୟକ କାଗଜ ପତ୍ର, ଚକ ଖଡ଼ି ଠାରୁ ଆରମ୍ଭ କରି ବିଦ୍ୟୁତ ବିଲ୍, ଡାଟା ଏଣ୍ଟ୍ରି ଅପରେଟରଙ୍କ ଦରମା, ଅଣ ଅନୁଦାନ ପ୍ରାପ୍ତ କର୍ମଚାରୀଙ୍କ ଦରମା, ଠିକାରେ ନିଯୁକ୍ତି ପାଉଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ଦରମା କିଭଳି ଭାବେ ପ୍ରଦାନ କରାଯିବ ଏ ସମ୍ପର୍କରେ ସରକାରଙ୍କ ତରଫରୁ କୌଣସି ସଠିକ ନିର୍ଦ୍ଦେଶନାମା ଜାରି କରି ନାହାଁନ୍ତି । ବ୍ଲକ ଗ୍ରାଣ୍ଟ ଅନୁଷ୍ଠାନ ଗୁଡ଼ିକରେ ଖାଲି ପଡିଥିବା ଅଧ୍ୟାପକ ଅଧ୍ୟାପିକା ପଦବୀ ପାଇଁ ନିଯୁକ୍ତି ନ ଥିଲା ବେଳେ ଅସ୍ଥାୟୀ ଭାବେ ନିଯୁକ୍ତ ଅଧ୍ୟାପକ ଶିକ୍ଷା ପ୍ରଦାନ କରି କଣ ଅବୈତନିକ ଭାବେ କାର୍ଯ୍ୟ କରିବେ କି ବୋଲି ଏବେ ଏକ ଅସମାହିତ ପ୍ରଶ୍ନ ଭାବେ ଉଭା ହୋଇଛି । ଏଣୁ ଗଞ୍ଜାମ ଜିଲ୍ଲା ୬୬୨ ସଂଗଠନର ସଭାପତି ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ଓ ସମ୍ପାଦକ ଶିଶିର କୁମାର ବିଷୋୟୀ ଦାବି କରିଛନ୍ତି ଯେ ଆର୍ଥିକ ସହାୟତା ବିନା ଅନୁଷ୍ଠାନ ଚଳାଇବା ସମ୍ଭବ ନୁହେଁ । ଏଣୁ ଶିକ୍ଷାର ବିକାଶ ପାଇଁ ଆଦାୟ ହେଉଥିବା ଅର୍ଥର ପରିମାଣ ସରକାର ସେହି ଅନୁଷ୍ଠାନକୁ ପ୍ରଦାନ କରନ୍ତୁ ବୋଲି ଅନୁରୋଧ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଦୋଭାୟା ଗ୍ରାମର ସ୍ଥିତି ପରଖିଲା ବ୍ଲକ ପ୍ରଶାସନ: ଖୁବଶୀଘ୍ର ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି

କୁଚିଣ୍ଡା,୧ ୧ ।୭(ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବଙ୍ଗମା ପଞ୍ଚାୟତର ବଣ ପାହାଡ ଘେରା ଦୁର୍ଗମ ଦୋଭାୟା ଗ୍ରାମକୁ କୁଚିଣ୍ଡା ବ୍ଲକ ପ୍ରଶାସନ ଗସ୍ତକରି ସ୍ଥିତି ପରଖିଛି ।

କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ଅଧିକାରୀଙ୍କ ସହ ଦୋଭାୟା ଗ୍ରାମକୁ ଯାଇ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ।ପାନୀୟ ଜଳ ଯୋଗାଣ,ବିଜିଜି ରାମଜୀ, ପୋଖରୀ ଉନ୍ନତି, ନୂତନ କମ୍ୟୁନିଟି ସେଣ୍ଟର,ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାମ ତଦାରଖ ସହିତ ଷ୍ଟ୍ରିଟ ଲାଇଟ୍, ରାସନ୍ କାର୍ଡ, ଅସହାୟ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଗୃହ ସାଙ୍ଗକୁ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ସରକାରୀ ସହାୟତା ବାବଦରେ ତଦାରଖ କରିଥିଲେ ।

ଏହାଛଡା ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ଆଲୋଚନା କରି ଯାହାବି ସମସ୍ୟା ଅଛି ଉଚ୍ଚ ପଦସ୍ଥ ଅଧିକାରୀ ଓ କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ବିଡ଼ିଓ ସାହୁ ବିଭିନ୍ନ ବିଷୟରେ ଆଲୋଚନା କରି ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ବଙ୍ଗମା ପଞ୍ଚାୟତର ସମିତିସଭ୍ୟା ରଶ୍ମି କୁସୁମ, ଏବିଡିଓ



ଜଗମୋହନ କିସାନ, ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କିସାନ,ପଞ୍ଚାୟତ ନିର୍ବାହୀ ଅଧିକାରୀ ରାକେଶ ପଟେଲ,ଏଡିଓ ସରୋଜ ଆଚାର୍ଯ୍ୟ, ନେତ୍ରାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ

# ସାଧାରଣ ଜନତାଙ୍କ ସମସ୍ୟାର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ

ଭଦ୍ରକ,୧ ୧ ।୭ (ନିପ୍ର); ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକଠାରେ ଚତୁର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା) ବୈଠକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ସାଂସଦ ଶ୍ରୀ ସେଠୀ କହିଲେ ଯେ, ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ନିର୍ବାଚିତ ଜନପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟ ଆବଶ୍ୟକ । ସାଧାରଣ ଜନତାଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମସ୍ତ ବିଭାଗ ଅଗ୍ରାଧିକାର ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ଗୁହାଣ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ଅଶୋକ ଦାସ,



ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ପ୍ରତିନିଧି ଏବଂ ସମସ୍ତ ବିଡିଓ ମଧ୍ୟ ଏଥିରେ ଯୋଗ ଦେଇଥିଲେ ।ତୃତୀୟ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଗଲା ।

ବର୍ଷା ଯୋଗୁଁ ଖରାପ ହୋଇଥିବା ରାସ୍ତାଗୁଡ଼ିକୁ ତୁରନ୍ତ ମରାମତି କରିବା ଏବଂ ନାଳ ଗୁଡ଼ିକରେ ଜମିଥିବା ଜଳକୁ ନିଷ୍କାସନ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା ।ଜିଲ୍ଲାର ଚିକିତ୍ସାଳୟ, ଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଗଲା । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଜାତୀୟ ରାଜପଥ, ପାନୀୟ ଜଳ ଯୋଗାଣ, ନଳକୂପ ଖନନ, ସମବାୟ ସମିତି, ମଡେଲ ମଣ୍ଡି, ମେଡିକାଲ କଲେଜ, ପର୍ଯ୍ୟଟନ, ବ୍ରିଜ୍ ନିର୍ମାଣ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପାରମ୍ପରିକ କୃଷି ବିକାଶ, ଖାଦ୍ୟ ସୁରକ୍ଷା ଯୋଜନା, ଜଳସେଚନ, ବାଇପାସ୍ ରାସ୍ତା, ଆହାର କେନ୍ଦ୍ର, ଶିକ୍ଷା ଓ ଚିକିତ୍ସା ଆଦି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ ।

## ୩୯ ନୂଆ ଔଷଧର ଖୁଚୁରା ମୂଲ୍ୟଧାର୍ଯ୍ୟ, ରୋଗୀଙ୍କ ଲାଗି ଶସ୍ତା ହେଲା

ନୂଆଦିଲ୍ଲୀ,୧ ୧।୭: ନ୍ୟାସନାଲ ଫାର୍ମାସ୍ୟୁଟିକଲ ପ୍ରାଇସିଂ ଅଥରିଟି (ଏନପିପିଏ) ୩୯ ନୂଆ ଔଷଧ ଫର୍ମୁଲେସନର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଏହି ସବୁ ଔଷଧରେ ଉଚ୍ଚରକ୍ତଚାପ, ଡାୟବେଟିଜ୍, ଏଚଆଇଭି, ହୃଦରୋଗ ଓ ଆଖି ସଂକ୍ରମଣ ଭଳି ରୋଗ ଚିକିତ୍ସାରେ ଉପଯୋଗ ହେଉଥିବା ଔଷଧ ରହିଛି। ଡ୍ରଗସ୍ (ପ୍ରାଇସ କଣ୍ଟ୍ରୋଲ) ଅର୍ଡର ୨୦୧୩ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଏହି ମୂଲ୍ୟ ଯୋଗୁ ରୋଗୀଙ୍କୁ ଔଷଧ ନିର୍ଦ୍ଧାରିତ ଓ ସୁଲଭ ମୂଲ୍ୟରେ ମିଳି ପାରିବ। ତେବେ ଏନପିପିଏ ସ୍ପଷ୍ଟ କରିଛନ୍ତି ଯେ ଏହା ଔଷଧର ଦର ହ୍ରାସ ନିଷ୍ପତ୍ତି ନୁହେଁ, ବରଂ ଅଧିକତମ ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କରିବାର ପ୍ରକ୍ରିୟା। ଏନପିପିଏ ଅନୁସାରେ ଉଚ୍ଚ ରକ୍ତଚାପ ଚିକିତ୍ସାରେ ଉପଯୋଗ ହେଉଥିବା ଏମ୍ଲୋଡିପିନ, ବିସୋପ୍ରୋଲୋଲ ଓ ଟେଲିମିସାରଟନ ମିଳିତ ଟାବଲେଟ୍ ମୂଲ୍ୟ ପ୍ରତି ଟାବଲେଟ୍ ୧୪ଟଙ୍କା ୭୪ ପଇସା ନିର୍ଦ୍ଧାରିତ ହୋଇଛି। ସେହିପରି ଚକ୍ଷୁ ସର୍ଜରି ପରେ ଉପଯୋଗ ହେଉଥିବା ବ୍ୟାକ୍ଟେରିୟାଲ ସଂକ୍ରମଣରେ ବ୍ୟବହୃତ ହେଉଥିବା ନେପାଫେନାକ ଓ ମୋକ୍ସିଫ୍ଲୋକ୍ସସିନ ଆଇଡ୍ରପ ପ୍ରତି ମିଲି ୬୮ଟଙ୍କା ୬୪ ପଇସା ନିର୍ଦ୍ଧାରିତ ହୋଇଥିବା ବେଳେ ହୃଦଘାତ ଓ ଷ୍ଟ୍ରୋକ୍ ରିସ୍କକୁ ହ୍ରାସ କରୁଥିବା କ୍ଲୋପିଡେଗ୍ରେଲ, ଆସ୍ପିରିନ ଓ ଏଟୋରଭାଷ୍ଟେଟିନ ପ୍ରତି କ୍ୟାପସୁଲ ମୂଲ୍ୟ ୬ଟଙ୍କା ୩୭ ପଇସା ଧାର୍ଯ୍ୟ ହୋଇଛି।

## ଗାଜିଆବାଦରେ ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

ଗାଜିଆବାଦ,୧ ୧।୭: ଉତ୍ତରପ୍ରଦେଶର ଗାଜିଆବାଦରେ ଜଣେ ୭ ବର୍ଷର ଝିଅକୁ ଅପହରଣ ପରେ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ରାତି ୧ଟା ସମୟରେ ଗାଜିଆବାଦର ରାଜନଗର ଏକ୍ସଟେନସନରେ ଏକ ନିର୍ମାଣାଧୀନ ମଲର ବେସମେଣ୍ଟରୁ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଶିଶୁର ବାପାମା' ବିହାରର ପ୍ରବାସୀ ଶ୍ରମିକ। ଗତ କିଛି ବର୍ଷ ହେଲା ସେମାନେ ନିର୍ମାଣସ୍ଥଳ ନିକଟରେ ରହି ଆସୁଥିଲେ। ଶିଶୁଟି ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲା। ପୋଲିସ ସୂଚନା ଅନୁଯାୟୀ, ମୃତଦେହ ମିଳିବା ନେଇ ସେମାନଙ୍କୁ ରାତି ୧ଟାବେଳେ ଖବର ମିଳିଥିଲା। ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ, ଶିଶୁଟିକୁ କେହି ଚିପ୍ସ, ସ୍ନାକ୍ସ କିମ୍ବା କୋଲ୍ଡଡ୍ରିଙ୍କର ଲୋଭ ଦେଖାଇ ନିର୍ଜନ କୋଠାକୁ ନେଇଯାଇଥିଲା। ସେଠାରେ ଦୁଇଜଣ ଲୋକ ଝିଅଟିକୁ ଦୁଷ୍କର୍ମ କରିବା ପରେ ହତ୍ୟା କରି ବେସମେଣ୍ଟକୁ ଫିଙ୍ଗି ଦେଇପାରିଥାନ୍ତି ବୋଲି ସନ୍ଦେହ କରାଯାଉଛି। ଶିଶୁଟିର ବାପା କହିଛନ୍ତି, ତାଙ୍କ ଝିଅର ମୃତଦେହରେ ପୋଷାକ ନଥିବାବେଳେ ମୁଣ୍ଡ ଓ ମୁହଁରୁ ରକ୍ତ ବାହାରୁଥିଲା। ତେବେ ପୁଲିସ ପ୍ରାଥମିକ ତଦନ୍ତରୁ କହିଛି ଯେ, ଶିଶୁଟି ଛାତ ଉପରୁ ପଡ଼ି ଖଣ୍ଡିଆଖାବରା ହୋଇଥିବା ପରି ଜଣାପଡୁନାହିଁ। ବରଂ କେହି ଝିଅଟିର ମୁଣ୍ଡକୁ ଲୁହାରଡ଼ରେ ଆଘାତ ଦେଇଥାଇପାରେ। ପୁଲିସର ବରିଷ୍ଠ ଅଧିକାରୀ ଓ ଫୋରେନସିକ ବିଶେଷଜ୍ଞ ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ କେତେକ ଲୋକଙ୍କୁ ଅଟକ ରଖାଯାଇଛି।

## ପଶ୍ଚିମବଙ୍ଗ ୟୁସିସି ଡ୍ରାଫ୍ଟ ସମୀକ୍ଷା ନଅ ଜଣିଆ ପ୍ୟାନେଲ ନିଯୁକ୍ତ

ନୂଆଦିଲ୍ଲୀ,୧ ୧।୭: ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ସରକାର ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ବିଲ୍ ଡ୍ରାଫ୍ଟ ସମୀକ୍ଷା କରିବା ପାଇଁ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ନଅ ଜଣିଆ କମିଟି ଗଠନ କରିଛନ୍ତି। କମିଟିର ଅନ୍ୟ ଆଠଜଣ ସଦସ୍ୟ ହେଉଛନ୍ତି ମେଘାଳୟର ପୂର୍ବତନ ରାଜ୍ୟପାଳ ତଥାଗତ ରୟ, ଆଇଏଏସ୍ ଏବଂ ରେସିଡେଣ୍ଟ୍ କମିସନର ଦୁଶ୍ୟନ୍ତ ନରିଆଲା, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶତ୍ରୁଘ୍ନ ସିଂ, ଗୃହ ବିଭାଗର ମୁଖ୍ୟ ସଚିବ ସଙ୍ଘମିତ୍ରା ଘୋଷ, ବାଙ୍ଗାବାସି ମହାବିଦ୍ୟାଳୟର ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର ରତ୍ନା ଭଟ୍ଟାଚାର୍ଯ୍ୟ,ଗୌର ବଙ୍ଗ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଗୋପାଳ ଚନ୍ଦ୍ର ମିଶ୍ର, କୋଲକାତା ହାଇକୋର୍ଟର ଆଇନଜୀବୀ ଓସମାନ ଗନି ମଲ୍ଲିକ ଏବଂ ସମ୍ବାଗର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ମଳା ଭଟ୍ଟାଚାର୍ଯ୍ୟ। ରାଜ୍ୟ ନ୍ୟାୟିକ ବିଭାଗ ଜୁଲାଇ ୧୦ ତାରିଖରେ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଥିଲା। ନ୍ୟାୟିକ ବିଭାଗ ଦ୍ୱାରା ବିଜ୍ଞପ୍ତି ଜାରି ହେବା ପୂର୍ବରୁ ରାଜ୍ୟ ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ ଗୁରୁବାର ନୂଆଦିଲ୍ଲୀରେ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଦେଶାଇଙ୍କ ସହ ଏକ ବୈଠକ କରିଥିଲେ। ରାଜ୍ୟ ସରକାର ପୂର୍ବରୁ ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତୁତ କରିସାରିଛନ୍ତି। ଏହା ରାଜ୍ୟର ସମସ୍ତ ନାଗରିକଙ୍କ ପାଇଁ ଏକ ବ୍ୟାପକ ଆଇନଗତ ଢାଞ୍ଚା ସ୍ଥାପନ କରିବା ଉଦ୍ଦେଶ୍ୟରେ କରାଯାଇଛି। ଜୁଲାଇ ୨ ତାରିଖରେ, ଶୁଭେନ୍ଦୁ ଅଧିକାରୀ କ୍ୟାବିନେଟ୍ ୟୁସିସି ବିଲ୍ ଡ୍ରାଫ୍ଟ ସମୀକ୍ଷା କରିବା ପାଇଁ ଜଷ୍ଟିସ୍ ଦେଶାଇଙ୍କ ନେତୃତ୍ୱରେ ଏକ କମିଟି ଗଠନକୁ ଅନୁମୋଦନ କରିଥିଲେ।

## କାଗଜ ଯୋଗାଣ ମାମଲାରେ ଏନସିଇଆରଟି ଅଧିକାରୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧ ୧।୭: ପାଠ୍ୟପୁସ୍ତକ ଲାଗି କାଗଜ ଯୋଗାଣ ଦାୟିତ୍ୱରେ ଥିବା ଏକ ସଂସ୍ଥାକୁ 'କଳା ତାଲିକା ଭୁକ୍ତ' କରିବା ନିଷ୍ପତ୍ତି ମାମଲାରେ ହାଇକୋର୍ଟରେ ପକ୍ଷ ରଖିବାକୁ ଏନସିଇଆରଟି ଅଧିକାରୀଙ୍କ ବିଫଳତା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେମାନଙ୍କ ଭୂମିକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜୁନ ୨୪ ତାରିଖରେ ବାଫନା ଗ୍ଲୋବାଲ ଭେଞ୍ଚର ପ୍ରାଇଭେଟ ଲିମିଟେଡ ଦିଲ୍ଲୀ ଉଚ୍ଚନ୍ୟାୟାଳୟରେ ଆବେଦନ ରୁଜୁ କରି ଏନସିଇଆରଟି ଦ୍ୱାରା ଜୁନ ୨୨ରେ ଜାରି ବ୍ଲାକ୍ ଲିଷ୍ଟିଂ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲା, ଯେଉଁଥିରେ ସଂସ୍ଥାକୁ ୨ ବର୍ଷ ପର୍ଯ୍ୟନ୍ତ ଏନସିଇଆରଟି କ୍ରୟ ପ୍ରକ୍ରିୟାରେ ଭାଗ ନେବାକୁ ନିଷିଦ୍ଧ କରାଯାଇଥିଲା।

## ଲାଲକିଲ୍ଲାକୁ ବୋମାରେ ଉଡ଼ାଇବାକୁ ଧମକ

ନୂଆଦିଲ୍ଲୀ,୧ ୧।୭: ରାଜଧାନୀ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାକୁ ବୋମା ମାଡ଼ କରି ଉଡ଼ାଇବାକୁ ଧମକ ମିଳିଛି। ଏହି ଧମକ ମୁମ୍ବାଇ ପୁଲିସକୁ ଫୋନ୍ କରି ଦିଆଯାଇଛି। ଜଣେ ବ୍ୟକ୍ତି ମୁମ୍ବାଇ ପୁଲିସ କଣ୍ଟ୍ରୋଲ ରୁମକୁ ଫୋନ୍ କରି ଲାଲକିଲ୍ଲା ଉପରେ ବୋମା ମାଡ଼ କରିବାକୁ ଧମକ ଦେଇଛନ୍ତି। ମୁମ୍ବାଇ ପୁଲିସ କଣ୍ଟ୍ରୋଲ ରୁମ ତୁରନ୍ତ ଏହି ଧମକ ବିଷୟରେ ଦିଲ୍ଲୀ ପୁଲିସ କଣ୍ଟ୍ରୋଲ ରୁମକୁ ଜଣାଇଥିଲେ। ତା'ପରେ ଦିଲ୍ଲୀ ପୁଲିସ କଣ୍ଟ୍ରୋଲ ରୁମ ଉତ୍ତର ଜିଲ୍ଲା ପୁଲିସକୁ ଏନେଇ ସୂଚନା ପ୍ରଦାନ କରିଥିଲା। ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା।ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ, ଉତ୍ତର ଜିଲ୍ଲା ପୁଲିସ ଏହି ଧମକକୁ ମିଥ୍ୟା ବୋଲି କହିଛି। ତେବେ ଏହାକୁ କିଏ ଦେଇଥିଲେ ସେ ନେଇ ତଦନ୍ତ ଜାରି ରହିଛି। ଅତୀତରେ ମିଥ୍ୟା ବୋମା ମାଡ଼ ଧମକ ରିପୋର୍ଟ କରାଯାଇଛି। ସମ୍ପ୍ରତି, ଦିଲ୍ଲୀ ଏବଂ ନୋଏଡାର ପ୍ରମୁଖ ସ୍କୁଲଗୁଡ଼ିକରେ ଏଭଳି ମିଥ୍ୟା ବୋମା ଧମକ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଇମେଲ୍ ଧମକ ଏକ ମିଥ୍ୟା ବୋଲି ଜଣାପଡ଼ିଥିଲା।

# ଭାରତ- ନ୍ୟୁଜିଲାଣ୍ଡ ମଧ୍ୟରେ ୧୮ ଚୁକ୍ତି ସ୍ୱାକ୍ଷରିତ



ଅକଲାଣ୍ଡ,୧ ୧।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନ୍ୟୁଜିଲାଣ୍ଡ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କର ଏକ ନୂତନ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ କିୱି ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ଶିଖର ସମ୍ମିଳନୀ ପରେ, ଦୁଇ ଦେଶ ଆନୁଷ୍ଠାନିକ ଭାବରେ ସେମାନଙ୍କର ସମ୍ପର୍କକୁ ଏକ ରଣନୈତିକ ସହଭାଗୀତାକୁ ଉନ୍ନୀତ କରିଛନ୍ତି ଏବଂ 'ଭାରତ-ନ୍ୟୁଜିଲାଣ୍ଡ ରଣନୈତିକ ସହଭାଗୀତା: ରୋଡମ୍ୟାପ୍ ୨୦୩୦' କୁ ଅନୁମୋଦନ କରିଛନ୍ତି। ପ୍ରତିରକ୍ଷା, ବାଣିଜ୍ୟ, କ୍ରୀଡା, ପଶୁପାଳନ, ବିପର୍ଯ୍ୟୟ ପରିଚାଳନା, ସାମୁଦ୍ରିକ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ କ୍ଷେତ୍ରରେ ସହଯୋଗ ସମେତ ମୋଟ ୧୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମିଳିତ ବିବୃତିରେ ଦୁଇ ଦେଶ ସ୍ପଷ୍ଟ କରିଛନ୍ତି ଯେ, ଆଗାମୀ ବର୍ଷଗୁଡ଼ିକରେ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଏକ ଦୀର୍ଘକାଳୀନ ରଣନୀତି ବିକଶିତ କରାଯିବ। ଦୁଇ ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଲୋଚନା ଏବଂ ବାର୍ଷିକ ବୈଠକ ମଧ୍ୟ ସ୍ଥିର କରାଯାଇଛି। ଏହା ବ୍ୟତୀତ, ଦୁଇ ସଂସଦ ମଧ୍ୟରେ ସହଯୋଗ ଏବଂ ସାଂସଦଙ୍କ ଆଦାନପ୍ରଦାନକୁ ଉତ୍ସାହିତ କରାଯିବ। ବୈଠକରେ ୨୦୨୫ ମସିହାର ଭାରତ-ନ୍ୟୁଜିଲାଣ୍ଡ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାକୁ ସହମତ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ତିନୋଟି ସେବା ମଧ୍ୟରେ ନିୟମିତ ଭାବରେ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ବ୍ୟତୀତ, କମ୍ବାଇଣ୍ଡ ଟାସ୍କ ଫୋର୍ସ ୧୫୦ ଅଧୀନରେ ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦ ବିରୋଧୀ ଏବଂ ନିଶାଦ୍ରବ୍ୟ ଚାଲାଣରେ ଚାଲିଥିବା ସହଯୋଗକୁ ପ୍ରଶଂସା କରାଯାଇଛି। ଦୁଇ ଦେଶ ସାମୁଦ୍ରିକ ସହଯୋଗ ବ୍ୟବସ୍ଥା(ଏମସିଏ), ହାଇଡ୍ରୋଗ୍ରାଫି ସହଯୋଗ ଏବଂ ପାରସ୍ପରିକ ଲଜିଷ୍ଟିକ୍ସ ସହାୟତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ମଧ୍ୟ ସହମତ ହୋଇଛନ୍ତି।

### ୨୫ ବର୍ଷ ପୁରୁଣା ନ୍ୟୁଜିଲାଣ୍ଡ ମଫଲରର କାହାଣୀ କହି ଭାବୁକ ହେଲେ ମୋଦି



ଅକଲ୍ୟାଣ୍ଡ,୧ ୧।୭: ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକଲ୍ୟାଣ୍ଡଠାରେ ଶନିବାର ଆୟୋଜିତ ଭାରତୀୟ ସମାବେଶରେ ନିଜର ଏକ ପୁରୁଣା ଓ ଆବେଗପୂର୍ଣ୍ଣ ସ୍ମୃତି ବାଣ୍ଟିଛନ୍ତି। ୨୫ରୁ ୩୦ ତଳେ ନ୍ୟୁଜିଲାଣ୍ଡ ଗସ୍ତ ସମୟରେ ଜଣେ ବନ୍ଧୁ ତାଙ୍କୁ ଉପହାରରେ ଦେଇଥିବା ମଫଲର ଟୋପି ଏବଂ ଗ୍ଲୋଭସ୍ ସେଟକୁ ସଭାରେ ଦେଖାଇବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ କହିଥିଲେ, ମୁଁ ଏହି ମଫଲରକୁ ବର୍ଷ ବର୍ଷ ଧରି ଅନେକ ଥର ବ୍ୟବହାର କରିଛି। ଆଜି ବି ମୁଁ ଏହାକୁ ସେତିକି ମୂଲ୍ୟବାନ ମନେକରେ, ଯେପରି ନ୍ୟୁଜିଲାଣ୍ଡବାସୀଙ୍କ ଭଲପାଇବାକୁ ମୁଁ ସମ୍ମାନ ଦିଏ।

### ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କଲେ ମୋଦି



ନୂଆଦିଲ୍ଲୀ,୧ ୧।୭(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅକ୍ଲାଣ୍ଡଠାରେ ଆୟୋଜିତ "କିଆ ଓରା ମୋଦି" କାର୍ଯ୍ୟକ୍ରମରେ ନ୍ୟୁଜିଲ୍ୟାଣ୍ଡରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି। ଏହି ସମାରୋହରେ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ମଧ୍ୟ ସାମିଲ ହୋଇଥିଲେ। ପ୍ରାୟ ୧୦,୦୦୦ରୁ ଅଧିକ ପ୍ରବାସୀ ଭାରତୀୟଙ୍କ ଉପସ୍ଥିତି ଯୋଗୁଁ ଏହି ସମାବେଶ ଆନ୍ତରିକତା, ଶକ୍ତି ଏବଂ ବେଶ୍ ଉତ୍ସାହରେ ପରିପୂର୍ଣ୍ଣ ଥିଲା। ପ୍ରଧାନମନ୍ତ୍ରୀ ମୋଦି ନିଜର ଅଭିଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଲକ୍ସନଙ୍କୁ ତାଙ୍କର ଗାରିମାମୟ ଉପସ୍ଥିତି ଏବଂ କିୱି-ଭାରତୀୟ ସମୁଦାୟର କଲ୍ୟାଣ ସମେତ ଦ୍ୱିପାକ୍ଷିକ ସହଭାଗିତା ପାଇଁ ତାଙ୍କର ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଇଥିଲେ। ଏହି ସମୁଦାୟ ପକ୍ଷରୁ ତାଙ୍କୁ ଦିଆଯାଇଥିବା ବିଶେଷ ସ୍ୱାଗତକୁ ସେ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଦୃଢ ସଂକଳ୍ପ, କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ କିୱି ଭାରତୀୟ ସମୁଦାୟ ଏକ ଗତିଶୀଳ ଶକ୍ତି ଭାବରେ ଉଭା ହୋଇଛି, ଯାହା ନ୍ୟୁଜିଲ୍ୟାଣ୍ଡର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି।

## ଭାରତୀୟ ନୌସେନାରେ ସାମିଲ ହେଲା 'ଆଇଏନଏସ ମହେନ୍ଦ୍ରଗିରି'



ବିଶାଖାପାଟଣା,୧ ୧।୭: ଭାରତୀୟ ନୌସେନାରେ ସାମିଲ ହେଲା 'ଆଇଏନଏସ ମହେନ୍ଦ୍ରଗିରି'। ହିନ୍ଦ ମହାସାଗର ଏବଂ ଇଣ୍ଡୋ-ପାସିଫିକ୍ କ୍ଷେତ୍ରରେ ବଢୁଥିବା ରଣନୀତିକ ତିକ୍ତତା ଓ ଗ୍ଲୋବାଲ ଚ୍ୟାଲେଞ୍ଜ ମଧ୍ୟରେ ଭାରତୀୟ ନୌସେନାର ଶକ୍ତି ଆହୁରି ବୃଦ୍ଧି ପାଇଛି। ଶନିବାର ବିଶାଖାପାଟଣା ନେଭାଲ ଡକୟାର୍ଡଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅତ୍ୟାଧୁନିକ ଷ୍ଟିଲ୍ଥ ଗାଇଡେଡ୍ ମିସାଇଲ୍ ଫ୍ରିଗେଟ୍ 'ଆଇଏନଏସ ମହେନ୍ଦ୍ରଗିରି' (ଏଫ-୩୮) କୁ ଭାରତୀୟ ନୌସେନାରେ ସାମିଲ କରିଛନ୍ତି। ଆଇଏନଏସ ମହେନ୍ଦ୍ରଗିରି ହେଉଛି ଏକ 'ନୀଳଗିରି-କ୍ଲାସ' ଷ୍ଟିଲ୍ଥ ଗାଇଡେଡ୍ ମିସାଇଲ୍ ଫ୍ରିଗେଟ୍। ଏହାକୁ ଇଣ୍ଡିଆନ୍ ନେଭିର 'ୱାରସିପ୍ ଡିଜାଇନ୍ ବ୍ୟୁରୋ' ଡିଜାଇନ୍ କରିଥିବା ବେଳେ ମୁମ୍ବାଇର 'ମାଝାଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ୍' ଏହାର ନିର୍ମାଣ କରିଛି। ଏହି ଯୁଦ୍ଧପୋତରେ ୭୫ ପ୍ରତିଶତରୁ ଅଧିକ ସ୍ୱଦେଶୀ ସରଞ୍ଜାମ ଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି, ଯାହା ବିଦେଶୀ ପ୍ରତିରକ୍ଷା ଆମଦାନୀ ଉପରେ ଭାରତର ନିର୍ଭରଶୀଳତାକୁ ହ୍ରାସ କରିଛି। ଭବିଷ୍ୟତର ଆଧୁନିକ ନୌସେନା ଯୁଦ୍ଧ ଏବଂ ଦୂରଗାମୀ ମିଶନକୁ ଦୃଷ୍ଟିରେ ରଖି ଆଇଏନଏସ ମହେନ୍ଦ୍ରଗିରିକୁ ପ୍ରସ୍ତୁତ କରାଯାଇଛି। ଏହା ଏକାସଙ୍ଗେ ଏକାଧିକ ମୋର୍ଚ୍ଚାରେ ଶତ୍ରୁକୁ ମାତ୍ ଦେବାର କ୍ଷମତା ରଖିଛି।

## ଗାୟିକା ଏସ. ଜାନକୀଙ୍କ ପରଲୋକ



ନୂଆଦିଲ୍ଲୀ,୧ ୧।୭: ଦକ୍ଷିଣ ଭାରତର କୋକିଳକଣ୍ଠୀ ତଥା ବିଶିଷ୍ଟ ପ୍ରଚ୍ଛଦପଟ ଗାୟିକା ଏସ. ଜାନକୀଙ୍କର ୧୧ ଜୁଲାଇ ୨୦୨୬ରେ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। କର୍ଣ୍ଣାଟକର ମୈସୂରୁସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଖବର ଅନୁଯାୟୀ, ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ସେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲେ। ଓଡ଼ିଆ, ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମ୍ ସମେତ ଅନେକ ଭାଷାରେ ହଜାର ହଜାର ସୁପରହିଟ୍ ଗୀତ ଗାଇ ସେ କୋଟି କୋଟି ଶ୍ରୋତାଙ୍କ ହୃଦୟ ଜିତିଥିଲେ। ତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ସଙ୍ଗୀତ ପ୍ରେମୀଙ୍କ ଗହଣରେ 'ଜାନକୀ ଆମ୍ମା' ଭାବେ ପରିଚିତ ଏସ. ଜାନକୀ ନିଜର ୬ ଦଶନ୍ଧିରୁ ଅଧିକ ସମୟର କ୍ୟାରିୟର ମଧ୍ୟରେ ୨୦ରୁ ଅଧିକ ଭାଷାରେ ପ୍ରାୟ ୪୮ ହଜାର ଗୀତ ଗାଇଥିଲେ। ନିଜର ଚମତ୍କାର ଶୈଳୀ ଓ ଭାବପୂର୍ଣ୍ଣ ପ୍ରଦର୍ଶନ ପାଇଁ ତାଙ୍କୁ ସଙ୍ଗୀତ ଦୁନିଆରେ 'କ୍ୱିନ୍ ଅଫ୍ ଏକ୍ସପ୍ରେସନ' ବୋଲି କୁହାଯାଉଥିଲା। ତେବେ ୨୦୧୩ ମସିହାରେ କେନ୍ଦ୍ର ସରକାର ଏସ. ଜାନକୀଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଭୂଷଣ' ପ୍ରଦାନ କରିବାକୁ ଘୋଷଣା କରିଥିଲେ। ମାତ୍ର ସେ ଏହି ସମ୍ମାନକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଜାନକୀଙ୍କ କହିବା ଅନୁଯାୟୀ, ଦେଶର ସଙ୍ଗୀତ ଜଗତକୁ ତାଙ୍କର ଦୀର୍ଘ ୫ ଦଶନ୍ଧିର ଅବଦାନ ପାଇଁ ଏହି ସମ୍ମାନ ଖୁବ୍ ବିଳମ୍ବରେ ମିଳିଥିଲା। ସେ ଅନୁଭବ କରିଥିଲେ ଯେ, ଦକ୍ଷିଣ ଭାରତର କଳାକାରମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଠିକ୍ ସମୟରେ ଉପଯୁକ୍ତ ସମ୍ମାନ ମିଳେନାହିଁ।

## ପାକିସ୍ତାନରେ ୮୮ ଆତଙ୍କବାଦୀ ନିହତ

ଇସଲାମାବାଦ,୧ ୧।୭: ପାକିସ୍ତାନ ସରକାର ଜୁଲାଇ ୫ ତାରିଖରୁ ଆତଙ୍କବାଦୀଙ୍କ ଉପରେ ବଲୁଚିସ୍ତାନ ପ୍ରଦେଶରେ ବଡ଼ଧରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସୁରକ୍ଷାକର୍ମୀ ଏପର୍ଯ୍ୟନ୍ତ ୮୮ ଜଣ ଆତଙ୍କବାଦୀଙ୍କୁ ନିପାତ କରିଥିବା ଶନିବାର ପାକିସ୍ତାନ ସରକାର ପ୍ରକାଶ କରିଛନ୍ତି। ଗତ ୨୪ ଘଣ୍ଟାରେ ୯ ଜଣ ଆତଙ୍କବାଦୀ ନିହତ ହୋଇଥିବା ପାକିସ୍ତାନ ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହସିନ୍ ନକଭୀ କହିଛନ୍ତି। ପାକିସ୍ତାନରେ 'ଅପରେସନ ଶାହବାନ୍'ରେ ଏପର୍ଯ୍ୟନ୍ତ ୮୮ ଜଣଙ୍କ ମୃତ୍ୟୁ ହୋଇଛି। ଚାଲିଥିବା ଅପରେସନରେ ପାକିସ୍ତାନ ସେନା, ଅର୍ଦ୍ଧସାମରିକ ରେଞ୍ଜର୍ସ ଓ ସୀମାନ୍ତ ବାହିନୀ ସାମିଲ ଅଛନ୍ତି। ସୁରକ୍ଷା ବାହିନୀ ପ୍ରଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆଡ୍ଡା ଉପରେ ସମନ୍ୱିତ ଭାବେ ସ୍ଥଳ ଓ ଆକାଶ ମାର୍ଗରୁ ଆକ୍ରମଣ କରିଛନ୍ତି। ଜୁଲାଇ ୫ ତାରିଖରେ ବଲୁଚିସ୍ତାନରେ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ୍ ଶାହବାନ୍ ଆରମ୍ଭ ହୋଇଥିଲା। ଜିଆରତ ଜିଲ୍ଲାର ମାଙ୍ଗି ଡ୍ୟାମରେ ଥିବା ଏକ ପୁଲିସ ଚେକପଏଣ୍ଟକୁ ଟାର୍ଗେଟ କରି ଆତଙ୍କବାଦୀମାନେ ଖୁବ୍ ଭୟଙ୍କର ଆକ୍ରମଣ କରିଥିଲେ। ଆତଙ୍କବାଦୀ ୯ ଜଣ ପୁଲିସ କର୍ମଚାରୀଙ୍କୁ ହତ୍ୟା କରିଥିବାବେଳେ ୧୮ ଜଣଙ୍କୁ ଅପହରଣ କରିନେଇଥିଲେ। ପରେ ଜିଆରତ ନିକଟସ୍ଥ ଜାରଘୁନ୍ ପର୍ବତାଞ୍ଚଳରୁ ଅପହୃତ ପୁଲିସ ଅଧିକାରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଅଧିକାରୀଙ୍କ ହତ୍ୟାକୁ ନେଇ ପାକିସ୍ତାନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ନିହତ ପୁଲିସ ଅଧିକାରୀଙ୍କ ପରିବାରବର୍ଗ ପ୍ରତିବାଦରେ କ୍ୱେଏଟା ଉପକଣ୍ଠରେ ଥିବା କୋଏଲା ଫାଟକ ଚୌକରେ ପ୍ରତିବାଦ ଜାରି ରଖିଛନ୍ତି। ସେମାନେ ମୃତକଙ୍କ ପାଇଁ ନ୍ୟାୟ ଦାବି ଓ ସୁରକ୍ଷାକର୍ମୀଙ୍କ ପାଇଁ କଡ଼ା ସୁରକ୍ଷା ପଦକ୍ଷେପ ଦାବି କରିଛନ୍ତି। ୧୮ ପୁଲିସ ଅଧିକାରୀଙ୍କ ମୃତଦେହରୁ ୮ଟି ମୃତଦେହକୁ ଧାରଣାସ୍ଥଳକୁ ଆଣି ପରିବାର ଲୋକମାନେ ଜୋରଦାର ପ୍ରତିବାଦ କରିଥିଲେ। ଜୁଲାଇ ୫ ତାରିଖରେ କ୍ୱେଏଟା ନିକଟସ୍ଥ ହାନ୍ନା ଉରାକ ଉପତ୍ୟକାରେ ମଧ୍ୟ ହିଂସା ଘଟିଥିଲା। ଆତଙ୍କବାଦୀମାନେ ଏକ ସ୍ଥାନୀୟ ଜନଜାତିର ସଦସ୍ୟମାନଙ୍କ ଉପରେ ଆକ୍ରମଣ କରି ପାଞ୍ଚ ଜଣଙ୍କୁ ହତ୍ୟା କରିଥିଲେ।

## ଭାରତୀୟ ବଂଶୋଦ୍ଭବ ପତ୍ନୀକୁ ଗୁଳି ମାରିଦେଲେ ଆମେରିକୀୟ ସ୍ୱାମୀ



ନୂଆଦିଲ୍ଲୀ,୧ ୧।୭: ଭାରତୀୟ ବଂଶୋଦ୍ଭବ ଇଞ୍ଜିନିୟର ପତ୍ନୀଙ୍କୁ ଗୁଳି କରି ହତ୍ୟା କଲେ ଆମେରିକୀୟ ସ୍ୱାମୀ। ଆମେରିକାର ଜର୍ଜିଆ ରାଜ୍ୟରେ ଏଭଳି ହୃଦୟବିଦାରକ ଘଟଣା ଘଟିଛି। ଏଠିବି ହତ୍ୟାର ମୂଳକାରଣ ଘରୋଇ କଳି। ମୃତ ମହିଳା ହେଲେ ଭାରତୀୟ ବଂଶୋଦ୍ଭବ ଇଞ୍ଜିନିୟର ତଥା ଗୁଗଲର ବରିଷ୍ଠ ଇଞ୍ଜିନିୟର ଶୀତଲ ୱ୍ଜେସିଏନ୍। ଶୀତଲଙ୍କ ସ୍ୱାମୀ ତାଙ୍କ ପୁଅ ଜେସନ୍ ୱ୍ଜେସିଏନ୍‌ଙ୍କୁ ବି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ହେଲେ ଜାସନ ଗୁଳିରେ ଆହତ ହୋଇଥିବା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ରାତିରେ କବ୍ କାଉଣ୍ଟିରେ ଥିବା ଦମ୍ପତିଙ୍କ ବାସଭବନରେ ଏହି ଗୁଳିକାଣ୍ଡ ଘଟିଥିଲା।

## ଦିଦିଙ୍କୁ ଛାଡିଲେ ଅନୁବ୍ରତ ମଣ୍ଡଳ
### ଋତବ୍ରତଙ୍କ ଗୋଷ୍ଠୀରେ ଯୋଗଦେଲେ

କୋଲକାତା,୧ ୧।୭: ତୃଣମୂଳ କଂଗ୍ରେସ(ଟିଏମସି)କୁ ପୁଣି ଏକ ଝଟକା ଲାଗିଛି। ଶନିବାର ପାର୍ଟିର ବରିଷ୍ଠ ନେତା ତଥା ମମତା ବାନାର୍ଜୀଙ୍କ ଏକାନ୍ତ ଅନୁଗତ ଅନୁବ୍ରତ ମଣ୍ଡଳ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଯାଇଛନ୍ତି। ପଶ୍ଚିମବଙ୍ଗ ବିରୋଧୀ ରାଜନୀତିରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ବୋଲି କୁହାଯାଉଛି। ମଣ୍ଡଳଙ୍କ ପଦକ୍ଷେପ ନେଇ ବିରୋଧୀ ଦଳ ନେତା ଋତବ୍ରତ ବାନାର୍ଜୀ ପୁଷ୍ଟି କରିଥିବା ବେଳେ ମଣ୍ଡଳଙ୍କୁ ବୀରଭୂମ ଜିଲ୍ଲା ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଏହି ପରିବର୍ତ୍ତନ ଏବେ ଜିଲ୍ଲାରେ ରାଜନୈତିକ ସ୍ଥିତିରେ ପରିବର୍ତ୍ତନର ଆଶଙ୍କା କରାଯାଉଛି। କାରଣ ଅନୁବ୍ରତ ଦୀର୍ଘ ସମୟରୁ ଟିଏମସିର ପ୍ରମୁଖ ନେତାଙ୍କ ମଧ୍ୟରେ ଜଣେ ହୋଇଥିଲେ। ସୂତ୍ର ଅନୁସାରେ ଏହି ଘଟଣାକ୍ରମ ଶୁକ୍ରବାର ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗର ପୂର୍ବତନ ଉପ ବାଚସ୍ପତି ଆଶିଷ ବନ୍ଦୋପାଧ୍ୟାୟ ବିରୋଧୀ ଦଳ ନେତାଙ୍କୁ ଭେଟିଥିଲେ। ଏହା ପରେ ବିଦ୍ରୋହୀ ଗୋଷ୍ଠୀର ଜନୈକ ବିଧାୟକ ମଣ୍ଡଳଙ୍କ ସହ ସମ୍ପର୍କ କରିଥିଲେ ଓ ତାଙ୍କୁ ବିଦ୍ରୋହୀଙ୍କ ଗୋଷ୍ଠୀରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। କୁହାଯାଉଛି ମଣ୍ଡଳ ଏହି ପ୍ରସ୍ତାବକୁ ସ୍ୱୀକାର କରିଛନ୍ତି। ଅନୁବ୍ରତ ମଣ୍ଡଳଙ୍କୁ ଦୀର୍ଘ ବର୍ଷରୁ ମମତାଙ୍କ ଜଣେ ଅନୁଗାମୀ ଭାବେ ଦେଖାଯାଇଛି। ମମତା ବାନାର୍ଜୀ ଅନେକ ଥର ରାଜନୈତିକ ବିବାଦ ଓ ଆଇନଗତ ସମସ୍ୟାରେ ଅନୁବ୍ରତଙ୍କୁ ସମର୍ଥନ କରିଛନ୍ତି। ମଣ୍ଡଳ ମଧ୍ୟ ଟିଏମସି ପ୍ରତି ତାଙ୍କ ବିଶ୍ୱସ୍ତତା କାୟମ ରଖିଥିଲେ ଓ ବାରମ୍ବାର କହୁଥିଲେ ମମତା ବାନାର୍ଜୀ ପାର୍ଟିର ଅସଲି ମୁହଁ। ହେଲେ ସେ ମଧ୍ୟ ଶେଷରେ ଋତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀରେ ନିଜକୁ ସାମିଲ କରିଦେଇଛନ୍ତି।

### ଟ୍ରମ୍ପଙ୍କୁ ମୋଜତାବାଙ୍କ ଧମକ
# 'ହତ୍ୟାକାରୀଙ୍କର ହେବନି ସ୍ୱାଭାବିକ ମୃତ୍ୟୁ'

ନୂଆଦିଲ୍ଲୀ,୧ ୧।୭: ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନି ଶନିବାର ଏକ ଭୟଙ୍କର ଚେତାବନୀ ଦେଇଛନ୍ତି। ଆମେରିକା ବିରୋଧରେ ପ୍ରତିଶୋଧ ନେବାକୁ ସଂକଳ୍ପ କରିଛନ୍ତି ମୋଜତାବା ଖାମେନି। ଗତ ଦୁଇଟି ଯୁଦ୍ଧରେ ତାଙ୍କ ପିତା (ପୂର୍ବତନ ସର୍ବୋଚ୍ଚ ନେତା) ଏବଂ ଅନ୍ୟ ଇରାନୀୟ ନାଗରିକଙ୍କ ହତ୍ୟା ପାଇଁ ଦାୟୀ ଥିବା ବ୍ୟକ୍ତିମାନେ 'ଶେଯରେ ସ୍ୱାଭାବିକ ମୃତ୍ୟୁବରଣ କରିବେ ନାହିଁ' ବୋଲି ସେ ସ୍ପଷ୍ଟ ଭାବରେ କହିଛନ୍ତି। ଇରାନର ସରକାରୀ ଗଣମାଧ୍ୟମ 'ଇସଲାମିକ ରିପବ୍ଲିକ ଅଫ୍ ଇରାନ ବ୍ରଡକାଷ୍ଟିଂ' ଦ୍ୱାରା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେୟାର କରାଯାଇଥିବା ଏକ ବାର୍ତ୍ତାରେ ମୋଜତାବା ଖାମେନି କହିଛନ୍ତି ଯେ, ନିକଟରେ ଘଟିଥିବା





ସଂଘର୍ଷରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତିଶୋଧ ତାଙ୍କ ଉପରେ ବା ଅନ୍ୟ କୌଣସି ଅଧିକାରୀଙ୍କ ଉପରେ ନିର୍ଭର କରେ ନାହିଁ। ସେ ସ୍ପଷ୍ଟ କରିଛନ୍ତି, 'ଆମେ ଥାଉ ବା ନଥାଉ, ଏହି ପ୍ରତିଶୋଧ ନିଶ୍ଚିତ ଭାବରେ ନିଆଯିବ।' ସେ ଧମକ ଦେଇ କହିଛନ୍ତି, 'ଏହି ହତ୍ୟାକାଣ୍ଡରେ ସାମିଲ ଥିବା ଅପରାଧୀମାନଙ୍କର ଏକ ତାଲିକା ସେମାନଙ୍କ ପାଖରେ ରହିଛି ଏବଂ ସେମାନଙ୍କର ଶେଷ ସମୟ ଶାନ୍ତିପୂର୍ଣ୍ଣ ହେବ ନାହିଁ। ଖୁବଶୀଘ୍ର ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ମୁକ୍ତ ଆତ୍ମାମାନେ ଆମ ନେତା ଏବଂ ସହିଦମାନଙ୍କ ହତ୍ୟାକାରୀଙ୍କ ବିରୋଧରେ ଏହି ପ୍ରତିଶୋଧ ତଥା ଦୈବୀ ମିଶନର କିଛି ଅଂଶ ସମ୍ପାଦନ କରିବେ।' ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ପୂର୍ବତନ ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲ୍ଲୀ ଖାମେନିଙ୍କ ମୃତ୍ୟୁ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଇସ୍ରାଏଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇରାନ ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ୍ କରିବା ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିଛି। ଖାମେନିଙ୍କ ଶେଷକୃତ୍ୟ ସମୟରେ ମଧ୍ୟ ଟ୍ରମ୍ପଙ୍କ ମୃତ୍ୟୁ ପାଇଁ ସାର୍ବଜନୀନ ଭାବରେ ସ୍ଲୋଗାନ ଦିଆଯାଇଥିଲା। ଇରାନର ଏହି ଧମକ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ପୋଷ୍ଟ କରି ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ସେ ଲେଖିଛନ୍ତି, '୧୦୦୦ ମିସାଇଲ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ଏବଂ ଏହାର ଟାର୍ଗେଟ୍ ଇସଲାମିକ ରିପବ୍ଲିକ ଅଫ୍ ଇରାନ ଆଡ଼କୁ ରହିଛି। ଯଦି ଇରାନ ସରକାର ଆମେରିକାର ରାଷ୍ଟ୍ରପତି ଅର୍ଥାତ୍ ମୋତେ ହତ୍ୟା କରିବାକୁ ଚେଷ୍ଟା କରନ୍ତି, ତେବେ ତୁରନ୍ତ ହଜାର ହଜାର ମିସାଇଲ ମାଡ଼ କରାଯିବ। ଆମେରିକା ସେନାକୁ ନିର୍ଦ୍ଦେଶ ଦିଆସରିଛି ଏବଂ ସେମାନେ ଇରାନର ସମସ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବାକୁ ପ୍ରସ୍ତୁତ ଅଛନ୍ତି।'

# ରୋଗୀ ହୋଇ ଆସି, ଡକାୟତି କରି ଚାଲିଗଲେ



ଧର୍ମଗଡ,(ନିପ୍ର): ଅଧରାତିରେ କବାଟ ବାଡ଼େଇଲେ। ଡାକ୍ତର ଭାବିଲେ ରୋଗୀ ଆସିଛନ୍ତି। କିନ୍ତୁ କବାଟ ଖୋଲିବା କ୍ଷଣି ଜଣାପଡ଼ିଲା, ଏମାନେ ଔଷଧ ନେବାକୁ ନୁହେଁ,ଚୋରି କରିବାକୁ ଆସିଛନ୍ତି। ଏଭଳି ଏକ ଚାଞ୍ଚଲ୍ୟକର ଡକାୟତି ଘଟଣା ଧର୍ମଗଡ଼ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଧର୍ମଗଡ଼ ସରକାରୀ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଅଜିତ କୁମାର ଦାସଙ୍କ ସରକାରୀ ବାସଭବନରେ ଗତ ରାତି ପ୍ରାୟ ୧ଟା ୧୫ ମିନିଟ୍ ସମୟରେ ଏହି ସଶସ୍ତ୍ର ଡକାୟତି ଘଟିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି କ୍ୱାର୍ଟର ଉପଜିଲ୍ଲାପାଳଙ୍କ ବାସଭବନ ନିକଟରେ ଥିବା ସତ୍ତ୍ୱେ ଡକାୟତମାନେ ନିର୍ଭୟରେ ଘଟଣା ଘଟାଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, କବାଟ ବାଡ଼େଇବା ପରେ ରୋଗୀ ହୋଇଥିବେ ବୋଲି ଭାବି ଡାକ୍ତର ଦୁଆର ଖୋଲିଥିଲେ। ସେତିକି ବେଳେ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘର ଭିତରକୁ ପଶି ଡାକ୍ତରଙ୍କୁ କାବୁ କରିଥିଲେ। ତାଙ୍କ ହାତଗୋଡ଼ ବାନ୍ଧିବା ସହ ମୁହଁରେ ସେଲୋ ଟେପ୍ ଲଗାଇ ଦେଇଥିଲେ। ଏହି ସମୟରେ ଡାକ୍ତର ଅଜିତ ଦାସ ସାହସର ପରିଚୟ ଦେଇ ଜଣେ ଡକାୟତଙ୍କ ପକେଟରୁ ବନ୍ଧୁକ ଛଡ଼ାଇ ନେଇ ଗୁଳି ଚଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେହି ବନ୍ଧୁକଟି ଖେଳଣା ବନ୍ଧୁକ ହୋଇଥିବାରୁ ତାହା ଫାୟାର ହୋଇନଥିଲା। ଏହାପରେ ତିନି ଜଣ ଦୁର୍ବୃତ୍ତ ତାଙ୍କୁ ପୂଜାଘରେ ଜଗି ରହିଥିବା ବେଳେ ଅନ୍ୟ ଜଣେ ବେଡରୁମରେ ଥିବା ଆଲମିରା ଖୋଲି ପ୍ରାୟ ୮୦ ହଜାର ଟଙ୍କା ନଗଦ, ପର୍ସରେ ଥିବା ୨ ହଜାର ଟଙ୍କା, ୫୪ ଗ୍ରାମର ସୁନା ଚେନ୍ ଏବଂ ଦୁଇଟି ସୁନା ମୁଦି ନେଇ ଚମ୍ପଟ ମାରିଥିଲେ।ଏହି ଘଟଣା ପୁଣି ଥରେ ଧର୍ମଗଡ଼ର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସହରରେ କିଛିଦିନ ହେଲା ଚୋରି, ରାହାଜାନୀ, ଗାଡ଼ି ଚୋରି ଏବଂ ଡକାୟତି ବଢୁଥିବା ବେଳ ଅପରାଧୀ ବଢୁଛି। ତାହାକୁ ନେଇ ସାଧାରଣରେ ଧର୍ମଗଡ଼ରେ ଏବେ ବୋଧହୁଏ ମନୋବଳ କାହିଁକି ଏତେ – ଆଲୋଚନା ଚାଲିଛି। ଚୋରମାନଙ୍କ 'ନାଇଟ୍ ସିଫ୍ଟ' ବେଶ୍ ସକ୍ରିୟ। ପୋଲିସ ପାଟ୍ରୋଲିଂଠାରୁ ଡକାୟତଙ୍କ ପାଟ୍ରୋଲିଂ ଅଧିକ ଦୃଶ୍ୟମାନ ବୋଲି ସହରବାସୀ କଟାକ୍ଷ କରୁଛନ୍ତି। ଉପଜିଲ୍ଲାପାଳଙ୍କ ବାସଭବନ ପାଖରେ ଯଦି ଡକାୟତମାନେ ଏତେ ନିର୍ଭୟରେ କାଣ୍ଡ ଘଟାଇ ପାରୁଛନ୍ତି, ତେବେ ସାଧାରଣ ଲୋକଙ୍କ ସୁରକ୍ଷାକେତେ ସୁଦୃଢ଼ ତାହା ସହଜରେ ଅନୁମାନ କରାଯାଇପାରେ।

## ବଜ୍ରପାତରେ ପୋଡ଼ିଲା ବିଦ୍ୟାଳୟର ବୈଦ୍ୟୁତିକ ସରଞ୍ଜାମ

ଭାପୁର,(ନିପ୍ର): ଭାପୁର ବ୍ଲକ ଶିକ୍ଷାକେନ୍ଦ୍ର ଅଧୀନ ଚକ୍ରଧରପ୍ରସାଦ ଗ୍ରାମରେ ଅବସ୍ଥିତ ଉଚ୍ଚବିଦ୍ୟାଳୟର ବିଭିନ୍ନ ବୈଦ୍ୟୁତିକ ଉପକରଣ ଗୁଡିକ ବଜ୍ରପାତରେ ପୋଡ଼ିଯାଇଥିବା ଜଣାପଡିଛି। କ୍ଲାସରୁମରେ ଲାଗିଥିବା ୧୨ ଗୋଟି ସିଲିଂ ଫ୍ୟାନ, ୨ ଗୋଟି ଇନଭର୍ଟର, ୨ ଗୋଟି କମ୍ପ୍ୟୁଟର, ଫାଇବର ଇଣ୍ଟରନେଟ ସିଷ୍ଟମ ଆଦି ପ୍ରାୟ ୭୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସରଞ୍ଜାମ ପୋଡ଼ିଯାଇଥିବା ସୂଚନା ମିଳିଛି।

## ଯୁବକଙ୍କୁ ନିର୍ମମ ହତ୍ୟା, ରକ୍ତାକ୍ତ ମୃତଦେହ ଉଦ୍ଧାର

ସୋନପୁର,(ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲାରେ ଏକ ଅଭାବନୀୟ ତଥା ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରି ଫିଙ୍ଗି ଦିଆଯାଇଛି। ମୃତ ଯୁବକ ଜଣକ ହେଲେ ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସମଲେଇଚୁଆ ଗ୍ରାମର ବବୁନ ପାଣ୍ଡେ। ତାଙ୍କ ବୟସ ଆନୁମାନିକ ୨୭ ବର୍ଷ ହେବ ବୋଲି ଜଣାପଡିଛି। ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ବବୁନଙ୍କୁ କୌଣସି କାରଣରୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ନିକଟସ୍ଥ ପାଣ୍ଡ୍ରି ଡୁଙ୍ଗୁରି ଠାରେ ଥିବା ଏକ ବୁଦାମୂଳେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ମୃତଦେହଟି ରକ୍ତାକ୍ତ ଅବସ୍ଥାରେ ଜଙ୍ଗଲିଆ ଲତା ଗୁଳ୍ମ ଭିତରେ ପଡିଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ଦେଖିଥିଲେ। ଏହି ସମ୍ପର୍କରେ ଖବର ପାଇବା ପରେ ଡୁଙ୍ଗୁରିପାଲି ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତନାଘନା ଆରମ୍ଭ କରିଛି। ତେବେ ଏହି ହତ୍ୟାକାଣ୍ଡ କିଏ ଏବଂ କେଉଁ କାରଣରୁ ଘଟାଇଛି, ତାହା ଏଯାଏଁ ସ୍ପଷ୍ଟ ହୋଇପାରିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଓ ପୁଲିସର ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଆଶା କରାଯାଉଛି। ଏହି ଘଟଣାକୁ ନେଇ ସମଲେଇଚୁଆ ଗ୍ରାମ ସମେତ ସମଗ୍ର ସ୍ଥାନୀୟ ଅଞ୍ଚଳରେ ଶୋକ ଓ ଆତଙ୍କର ଛାୟା ଖେଳିଯାଇଛି।

## ବେଆଇନ୍ ନିଶା କାରବାର ବିରୋଧରେ ଅବକାରୀ ଚଢାଉ

ଭଦ୍ରକ,(ନିପ୍ର): ଜିଲାରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ଅବକାରୀ ବିଭାଗ ପ୍ରତି ମାସ ଚଢାଉ କାର୍ଯ୍ୟ ଜାରି ରଖିଛି। ଅନ୍ୟପଟେ ନିଶା କାରବାର ଜିଲାରେ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ଆଶାନୁରୂପ ସଫଳତା ମିଳୁନଥିବାରୁ ସୂଚନା ମିଳିଛି। ବିଶେଷକରି ବ୍ରାଉନସୁଗାର କାରବାର ଜିଲାର ସହରାଂଚଳ ଠାରୁ ଆରମ୍ଭ କରି ଗ୍ରାମାଂଚଳର ଗଳିକନ୍ଦିରେ ବଢିଚାଲିଛି। ଯାହାଫଳରେ ଜିଲା ଏବେ ଅପରାଧ ପ୍ରବଣ ହୋଇପଡିଛି। ନିଶା କାରବାର ବୃଦ୍ଧି ଯୋଗୁଁ ଜିଲା ଅଶାନ୍ତ ହୋଇପଡିଛି। ପୁଲିସ୍ ଓ ଅବକାରୀ ବିଭାଗ ନିଶା କାରବାର ରୋକିବା ଦିଗରେ ବିଫଳ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ ମାର୍ଚ୍ଚ ୨୦୨୫-ମାର୍ଚ୍ଚ ୨୦୨୬ ଗତ ଆର୍ଥିକ ବର୍ଷରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ୧୯୯୬ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୧୯୭ ଟି କେଶ୍ ଅବକାରୀ ବିଭାଗ ପକ୍ଷରୁ ରୁଜୁ କରାଯାଇଛି। ୧୫୫ ଟି ଦାବେଦାର ନଥିବା କେଶ୍ ରୁଜୁ ହୋଇଛି। ଏହାମଧ୍ୟରୁ ୧୫୨୮ ଟି ମାମଲା ଚାର୍ଜସିଟ୍ ହୋଇଛି।

## ପାରଳା ବିଧାୟକଙ୍କ ଆକସ୍ମିକ ହାଡଭାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ

କାଶୀନଗର (ନିପ୍ର):କାଶୀନଗର ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଗସ୍ତ କରି ଅନୁଧ୍ୟାନ କଲେ ବିଧାୟକ ରୁପେଶ ପାଣଗ୍ରାହୀ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ବହୁ ପୁରାତନ ହୋଇଥିବାରୁ ଏଠି ଚିକିତ୍ସା କରିବା କଷ୍ଟ କର ହେଉଥିବା ସ୍ଥାନୀୟ କର୍ମଚାରୀମନେ କହିଥିଲେ। ଚିକିତ୍ସାଳୟର ଅବ୍ୟବସ୍ଥା ନେଇ ସ୍ଥାନୀୟ ଲୋକେ ଓ ସରପଞ୍ଚ ଟେଜେଶ୍ୱର୍ ରାଓ ଅଭିଯୋଗକୁ ଭିତ୍ତି କରି ଆଜି ବିଧାୟକ ସେଠି ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଲି ଅନୁଧ୍ୟାନ କରିଥିଲେ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମନେ ଆସି ମୌଳିକ ସୁବିଧାରୁ ବଞ୍ଚିତ ହେଉ ଥିବା ବିଧାୟକ ଅବଗତ ହୋଇ ତୁରନ୍ତ ଏହାର ସମାଧାନ କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଉପଯୁକ୍ତ ମରାମତି ଖୁବ ଶୀଘ୍ର ହେବ ବୋଲି ପ୍ରତିଶୃତି ଦେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ରାସ୍ତା ପାର୍ଶ୍ୱରେ ସ୍ଥାନୀୟ ଗ୍ରାମବାସୀମନେ ବିଭିନ୍ନ ପ୍ରକାର ଆବର୍ଜନା ଓ ମଇଳା ପକାଉ ଥିବା ଦେଖି ବିଧାୟକ କ୍ଷୁବ୍ଧ ହୋଇ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ଅଧକ୍ଷାଙ୍କୁ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

## ହନୁମାନ ମନ୍ଦିର ହୁଣ୍ଡିରୁ ଚୋରି

# ଚୋର ଗିରଫ: ଟଙ୍କା ଜବତ

ଆଠଗଡ,(ନିପ୍ର): ଦୀର୍ଘ ଦିନ ଧରି ଆଠଗଡ଼ ପୋଲିସ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ଲୁଟେରାମାନେ ଲୁଟି ଚାଲିଛନ୍ତି ମନ୍ଦିରରୁ। ଆଠଗଡ଼ରେ ଲୁଟେରାମାନେ ବାରମ୍ବାର ଆଠଗଡ ଥାନା ସମ୍ମୁଖରେ ଥିବା ମା ବାଉତିଙ୍କ ମନ୍ଦିରରୁ ଲୁଟ କରି ଆସୁଥିବା ବେଳେ ଗତକାଲି ରାତିରେ ଅଭିନବ ଉପାୟରେ ଆଠଗଡ ଉପଖଣ୍ଡ ପୋଲିସ ପ୍ରଶାସନ ମୁଖ୍ୟାଳୟ ନିକଟରେ ଥିବା ଚାନ୍ଦବାଲି ଛକ ମନ୍ଦିର ହନୁମାନ ମନ୍ଦିର ହୁଣ୍ଡିରେ ଥିବା ଅର୍ଥ ଓ ସାମଗ୍ରୀ ଲୁଟ କରିବା ପାଇଁ ହୁଣ୍ଡି ଭାଙ୍ଗି ଟଙ୍କା ନେଇଥିବା ଯୁବକକୁ ଜନସାଧାରଣ ଧରି ପୋଲିସକୁ ଦେଇଛନ୍ତି। ଅଭିଯୁକ୍ତ ତିଗିରିଆ ଥାନା ଅନ୍ତର୍ଗତ ଗୋଡିଝରିଆ ଗ୍ରାମ ଗଡପଡାଶ୍ୱର ସାହିର ସ୍ୱର୍ଗତ ବିକଳ ଦେହୁରୀଙ୍କ ପୁଅ ପବିତ୍ର ଦେହୁରୀ ଓରଫ ମୂଳିଆ ବୟସ (୨୫) ବୋଲି ଜଣାପଡ଼ିଛି। ପୋଲିସ ଥାନା କେସନଂ ୨୮୭/୨୬ର ମାମଲା ରଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଆଠଗଡ ସହର ଚାନ୍ଦବାଲି ଛକ ପୁରୁଣା କଟକ-ସମ୍ବଲପୁର ରାସ୍ତା ଏକ କବାଡି ଦୋକାନ ନିକଟରେ ଥିବା ବାଲି ଗଦା ତଳେ ଅଭିଯୁକ୍ତ ଲୁଚାଇ ରଖିଥିବା ୧୦ହଜାର ୨ଶହ ୬୫ଟଙ୍କାକୁ ଜବତ କରିଛି । ଅଭିଯୁକ୍ତ ନାମରେ ଆଠଗଡ ଥାନା ସମେତ ତିଗିରିଆ, ବାଙ୍କୀ,ବାରଙ୍ଗ ଆଦି ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରହିଛି ବୋଲି ଜଣାପଡ଼ିଛି । ଏଣୁ ଖବର ପାଇ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀମାନେ ପହଞ୍ଚି ପଚରାଉଚରା କରୁଛନ୍ତି ବୋଲି ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତି ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଅଭିଯୁକ୍ତ ଗତକାଲି ସନ୍ଧ୍ୟାରୁ ସନ୍ଦିଗ୍ଧ ଭାବେ ମନ୍ଦିର ନିକଟରେ ବୁଲୁଥିଲା। ଶନିବାର ସକାଳେ ପୂଜାରୀ ମନ୍ଦିରରେ ହୁଣ୍ଡି ଭାଙ୍ଗି ପଡିଥିବା ନେଇ କମିଟି ସଦସ୍ୟଙ୍କୁ ଜଣାଇଲା ପରେ ଜନସାଧାରଣ ଖୋଜାଖୋଜି କରୁଥିବାବେଳେ ଲୁଟେରାକୁ ନିଶାସକ୍ତ ଅବସ୍ଥାରେ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ମନ୍ଦିର ଲୁଟେରାମାନେ ବାରମ୍ବାର ପୋଲିସ ପ୍ରଶାସନକୁ ଖାତିର ନ କରି ବାରମ୍ବାର ଆଠଗଡ ସହରଠାରୁ ଗାଁ ଗହଳିରେ ଥିବା ମନ୍ଦିରମାନଙ୍କରୁ ବାରମ୍ବାର ଠାକୁର ଠାକୁରାଣୀଙ୍କ ଅର୍ଥ ଓ ମନ୍ଦିର ସାମଗ୍ରୀ ଲୁଟ କରି ଚାଲିଛନ୍ତି।

## ଫାର୍ଶା ଯୋଗେ ଆକ୍ରମଣ: ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,(ନିପ୍ର): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ପିଥିଣ୍ଡା ଗ୍ରାମରେ ଏକ ଶୁଦ୍ଧିକ୍ରିୟା ସମୟରେ ସାମାନ୍ୟ ବିବାଦ ଉଗ୍ର ରୂପ ଧାରଣ କରିବାରୁ ଫାର୍ଶା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଘଟଣାରେ ରେଙ୍ଗାଲି ପୁଲିସ ତତ୍ପରତା ଦେଖାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଫାର୍ଶାକୁ ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ୧୦ ଜୁଲାଇ ସନ୍ଧ୍ୟା ପ୍ରାୟ ୫ଟା ୧୫ ମିନିଟ୍ ସମୟରେ ପିଥିଣ୍ଡା ଗ୍ରାମରେ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମ ଚାଲିଥିଲା। ସେହି ସମୟରେ ପାରମ୍ପରିକ 'ଗୋଡ଼ ଧୁଆ' ରୀତିକୁ କେନ୍ଦ୍ର କରି ଅନାମ ମାଝୀ (୪୧) ଓ ପ୍ରେମାନନ୍ଦ ବିଶି (୪୯)ଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ପରେ ବିବାଦ ଉଗ୍ର ରୂପ ନେବାରୁ ପ୍ରେମାନନ୍ଦ ଏକ ଧାରୁଆ ଫାର୍ଶାରେ ଅନାମଙ୍କ ମୁଣ୍ଡ, ହାତ ସମେତ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

## ଲାଞ୍ଚ ଟଙ୍କା ଧରି ଭିଜିଲାନ୍ସ ଝାମ୍ପରୁ ଖସିଗଲେ ଏଏସ୍ଆଇ



ଖୋର୍ଦ୍ଧା,୧୧।୭(ନିପ୍ର): ଭିଜିଲାନ୍ସ ଜାଲରେ ଖୋର୍ଦ୍ଧା ନାଚୁଣୀ ଥାନାର ଏଏସଆଇ ଅକ୍ଷୟ କୁମାର ସେଠୀ। ଜମି ବିବାଦର ସମାଧାନ ପାଇଁ ଲାଞ୍ଚ ଦାବି କରିବା ଏବଂ ଲାଞ୍ଚ ନେବା ବେଳେ ଓଡ଼ିଶା ଭିଜିଲାନ୍ସ ଟିମ୍‌କୁ ଦେଖି ସେ ଖସି ପଳାଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ନାଚୁଣୀ ଥାନାର ଏଏସଆଇ ଅକ୍ଷୟ କୁମାର ସେଠୀ ଏକ ଜମି ବିବାଦକୁ ନେଇ ପଂଜୀକୃତ ମାମଲା ବନ୍ଦ କରିବା ପାଇଁ ୫,୦୦୦ ଟଙ୍କା ଲାଞ୍ଚ ଦାବି କରିବା ଏବଂ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଧରିବାକୁ ଚେଷ୍ଟା ଜାରି ରଖିଛି। ତେବେ ଦାବି କରାଯାଇଥିବା ଲାଞ୍ଚରେ କ୍ଷୁବ୍ଧ ହୋଇ, ଅଭିଯୋଗକାରୀ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ସୂଚନା ପାଇବା ପରେ, ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏଏସଆଇ ଅକ୍ଷୟ କୁମାର ସେଠୀଙ୍କ ଉପରେ ଦୂରରୁ ନଜର ରଖିଥିଲେ ଯେତେବେଳେ ସେ ଦାବି କରାଯାଇଥିବା ଲାଞ୍ଚ ଟଙ୍କା ନେଉଥିଲେ। ହେଲେ, ଲାଞ୍ଚ ନେବା ପରେ ଭିଜିଲାନ୍ସ ଟିମ୍ ଆସୁଥିବା ଦେଖି, ଏଏସଆଇ ଅକ୍ଷୟ କୁମାର ସେଠୀ ତାଙ୍କ ମୋଟରସାଇକେଲରେ ଅଭିଯୋଗକାରୀଙ୍କ ଠାରୁ ମିଳିଥିବା ୫ ହଜାର ଲାଞ୍ଚ ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

## ଧାମନଗର ମେଡିକାଲରେ ଚିକିତ୍ସାରେ ଅବହେଳା

# ଆଶାକର୍ମୀଙ୍କ ମୃତ୍ୟୁ, ମୃତଦେହ ରଖି ଧାରଣା ଓ ପ୍ରତିବାଦ




ଧାମନଗର(ନିପ୍ର): ଧାମନଗର ମେଡିକାଲରେ ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ଆଶାକର୍ମୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ଆଶାକର୍ମୀ ଜଣକ ହେଲେ ଧାମନଗର ଏନଏସି ୫ ନମ୍ବର ୱାର୍ଡର ଲୀଳାବତୀ ଦତ୍ତ (୫୨) ସ୍ୱାମୀ ଅନନ୍ତ । ଏହି ଘଟଣାକୁ କେନ୍ଦ୍ର କରି ଆଜି ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଲୀଳାବତୀକୁ ଶୁକ୍ରବାର ରାତି ୧୧ ଟାରେ ଶୋଇବା ଅବସ୍ଥାରେ ଏକ ସାପ କାମୁଡ଼ିଥିଲେ। ସେ ସଙ୍ଗେ ସଙ୍ଗେ ଧାମନଗର ଡାକ୍ତର ଖାନାକୁ ଆସିଥିଲେ, ସେଠାରେ ଜଣେ ଡାକ୍ତର କିଛି ହେବ ନାହିଁ ବୋଲି କହି ଗ୍ୟାସ ଇଞ୍ଜେକସନ ଦେଇ ପଠାଇ ଦେଲେ। ପୁଣି ରାତି ୨ ଟାରେ ଅଧିକ କଷ୍ଟ ଅନୁଭବ କରିବାରୁ ଡାକ୍ତରଖାନା ଆସିଥିଲେ ସେଠାରେ ଉକ୍ତ ଡାକ୍ତର ଜଣକ ବିରକ୍ତ ହୋଇ ଥିଲେ କିଛିହୋଇନାହିଁ ବୋଲି କହିଥିଲେ। ବାଧ୍ୟ ହୋଇ ଭୋର୍ ସମୟରେ ଲୀଳାବତୀ କଟକ ଡାକ୍ତରଖାନା ଯାଇଥିଲେ ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜଣେ ନିଷ୍ଠାପର ସେବା କରୁଥିବା ଆଶାକର୍ମୀଙ୍କର ଏଭଳି ଅକାଳ ବିୟୋଗକୁ ସହ୍ୟ କରିପାରିନାହାଁନ୍ତି ଅନ୍ୟ ଆଶାକର୍ମୀମାନେ। ଡାକ୍ତରଙ୍କ ଅବହେଳା ଏବଂ ଠିକ୍ ସମୟରେ ଚିକିତ୍ସା ମିଳିନଥିବା ଦର୍ଶାଇ ମୃତଦେହକୁ ନେଇ ଆଶାକର୍ମୀମାନେ ଧାମନଗର ଡାକ୍ତରଖାନା ସମ୍ମୁଖରେ ଶବରଖି ପ୍ରତିବାଦ କରିଛନ୍ତି। ଉପଯୁକ୍ତ ତଦନ୍ତ ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆଶାକର୍ମୀମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ମୃତ ଆଶକର୍ମୀଙ୍କ ମୃତ୍ୟୁରେ କ୍ଷତିପୂରଣ, ତାଙ୍କ ପରିବାରର ଜଣଙ୍କୁ ଚାକିରି, ଅବହେଳା କରିଥିବା ଡାକ୍ତରଙ୍କୁ ନିଲମ୍ବିତ ଦାବି କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ ଧାମନଗର ପୋଲିସ ଉପସ୍ଥିତ ରହିଛନ୍ତି।

## ରାତି ଅଧରେ ମହିଳାଙ୍କ ଘରେ ପଶି ହଟହଟା ହେଲେ ପୋଲିସ ବାବୁ



ରଣପୁର(ନିପ୍ର): ନୟାଗଡ ଜିଲ୍ଲା ପୋଲିସ କାର୍ଯ୍ୟକଳାପକୁ ନେଇ ନିନ୍ଦା ଅପବାଦ ଲାଗି ରହିଥିବା ବେଳେ ପୁଣି ଆଉ ଏକ ଘଟଣା ସାରା ନୟାଗଡ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗତ ଶୁକ୍ରବାର ରାତି ଦୁଇଟାରେ ମହିଳାଙ୍କ ଘରେ ପଶି ହଟ ହଟା ହୋଇଛନ୍ତି। ପୋଲିସ ବାବୁ ସ୍ଥାନୀୟ ସାହି ବାସିନ୍ଦା ଓ ମହିଳାଙ୍କ ଘର ଲୋକଙ୍କ ଦ୍ୱାରା ଅଟକ ଥିବା ଭିଡିଓ ସୋସିଆଲ ମିଡ଼ିଆ ଓ ସାମାଜିକ ଗଣମାଧ୍ୟମରେ ବେଶ ଭିଡିଓ ଭାଇରଲ ହେଉଛି। ରଣପୁର କୋର୍ଟରେ କାର୍ଯ୍ୟରତ ଜନୈକ ଏଏସଆଇ ପୂର୍ବରୁ ରଣପୁର ଥାନାରେ କାର୍ଯ୍ୟରତ ଥିବା ବେଳେ ରଣପୁର ବିଜ୍ଞାପିତ ଅଞ୍ଚଳ ସ୍ଥିତ ବଡ଼କୁଅ ସାହି ସ୍ଥିତ ଉକ୍ତ ମହିଳାଙ୍କ ଘରେ ଘର ଭଡା ନେଇ ରହୁଥିଲେ ।ତେବେ ଗତ କିଛି ମାସ ହେବେ ସେ ରଣପୁର କୋର୍ଟ ବଦଳି ହେବା ପରେ ସେ ଘର ଭଡା ଛାଡି ଦେଇଥିଲେ। ତେବେ ଗତ ଶୁକ୍ରବାର ରାତି ଦୁଇଟାରେ ମହିଳାଙ୍କ ଘର ବାରିପଟୁ ପଶି ବାହାରୁ ଥିବା ବେଳେ ମହିଳାଙ୍କ ପରିବାର ଲୋକ ଧରିବାରୁ ହୋହାଲ୍ଲା ଶୁଣି ସାହି ବାସିନ୍ଦା ଉଠିଥିଲେ ଏବଂ କାହିଁକି ଆସିଥିଲ ବାରିପଟେ କାହିଁ ପଶିଥିଲ ଆଦି ବିଭିନ୍ନ ପ୍ରଶ୍ନ କରିବାରୁ ଭାରି ହଟହଟା ହୋଇଥିଲେ । ବହୁ ସମୟ ଟଣା ଓଟରା ଓ ମହିଳାଙ୍କ ସ୍ୱାମୀ ମାଡ ମରିବା ପରେ ସାହି ବାସିନ୍ଦାଙ୍କୁ ଭୁଲ ମାଗି ଶେଷରେ ସେଠାରୁ ଆସିଥିଲେ ପୋଲିସ ବାବୁ । କିନ୍ତୁ ଅଟକ ଥିବା ବେଳର ଭିଡିଓ ସୋସିଆଲ ମିଡ଼ିଆ ଓ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହେବା ପରେ ଖାକିରେ କଳଙ୍କ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ

ମାଲକାନଗିରି,(ନିପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ରାତ୍ରୀକାଳୀନ ପେଟ୍ରୋଲିଙ୍ଗ ସମୟରେ ବଦିଲିଗୁଡା ଗ୍ରାମ ନିକଟରେ ଥିବା ଜଙ୍ଗଲରୁ ବିପୁଳ ପରିମାଣର ଗଚ୍ଛିତ ଗଞ୍ଜେଇ ଠାବ କରିବା ସହ ଜବତ କରିଛି । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, କାଲିମେଳା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଅଞ୍ଚଳରେ ନିୟମିତ ପେଟ୍ରୋଲିଙ୍ଗ କରୁଥିଲେ । ଏହି ସମୟରେ ବଦଲିଗୁଡା ଜଙ୍ଗଲ ନିକଟରେ କିଛି ସନ୍ଦେହଜନକ ଗତିବିଧି ଲକ୍ଷ୍ୟ କରି ପୋଲିସ ଚଢ଼ାଉ କରିଥିଲା । ସେଠାରେ ବେଆଇନ ଭାବେ ୪୧ଟି ଜରି ବସ୍ତା ରେ ଗଚ୍ଛିତ ରଖାଯାଇଥିବା ବିପୁଳ ପରିମାଣର ଗଞ୍ଜେଇ ପୋଲିସ ଠାବ କରିଥିଲା । ଏହାର ଓଜନ ସମୁଦାୟ ୧୦ କୁଇଣ୍ଟାଲ ୧୫ କେଜି ବୋଲି ପୋଲିସ ସୂଚନା ଦେଇଛନ୍ତି । ଏହାକୁ ଓଜନ କରାଯିବା ପରେ ଏହାର ଆନ୍ତର୍ଜାତୀୟ ବଜାର ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା, ହତ୍ୟାକାରୀ ଗିରଫ

ଜଟଣୀ(ନିପ୍ର): ଜଟଣୀ ଥାନା ଅନ୍ତର୍ଗତ ଖୁଦୁପୁର ଗ୍ରାମଠାରେ ପୂର୍ବ ଶତ୍ରୁତା ଓ ଅପମାନକୁ କେନ୍ଦ୍ରକରି ମାର୍କଣ୍ଡ ବଳିଆରସିଂହ ଓରଫ ଜଗା (୪୦ ବର୍ଷ) ନାମକ ଜଣେ ଯୁବକଙ୍କୁ ଶୁକ୍ରବାର ରାତିରେ ଛୁରୀ ସାହାଯ୍ୟରେ ହତ୍ୟା କରାଯାଇଛି। ପୋଲିସ ସୂଚନା ମୁତାବକ ମୃତ ମାର୍କଣ୍ଡ ବଳିଆରସିଂହ ଓରଫ ଜଗା ଏବଂ ଅଭିଯୁକ୍ତ ମହେଶ୍ୱର ହରିଚନ୍ଦନ ପରସ୍ପରର ପଡ଼ୋଶୀ ଅଟନ୍ତି । ଅଭିଯୁକ୍ତ ପ୍ରାୟ ଦୁଇ ମାସ ପୂର୍ବରୁ ଏକ ନୂଆ ଅଟୋ-ରିକ୍ସା କିଣିଥିଲେ । ଜଗା ପ୍ରାୟତଃ ମଦ୍ୟପାନ କରି ମହେଶ୍ୱରଙ୍କୁ ଗାଳିଗୁଲଜ କରୁଥିଲେ ଏବଂ ମଦ ପିଇବା ପାଇଁ ପଇସା ମାଗୁଥିଲେ । ଗ୍ରାମ ରାସ୍ତାରେ ଯିବାଆସିବା ସମୟରେ ମଧ୍ୟ ସେ ତାଙ୍କୁ ଅଟକାଇ ମଦ ଦାବି କରୁଥିଲେ, ଯାହାକୁ ନେଇ ଅଭିଯୁକ୍ତଙ୍କ ମନରେ କ୍ରୋଧ ଓ ଅସନ୍ତୋଷ ରହିଥିଲା । ଏହିପରି ଭାବେ ୧୦ ତାରିଖ ଅପରାହ୍ନ ପ୍ରାୟ ୦୪:୩୦ ରୁ ୦୫:୦୦ ମଧ୍ୟରେ ଅଭିଯୁକ୍ତ ଜଟଣୀ ସ୍ଥିତ 'ଦୁଖିଆ ବାର'କୁ ମଦ କିଣିବାକୁ ଯାଇଥିଲେ । ସେଠାରେ ଜଗା ଓ ତାଙ୍କ ଗ୍ରାମର ଟୁକୁ ନାମକ ଜଣେ ବ୍ୟକ୍ତି ମଦ ପିଉଥିଲେ । ମହେଶ୍ୱରଙ୍କୁ ଦେଖି ଜଗା ତାଙ୍କୁ ଡାକିଥିଲେ ଏବଂ ନୂଆ ଅଟୋ କିଣିବା ଖୁସିରେ ମଦ ପିଆଇବାକୁ କହିଥିଲେ । ହେଲେ ତାଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ସେ ମନା କରିବାରୁ, ଜଗା ସମସ୍ତଙ୍କ ସାମ୍ନାରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ । ଏହାଦ୍ୱାରା ମହେଶ୍ୱର ନିଜକୁ ଅପମାନିତ ମନେ କରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ । ଏବଂ ସେହିଦିନ ରାତି ପ୍ରାୟ ୧୦:୦୦ ସମୟରେ, ମଦ୍ୟପ ଅବସ୍ଥାରେ ଜଗା ମହେଶ୍ୱରଙ୍କ ଘର ନିକଟରେ ଥିବା ଏକ ଗଛ ମୂଳେ ଆସି ବସିଥିଲେ ଏବଂ ପୁଣି ଜୋରଜବରଦସ୍ତ ମଦ ଦାବି କରିଥିଲେ । ବାଧହୋଇ ମହେଶ୍ୱର ସଲିମ୍ ନାମକ ଜଣେ ବ୍ୟକ୍ତିଙ୍କ ହାତରେ ଏକ ବୋତଲ ମଦ ମଗାଇ ଜଗାଙ୍କୁ ଦେଇଥିଲେ । ସେତିକି ମଦ ଶେଷ କରିବା ପରେ ଜଗା ଆହୁରି ମଦ ମାଗିବାରୁ ସେ ନିଜ ଘରକୁ ଚାଲିଯାଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଜଗା ତାଙ୍କ ଙ୍କ ଘର ସାମ୍ନାରେ ପାଟିତୁଣ୍ଡ କରି ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଯାହାକୁ ନେଇ ରାତି ପ୍ରାୟ ୧୦:୩୦ ମିନିଟରେ ଅତ୍ୟଧିକ କ୍ରୋଧ ଜର୍ଜରିତ ହୋଇ ଅଭିଯୁକ୍ତ ନିଜ ଘରୁ ପରିବା କଟା ଛୁରୀ ଆଣି ଜଗାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ପେଟ ଓ ଛାତିରେ ୩ ରୁ ୪ ଥର ଶକ୍ତ ଆଘାତ କରିଥିଲେ । ଛୁରାମାଡ଼ ଯୋଗୁଁ ଜଗା ନିଜ ମୋଟରସାଇକେଲ ସହ ସେଠାରେ ରାସ୍ତା ଉପରେ ପଡ଼ିଯାଇଥିଲେ । ତାପରେ ହତ୍ୟାରେ ବ୍ୟବହୃତ ଛୁରୀକୁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ନିକଟସ୍ଥ ଏକ ପଥର ତଳେ ଲୁଚାଇ ଦେଇ ଘରକୁ ଫେରିଆସିଥିଲେ। ଖବର ପାଇ ସଙ୍ଗେ ସଙ୍ଗେ ପି.ସି.ଆର୍ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଗାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ, ଯେଉଁଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ବାରମ୍ବାର ନିର୍ଯାତନା, ସର୍ବସାଧାରଣରେ ଅପମାନ ଏବଂ ମଦ ପାଇଁ ବେଆଇନ ଅର୍ଥ ଦାବି ଅସହ୍ୟ ହେବାରୁ ଅଭିଯୁକ୍ତ ଏହି ସାଂଘାତିକ କାଣ୍ଡ ଭିଆଇଥିବା ସ୍ୱୀକାର କରିଛନ୍ତି । ଏ ନେଇ ଜଟଣୀ ଥାନା କେସ୍ ନଂ. ୩୮୭/୨୦୨୬ ରୁଜୁ କରାଯାଇ ହତ୍ୟା ମାମଲାରେ ତଦନ୍ତ ଆରମ୍ଭ କରାଯାଇଛି।

# କୁସୁମୀ ମାଳବନ୍ଧ ରାସ୍ତା ଶୋଚନୀୟ: ତେଜୁଛି ଜନ ଅସନ୍ତୋଷ

## ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ଖଣ୍ଡପଡ଼ା,(ନି.ପ୍ର): ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ ନଦୀ ପାର୍ଶ୍ୱସ୍ଥ ମାଳବନ୍ଧ ରାସ୍ତାର ଉନ୍ନତିକରଣ ପରେ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଖଣ୍ଡପଡ଼ା ସହରବାସୀଙ୍କ ଠାରୁ ଆରମ୍ଭ କରି ବନମାଳିପୁର, ରାଣୀଛେଲି ଓ ବୋଦସା ପଞ୍ଚାୟତବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ପ୍ରତିବର୍ଷ ଉକ୍ତ ମାଳବନ୍ଧର ନବୀକରଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିଲେ ହେଁ ଅନୁଦାନ ଅର୍ଥ ଠିକଣା ବାଟରେ ବିନିଯୋଗ ନ ହୋଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଫଳରେ ମାଳବନ୍ଧ ରାସ୍ତା ଅବସ୍ଥା ସୁଧୁରୁ ନଥିବା ନିକଟସ୍ଥ ପଥୁରିଆ, ଯଦୁନାଥପୁର, ନଟବରପୁର ଶାସନ, ରାମଚନ୍ଦ୍ରପୁର,ନିମପାଟଣା,ମଙ୍ଗଳପୁର ପ୍ରଭୃତି ଗ୍ରାମର ବାସିନ୍ଦା ଅଭିଯୋଗ କରିଛନ୍ତି। କୁସୁମୀ ନଦୀ ପାର୍ଶ୍ୱସ୍ଥ ମାଳବନ୍ଧ ରାସ୍ତାଟି ଖଣ୍ଡପଡ଼ା ସହରରୁ ବନମାଳିପୁର, ରାଣୀଛେଲି ଓ ବୋଦସା ପ୍ରଭୃତି ୩ ଟି ପଞ୍ଚାୟତକୁ ସଂଯୋଗ କରୁଥିବା ବେଳେ ରାସ୍ତାର ଦୁରତ୍ୱ କମ ଦୃଷ୍ଟିରୁ ସେହି ମାଳବନ୍ଧ ରାସ୍ତା ଦେଇ ଦୈନିକ ଶହଶହ ସଂଖ୍ୟାରେ ଜନସାଧାରଣ ଯାତାୟାତ କରିଥାନ୍ତି। ଖଣ୍ଡପଡା ଜଳସେଚନ ବିଭାଗ ପକ୍ଷରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଚଳିତ ବର୍ଷ ନିର୍ମାଣ ହୋଇଥିବା ଉକ୍ତ ମାଳବନ୍ଧର ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଉଠାଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଘର ଶୂନ ବୋଲି ଜଣାପଡିଛି। ଅପରପକ୍ଷେ ଅସରାଏ ବର୍ଷାରେ ମାଳବନ୍ଧ ରାସ୍ତା ସାରା କାଦୁଅ



ପଙ୍କରେ ପୋତି ହୋଇ ପଡୁଥିବାରୁ ଉକ୍ତ ମାଳବନ୍ଧ ରାସ୍ତା ଦେଇ ଯାତାୟତ ଠପ ହୋଇ ଯାଉଛି। ଫଳରେ ମାଳବନ୍ଧ ରାସ୍ତା କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଥିବା ବେଳେ ଏଥିପ୍ରତି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଦୁର୍ନୀତି ନିବାରଣ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ କୁସୁମୀ ମାଳବନ୍ଧ ରାସ୍ତାରେ ନାମକୁ ମାତ୍ର ନାଲି ମାଟି ଛିଞ୍ଚି ଯଥାକଥା ନ୍ୟାୟରେ ସଂପୃକ୍ତ ଠିକାଦାର କାର୍ଯ୍ୟ ଶେଷ କରିଥିବା ନଜରକୁ ଆସୁଛି। ଏ ସଂର୍ପକରେ ଖଣ୍ଡପଡ଼ା ଜଳସେଚନ ବିଭାଗ ବରିଷ୍ଠ ଯନ୍ତ୍ରୀ ସସ୍ମିତା ସାହୁଙ୍କୁ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।



ରଥଯାତ୍ରା ପାଇଁ ସଜେଇ ହେଉଛି ପୁରୀ । (ଫଟୋ-ଦିନଲିପି)

### ଚୀନ୍‌ରେ ଏଭିସି ବଏଜ୍ ଅଣ୍ଡର-୧୮ ଭଲିବଲ୍ ମ୍ୟାଚ୍

# ଭାରତୀୟ ଦଳରେ ଖେଳିବେ ଓଡ଼ିଆ ପୁଅ ସୌମ୍ୟରଞ୍ଜନ

ଅନୁଗୋଳ, ୧ ୧ ।୭(ନିପ୍ର): ଓଡ଼ିଶାର କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ଅସନ୍ତାକାଲିଠାରୁ ଚୀନରେ ଆରମ୍ଭ ହେବାକୁ ଥିବା ଏସୀୟ ଭଲିବଲ୍ ମହାକୁମ୍ଭ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଢେଙ୍କାନାଳ ଜିଲ୍ଲା ଶିବପୁର ପଞ୍ଚାୟତର ଓଡିଆ ପୁଅ ସୌମ୍ୟରଞ୍ଜନ ସାମଲ। ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ୍) ଦ୍ୱାରା ପରିଚାଳିତ ଭଲିବଲ କୋଚିଂ ସେଣ୍ଟରରୁ ପ୍ରଶିକ୍ଷଣ ଆରମ୍ଭ କରିଥିବା ସୌମ୍ୟରଞ୍ଜନ ୨୦୨୬ ଏଭିସି ବଏଜ୍ ଅଣ୍ଡର-୧୮ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ମନୋନୀତ ହେବା, ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଟିଏସଏଫ୍ କୋଚିଂ ସେଣ୍ଟରରେ ଉନ୍ନତ ପ୍ରଶିକ୍ଷଣ ଓ ନିଜର କଠୋର ନିଷ୍ଠା ଓ ପରିଶ୍ରମ ବଳରେ ଗ୍ରାମାଞ୍ଚଳର ଏହି ପ୍ରତିଭା ଆଜି ଅନ୍ତର୍ଜାତୀୟ ମଞ୍ଚରେ ଦେଶର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଏସିଆନ ଭଲିବଲ୍ କନଫେଡେରେସନ୍ (ଏଭିସି) ଏବଂ ଚାଇନା ଭଲିବଲ୍ ଆସୋସିଏସନ୍ (ସିଭିଏ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା, ଏସିଆର ସବୁଠାରୁ ବଡ଼ ଯୁବ ଭଲିବଲ୍ ଟୁର୍ଣ୍ଣାମେଣ୍ଟ। ଏହାସହ ଏହି ଟୁର୍ଣ୍ଣାମେଣ୍ଟର ଶୀର୍ଷ ୪ଟି ଦଳ ୨୦୨୭ ଏଫ୍ଆଇଭିବି (ଇଣ୍ଟରନ୍ୟାସନାଲ ଭଲିବଲ ଫେଡେରେସନ) ବଏଜ୍ ଅଣ୍ଡର-୧୯ ୱାର୍ଲଡ ଚାମ୍ପିଅନସିପ୍ ପାଇଁ ମନୋନୀତ ହେବେ। ଏକ ମଫସଲ ଗାଁରୁ ବାହାରି ଜାତୀୟ ଦଳରେ ସାମିଲ ହେବା ପର୍ଯ୍ୟନ୍ତ ସୌମ୍ୟଙ୍କର ଯାତ୍ରା ବେଶ ପ୍ରେରଣାଦାୟୀ। ପୂର୍ବତନ ରାଜ୍ୟସ୍ତରୀୟ ଭଲିବଲ୍ ଖେଳାଳି ତଥା ପିତା ପ୍ରଶାନ୍ତ ସାମଲଙ୍କ ପ୍ରେରଣାରେ ସେ ଭଲିବଲ୍ ଖେଳିବା ଆରମ୍ଭ କରିଥିଲେ। ପରେ ସେ ପାଇକପୁରୁଣାକୋଟ ସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଭଲିବଲ୍ କୋଚିଂ ସେଣ୍ଟରରେ ଯୋଗ ଦେଇ କୋଚ୍ ଆଶୁତୋଷ ପାତ୍ରଙ୍କ ତତ୍ତ୍ୱାବଧାନରେ ତାଲିମ ନେଇଥିଲେ। ପ୍ରତିଦିନ ନିଜ ପାଠପଢ଼ା ସହ ଅଭ୍ୟାସ ପାଇଁ ସେ ପାଖାପାଖି ୪୦ କିଲୋମିଟର ସାଇକେଲ ଚଲାଇ କୋଚିଂ ସେଣ୍ଟରକୁ ଆସୁଥିଲେ। ତାଙ୍କର ଏହି ନିଷ୍ଠା ଯୋଗୁଁ ୨୦୨୫ ମସିହାରେ ତାଙ୍କୁ ଥିରୁବନନ୍ତପୁରମ ସ୍ଥିତ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ (ଏସ୍ଏଆଇ) ନ୍ୟାସନାଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପ୍ରବେଶ ମିଳିଥିଲା। ସେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିବା ସହ ରାଜସ୍ଥାନରେ ଅନୁଷ୍ଠିତ ଜୁନିଅର ଜାତୀୟ ଭଲିବଲ୍ ଚାମ୍ପିଅନସିପରେ ଏସ୍ଏଆଇ ଦଳର ଅଧିନାୟକତ୍ୱ କରିଥିଲେ। ଭଲିବଲ୍ ଫେଡେରେସନ୍ ଅଫ୍ ଇଣ୍ଡିଆର ଜାତୀୟ କୋଚିଂ କ୍ୟାମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁ ତାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି।



## ୧୪ରେ ଉଦ୍‌ଘାଟନ ହେବ ବିଶ୍ୱନାଥ ପଣ୍ଡିତ ପାଠାଗାର

କଟକ, ୧ ୧ ।୭(ନିପ୍ର): ବାଦାମବାଡ଼ି ପୁରୁଣା ଅନୁଗୁଳ-ପୁରୀ ବସ୍‌ଷ୍ଟାଣ୍ଡରେ ନିର୍ମାଣ ହୋଇଥିବା ବିଶ୍ୱନାଥ ପଣ୍ଡିତ ପାଠାଗାର ଓ ଗବେଷଣା କେନ୍ଦ୍ରକୁ ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ପୌର ନିଗମ ପକ୍ଷରୁ ୪୦ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହୋଇଥିବା ରାଜ୍ୟର ସର୍ବବୃହତ ପାଠାଗାରରେ ଏକ ସମୟରେ ୧୭ଶହରୁ ଅଧିକ ଛାତ୍ରଛାତ୍ରୀ ପଢି ପାରିବେ। ଉକ୍ତ ପାଠାଗାର ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା ପରୀକ୍ଷାରୁ ଆରମ୍ଭ କରି ବ୍ୟାଙ୍କିଂ, ରେଲୱେ ଆଦି ପରୀକ୍ଷା ପାଇଁ ଯୁବକଯୁବତୀ ନିଜକୁ ପ୍ରସ୍ତୁତ କରିବାର ସୁଯୋଗ ପାଇପାରିବେ। କଟକ ସହର ଓ ଏହାର ଆଖପାଖ ଅଞ୍ଚଳର ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ନିର୍ମାଣ ହୋଇଛି ଅତ୍ୟାଧୁନିକ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ନାମରେ ଏହା ନିର୍ମାଣ ହୋଇଛି। ବସ୍‌ଷ୍ଟାଣ୍ଡର ୩ ଏକରରୁ ଅଧିକ ଜମି ଉପରେ ଏହା ତିଆରି ହେଇଛି। ୪୦ କୋଟିରୁ ଅଧିକ ଟଙ୍କାରେ ୪ ମହଲା ବିଶିଷ୍ଟ (ଜି+୩) କୋଠାର କାମ ଶେଷ ହୋଇଛି। ଏଠାରେ ୧୭ଶହରୁ ଅଧିକ ଯୁବକ ଯୁବତୀ ଏକକାଳୀନ ବସିବାର ସୁଯୋଗ ରହିଛି। ପାଠାଗାରକୁ ସେଣ୍ଟ୍ରାଲ ଏସି କରାଯାଇଛି। କୋଠାର ତଳ ମହଲାକୁ ଗାଡି ପାର୍କିଂ ଭାବେ ବ୍ୟବହାର କରାଯିବ। ପ୍ରଥମ ମହଲାରେ ପାଠାଗାର କାର୍ଯ୍ୟାଳୟ, କମ୍ପ୍ୟୁଟର ବିଭାଗ ରହିବା ସହ ଦୁଇ ଶହ ଲୋକଙ୍କ ବସିବା ପାଇଁ ଏକ ପ୍ରେକ୍ଷାଳୟ, ଏଣ୍ଟ୍ରାନ୍ସ ଲବି, ଅଡିଟୋରିୟମ, କାଫେଟେରିଆ, ପିଲାଙ୍କ ପାଇଁ କିଡସ କର୍ଣ୍ଣର ଆଦି ରହିଛି। ଦ୍ୱିତୀୟ ମହଲାରେ ଜର୍ଣ୍ଣାଲ ବିଭାଗ, ବହି ରଖିବା ଓ ପଢିବା ସ୍ଥାନ ରହିବ। ସେହିପରି ତୃତୀୟ ମହଲାରେ ବହି ରଖିବା ଓ ପଢିବା ସ୍ଥାନ ସହ ବହି ରକ୍ଷଣାବେକ୍ଷଣ କାର୍ଯ୍ୟାଳୟ ରହିଛି। ପ୍ରତ୍ୟେକ ମହଲାରେ ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ କରାଯାଇଛି। ପାଠାଗାର ପରିଚାଳନା ପାଇଁ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲ୍ଏମ୍ଏସ୍) ପ୍ରସ୍ତୁତ ହୋଇଛି।

## ଶ୍ରୀଜୀଉଙ୍କୁ ଲାଗି ହେଲା ଦଶମୂଳ ମୋଦକ



ପୁରୀ, ୧ ୧ ।୭(ନିପ୍ର): ସ୍ନାନପୂର୍ଣ୍ଣମୀ ଦିନ ସ୍ନାନବେଦିରେ ୧୦୮ ଗଡୁ ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରିଛନ୍ତି। ଶ୍ରୀମନ୍ଦିର ବୈଦ୍ୟଙ୍କ ପରାମର୍ଶ କ୍ରମେ ପଂଚମୀରୁ ସପ୍ତମୀ ତିନି ଦିନ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗି ହୋଇଥିଲା । ଗତକାଲି ଦଶମୀ ତିଥିରେ ମହାପ୍ରଭୁ ଧୀରେଧୀରେ ସୁସ୍ଥ ହୋଇ ଚକା ବିଜେ କରିଥିଲେ । ଧଳାଫୁଲ ପରିବର୍ତ୍ତେ ଗତକାଲି ଠାରୁ ନାଲିଫୁଲ ଓ ତୁଳସୀ ଲାଗି ହୋଇଥିଲା । କବିରାଜମାନେ ଗତକାଲି ଦଶମୂଳ ମୋଦକ ଶ୍ରୀମନ୍ଦିର ଗାରଦକୁ ହସ୍ତାନ୍ତର କରିଥିଲେ । ଏକାଦଶୀ ତିଥିରେ ଦଇତାପତିମାନେ ଶ୍ରୀଜୀଉଙ୍କୁ ଦଶମୂଳ ମୋଦକ ଲାଗି କରଛନ୍ତି । ଏହାପରେ ଶ୍ରୀବିଗ୍ରହମାନେ ସମ୍ପୂର୍ଣ୍ଣ ସୁସ୍ଥ ଆଡକୁ ଗତି କରିବେ।

### ଓଡ଼ିଶାରେ ସ୍ୱଳ୍ପ-କାର୍ବନ ନିର୍ମାଣ ପାଇଁ

## ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧ ୧ ।୭(ନିପ୍ର): ସ୍ଥାୟୀ ସହରୀକରଣ ଏବଂ ଜଳବାୟୁ-ସହନଶୀଳ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଶନିବାର ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ 'ସେଣ୍ଟର ଅଫ୍ ଏକ୍ସଲେନ୍ସ ଅନ୍ ଲୋ କାର୍ବନ କନ୍‌ଷ୍ଟ୍ରକ୍ସନ ମ୍ୟାଟେରିଆଲ୍ସ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଂଟ' ପ୍ରତିଷ୍ଠା ପାଇଁ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଓଡ଼ିଶା ଅର୍ବାନ ଏକାଡେମୀ, ଆଇଆଇଟି ଭୁବନେଶ୍ୱର ଏବଂ ଡେଭେଲପମେଣ୍ଟ ଅଲଟରନେଟିଭ୍ସ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ସୁଭେନ୍ଦୁ ସାହୁ, ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ପ୍ରଫେସର ଦିନକର ପାସଲା ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସର ସିଇଓ ଶାଶ୍ୱତ ପାଟରା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ବୁଝାମଣା ପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ, ସହରୀ ବିକାଶ କେବଳ ଭୌତିକ ଭିତ୍ତିଭୂମି ନିର୍ମାଣ ମଧ୍ୟରେ ସୀମିତ ନରହି, ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନସାଧାରଣ ଭିତିଭୂମି ଏବଂ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ଉଚିତ । ଏହି 'ସେଂଟର ଅଫ୍ ଏକ୍ସଲେନ୍ସ'କୁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହା ରାଜ୍ୟରେ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବା ପାଇଁ ଜ୍ଞାନ ଏବଂ ନବୋନ୍ମେଷର ଏକ ପ୍ରମୁଖ କେନ୍ଦ୍ର ସାଜିବ।

## ହତ୍ୟା ଅଭିଯୁକ୍ତ ଗିରଫ

ପୁରୀ, ୧ ୧ ।୭(ନିପ୍ର): ଗତ ଜୁନ୍ ୨୩ ତାରିଖରେ ପୁରୀରେ ହୋଟେଲ ଲିଜଧାରୀଙ୍କୁ ହତ୍ୟା ଘଟଣାରେ ଅନ୍ୟତମ ଅଭିଯୁକ୍ତ ଚିନ୍ମୟ ପଲ୍‌ହାରକୁ ଗିରଫ କରାଯାଇଛି। ଗ୍ରାହକଙ୍କୁ ରୁମ୍ ସର୍ଭିସ ନ ଦେବାକୁ ନେଇ ଝିମିଟି ଖେଳରୁ ହୋଇଥିଲା ମହାଭାରତ। ହୋଟେଲ ଲିଜଧାରୀ ପବିତ୍ର ନାୟକଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ ଚନ୍ଦନ ପଲ୍ଲର । ପରେ ପୋଲିସ ତାକୁ ଏନକାଉଣ୍ଟର କରିଥିଲା। ଚନ୍ଦନ ପଲ୍ଲର ନିଜ ଭାଇ ଚିନ୍ମୟ ପଲ୍ଲର ଓ ସୁକାନ୍ତ ବେହେରା ସହ ମିଶି ହତ୍ୟା କରିଥିଲା। ଘଟଣାର ୧୬ ଦିନ ପରେ ଚିନ୍ମୟକୁ ଗିରଫ କରିବାରେ ସମର୍ଥ ହୋଇଛି ପୁରୀ ପୋଲିସ । ଏବେ ବି ଅନ୍ୟତମ ଅଭିଯୁକ୍ତ ସୁକାନ୍ତ ବେହେରା ଫେରାର ଅଛି।

## ନିର୍ବାଚନୀ କାର୍ଯ୍ୟରେ ଅସହଯୋଗ: ବିଏଲଓ ନିଲମ୍ବିତ

ଭଦ୍ରକ, ୧ ୧ ।୭(ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟରେ ଗୁରୁତର ଅବହେଳା, କର୍ତ୍ତବ୍ୟରେ ଅସହଯୋଗ ଓ ନିର୍ବାଚନୀ ପ୍ରକ୍ରିୟାରେ ବାଧା ସୃଷ୍ଟି ଅଭିଯୋଗରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସହକାରୀ ଶିକ୍ଷକ ସପନ କୁମାର ନାୟକଙ୍କୁ ତତ୍କାଳ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଶ୍ରୀ ନାୟକ ପିଏସଏସ୍ ନୋଡାଲ ହାଇସ୍କୁଲ, ଚନ୍ଦ୍ରକାଟବିନ୍ଧାର ସହକାରୀ ଶିକ୍ଷକ ହୋଇଥିବାବେଳେ ନବଗଠିତ ବୁଥ୍ ନଂ-୨୯, ମାଲପୁର, ୪୭-ଚାନ୍ଦବାଲି ବିଧାନସଭା କ୍ଷେତ୍ରର ବୁଥ୍ ଲେଭେଲ ଅଫିସର (ବିଏଲଓ) ଭାବେ ନିୟୋଜିତ ଥିଲେ।

## ପଦ୍ମ ଧରିବେ ପ୍ରଭାତ ବିଶ୍ୱାଳ !

କଟକ, ୧ ୧ ।୭: କଟକ ବିଜେଡିକୁ ଯେପରି ଶନିଦଶା ପଡ଼ିଛି। ଦିନେ ବିଜେଡିର ଏହା ଅଭେଦ୍ୟଦୁର୍ଗ ଥିଲା। ହେଲେ ଆଜି ସେହି କଟକ ବିଜେଡିରେ ବଡ଼ ଗଡ଼ବଡ଼ । ଧାଡ଼ିଧାଡ଼ି କରି ନେତା ବିଜେଡ଼ିକୁ ବାଏ ବାଏ କରି ବିଜେପି ମୁହାଁ ହେଉଛନ୍ତି । ଆସନ୍ତାକାଲି ପଦ୍ମ ଧରିବେ ପ୍ରଭାତ ବିଶ୍ୱାଳ । ଭର୍ତ୍ତୃହରି ମହତାବ, ଦେବାଶିଷ ସାମନ୍ତରାୟଙ୍କ ପରେ ଏବେ ପ୍ରଭାତ ବିଶ୍ୱାଳ । ଏକଦା କଟକ ବିଜେଡି ସଂଗଠନରେ ସର୍ବେସର୍ବା ଥିଲେ । କଟକରେ ବିଜେପିକୁ ମାତ୍ ଦେଇ ବିଜେଡ଼ିକୁ ଶକ୍ତିଶାଳୀ କରିଥିଲେ । ହେଲେ ମାତ୍ର କିଛି ବର୍ଷ ଭିତରେ କଟକର ବିଜେଡି ଗଡ଼ ଭୁଶୁଡ଼ି ପଡିଥିବା ତଥ୍ୟାଭିଜ୍ଞ ମହଲରେ ଚର୍ଚ୍ଚା ହେଉଛି।

## 'ମହାନଦୀ ଜଳ ବିବାଦ: ସମାଧାନ ପାଇଁ ଦୁଇ ରାଜ୍ୟ ସହମତ'

ଭୁବନେଶ୍ୱର, ୧ ୧ ।୭(ନିପ୍ର): ଖୁବ ଶୀଘ୍ର ମହାନଦୀ ଜଳ ବିବାଦ ମାମଲାର ସମାଧାନ ହୋଇପାରେ।ଏହି ବିବାଦର ସମାଧାନ ପାଇଁ ଦୁଇ ରାଜ୍ୟର ସହମତି ପ୍ରକାଶ କରିଛନ୍ତି। ଏଜି ପୀତାମ୍ବର ଆଚାର୍ଯ୍ୟ ଶନିବାର ଏହି ସୂଚନା ଦେଇଛନ୍ତି। ମାମଲାର ସମାଧାନ ପାଇଁ ଓଡ଼ିଶା ସରକାର ଦେଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ମୋହର ମାରିଛି। ଏନେଇ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ ଛତିଶଗଡ଼ ସରକାର ସ୍ପଷ୍ଟ କରିଛନ୍ତି। ସହମତି ଆଧାରରେ ଟ୍ରିବ୍ୟୁନାଲ ଛତିଶଗଡ଼ ଠାରୁ ଲିଖିତ ପ୍ରତିଶ୍ରୁତି ମାଗିଛନ୍ତି। ଲିଖିତ ପ୍ରତିଶ୍ରୁତି ଆଗାମୀ ଶୁଣାଣି ପୂର୍ବରୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାରର ଶୁଣାଣି ଗତ ୮ ବର୍ଷର ଶୁଣାଣି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୩ ତାରିଖ ଧାର୍ଯ୍ୟ ହୋଇଥିବା ସୂଚନା ଦେଇଛନ୍ତି ଏଜି ପୀତାମ୍ବର ଆଚାର୍ଯ୍ୟ।

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dated 06/07/2026, I, Gita Nayak, W/O-Seshadev Nayak, At-Ramachandrapur, P.O.-Narendrapur, P. S. -Banpur, Dist- Khurda, Odisha, pin-752031, Declare that, I have changed the name of my minor Son from Krishna Nayak to Shreekrushna Nayak. Hence forth my son's Name shall be known as Shreekrushna Nayak for all purposes.

Sd- Gita Nayak

## ବରଗଡ଼ରେ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କଲା ଏମ୍.ସି.ଏଲ୍



ସମ୍ବଲପୁର / ଅନୁଗୋଳ(ନିପ୍ର), ୧ ୧ ।୭: ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ସାମାଜିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ବରଗଡ଼ ଜିଲ୍ଲାରେ ଦୁଇଟି ଶିକ୍ଷା ଭିତ୍ତିଭୂମି ପ୍ରକଳ୍ପକୁ ଉତ୍ସର୍ଗ କରିଛି। ମୋଟ ୯୯.୦୩ ଲକ୍ଷର ପୁଞ୍ଜିନିବେଶରେ, ଏମ୍.ସି.ଏଲ୍ ତୋରା ଜୁନିଅର କଲେଜରେ ଏକ ପ୍ରେକ୍ଷାଳୟ (ଅଡିଟୋରିୟମ୍) ଓ ଛାତ୍ରୀ କମନ୍ ରୁମ୍ ଏବଂ ବରଗଡ଼ ସ୍ଥିତ ବାପୁଜୀ ସ୍ପେଶାଲ ସ୍କୁଲରେ ନୂତନ ଶ୍ରେଣୀଗୃହ ପ୍ରକଳ୍ପକୁ ଲୋକାର୍ପିତ କରିଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ (ଲୋକସଭା), ବରଗଡ଼ ପ୍ରଦୀପ ପୁରୋହିତ ଏବଂ ବରଗଡ଼ର ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ବରଗଡ଼ରେ ଆୟୋଜିତ ଏହି ସମାରୋହରେ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏମ୍.ସି.ଏଲର ସି.ଏସ୍.ଆର୍ ମହାପ୍ରବନ୍ଧକ ଜ୍ୟୋତିର୍ମୟ ସିହ୍ନା, ଜିଲ୍ଲା ପ୍ରଶାସନର ଅଧିକାରୀ, ଅନୁଷ୍ଠାନର ପ୍ରତିନିଧି, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ମଧ୍ୟ ଉପସ୍ଥିତ ରହିଥିଲେ। କଲେଜରେ ନିର୍ମିତ ଏହି ନୂତନ ସୁବିଧାଗୁଡ଼ିକ ଶିକ୍ଷାଗତ କାର୍ଯ୍ୟକଳାପ, ସାଂସ୍କୃତିକ କାର୍ଯ୍ୟକ୍ରମ, ସେମିନାର ଏବଂ ଅନ୍ୟାନ୍ୟ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମ ପାଇଁ ଉନ୍ନତ ଭିତ୍ତିଭୂମି ପ୍ରଦାନ କରିବ, ଯାହା ଦ୍ୱାରା ୧,୫୦୦ ଛାତ୍ରଛାତ୍ରୀ ଉପକୃତ ହେବେ। ଅନ୍ୟପକ୍ଷରେ, ନବନିର୍ମିତ ଶ୍ରେଣୀଗୃହଗୁଡ଼ିକ ପ୍ରାୟ ୫୦୦ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବିକାଶମୂଳକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ସୁରକ୍ଷିତ, ଅଧିକ ସୁଗମ ଏବଂ ସାମଗ୍ରିକ ଶିକ୍ଷା ପରିବେଶ ସୃଷ୍ଟି କରିବାରେ ସହାୟକ ହେବ। ଶିକ୍ଷା ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଜୀବିକା ନିର୍ବାହ ଏବଂ ସାମୁଦାୟିକ ବିକାଶ କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ ମାଧ୍ୟମରେ, ଏମ୍.ସି.ଏଲ୍ ନିଜର କାର୍ଯ୍ୟକ୍ଷେତ୍ର ଏବଂ ସମଗ୍ର ଓଡ଼ିଶା ମଧ୍ୟରେ ସ୍ଥାୟୀ ତଥା ସାମାଜିକ-ଅର୍ଥନୈତିକ ସାମୁଦାୟିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି।

## ୪ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା : ତିନିରଥରେ କଳସ ଓ ଓଲଟଶୁଆ ସ୍ଥାପନ

ପୁରୀ, ୧ ୧ ।୭(ନିପ୍ର): ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରଥ ନିର୍ମାଣକାରୀ ସେବକମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଶନିବାର ରଥ ନିର୍ମାଣର ୮୨ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଶନିବାର ତିନିରଥରେ କଳସ ଓ ଓଲଟ ଶୁଆ ସ୍ଥାପନ କରାଯାଇଛି । ଆଉ ମାତ୍ର ୪ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ରଥନିର୍ମାଣ ଶେଷ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ସୁଦ୍ଧା ତିନିରଥରେ ପାର୍ଶ୍ୱ ଦେବାଦେବୀ ସଂସ୍ଥାପନ କାର୍ଯ୍ୟ ଶେଷ ହେବା ସହ ଚିତ୍ରକାର ସେବକମାନେ ରଥ ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି । ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ଆଜି ତିନିରଥର ସମ୍ମୁଖ ଭାଗ ଏବଂ ପଶ୍ଚାତ୍ ଭାଗରେ ଦୁଇଟି ଲେଖାଏଁ ବ୍ରେକ ପୁଲି ସଂସ୍ଥାପନ କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟ ସହ ତିନିରଥର ଘୋଡ଼ା ଏବଂ ସାରଥୀଙ୍କ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦରଜୀ ସେବକମାନେ ତିନିରଥର ବତା କନାରେ ଲେସ୍ ଫିଟିଙ୍ଗ କାର୍ଯ୍ୟ ଶେଷ କରି ବାକି ଥିବା ମହାପ୍ରଭୁଙ୍କ ବିଜେ ତୂଳୀ ଏବଂ ଶିପର ତୂଳୀ ଗୁଡ଼ିକର ସିଲେଇ କାର୍ଯ୍ୟ ଶେଷ ପରେ ତିନିରଥର ଦୁଆରବେଢ଼ା ଏବଂ ଚନ୍ଦ୍ରଶାଳୀରେ ଚିକଣ ଜରୀ ଫୁଲ, ଲେସ୍, ଡାଳି ଲତା ପକା କାର୍ଯ୍ୟ ଜାରୀ ରହିଥିବା ସହ ମହାପ୍ରଭୁଙ୍କ ପହଣ୍ଡି ନିମନ୍ତେ କୁସୁମୀ ୪ ପଟିଆ ୬ ଗୋଟି, ୧୨ ହାତିଆ ଧଳା ଗଡା ଚାରି ପଟିଆ ଦୁଇଟି ଏବଂ ୧୬ ହାତିଆ ଚାରି ପଟିଆ ୪ ଗୋଟି ସିଲେଇ କାର୍ଯ୍ୟ ସହ ମହାପ୍ରଭୁଙ୍କ ଭୁଜ ପାଇଁ ମୁଠି ବେଣ୍ଟ ଦୁଇଟି ଟି ଲେଖାଏଁ ୪ ଗୋଟିର ସିଲେଇ କାର୍ଯ୍ୟ ଶେଷ କରିଛନ୍ତି । ଏଥିସହ ତିନିରଥର ସାରଥି ପୋଷାକରେ ଚିକ୍କଣ ଜରୀ ଲେସ୍ ଫିଟିଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।

# ଶ୍ରୀଗୁଣ୍ଡିଚା ପାଇଁ ପ୍ରଶାସନର ଜୋରଦାର ପ୍ରସ୍ତୁତି

- ୩ଟି ସିଫ୍ଟରେ ୨୪ ଘଣ୍ଟା ଟ୍ରାଫିକ ପରିଚାଳନା
- ମୁତୟନ ହେବେ ୧୩ ହଜାର ପୋଲିସ କର୍ମଚାରୀ
- ରଥଯାତ୍ରା ପାଇଁ ୪୭୦ଟି ଏଆଇ ସିସିଟିଭି କ୍ୟାମେରା

ପୁରୀ, ୧ ୧ ।୭(ନିପ୍ର): ଆସନ୍ତା ଗୁରୁବାର ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା। ମହାପ୍ରଭୁଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁରକ୍ଷିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ସୁପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ପୋଲିସ ବିଭାଗର। ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ପୁରୀ ଗସ୍ତରେ ଆସି ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ସମସ୍ତ ପୋଲିସ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ଏକ ସ୍ୱତନ୍ତ୍ର ବୈଠକରେ ପୋଲିସର ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ପୋଲିସ ଅଧିକାରୀଙ୍କୁ ସଚେତନ କରାଇଛନ୍ତି ପୋଲିସ ମହାନିର୍ଦ୍ଦେଶକ। ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ୍ ହେବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିବେ। ଏଣୁ ଶୃଙ୍ଖଳିତ ରଥଯାତ୍ରା ସହିତ ଭକ୍ତଙ୍କୁ ସେବା ଏବଂ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ପୋଲିସ ଡିଜି। ଜଗନ୍ନାଥଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରି ସମ୍ପୂର୍ଣ୍ଣ ମାନବୀୟ ବ୍ୟବହାର ପ୍ରଦର୍ଶନ କରିବାକୁ ଡିଜିପି ପୋଲିସ ଅଧିକାରୀଙ୍କୁ ସଚେତନ କରାଇଛନ୍ତି। ତେବେ ପୋଲିସ ଡ଼ିଜିଙ୍କ ସୂଚନା ଅନୁସାରେ ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ ୧୩ ହଜାର ପୋଲିସ କର୍ମଚାରୀ ମୁତୟନ ହେବାକୁ ଥିବା ବେଳେ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ପୋଲିସ ପରିଚାଳନା ଭାର ଦାୟିତ୍ୱ ଦିଆଯାଇଛି। ସମୁଦ୍ର ପଥରେ ମେରାଇନ ପୋଲିସ ଏବଂ କୋଷ୍ଟ ଗାର୍ଡ ଓ ନ୍ୟାଭି ନଜର ରଖିବେ। ରଥଯାତ୍ରାରେ ସୁରକ୍ଷା ଦାୟିତ୍ୱରେ ଓଡ଼ିଶା ପୋଲିସ ସହିତ ବିଏସଏଫ, ସିଆରପିଏଫ, ଏନ୍ଏସ୍‌ଜି, ରାପିଡ ଆକ୍ସନ ଫୋର୍ସ, ଓଡ଼ିଶା ପୋଲିସର ଏସଟିୟୁ କମାଣ୍ଡୋ, ଡଗ ସ୍କ୍ୱାଡ୍ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଦାୟିତ୍ୱରେ ରହିବେ। ସେହିପରି ଆକାଶ ମାର୍ଗରୁ ଡ୍ରୋନ୍ ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଉପରେ ନଜର ରଖିବ ପୋଲିସ। ରଥଯାତ୍ରାରେ ୪୭୦ଟି ଏଆଇ ସିସିଟିଭି କ୍ୟାମେରା ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଏବଂ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ କଡ଼ା ନଜର ରଖାଯିବ। ଚଳିତବର୍ଷ ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ହଜାର ହଜାର ସଂଖ୍ୟାରେ ଯାନବାହନ ଯାତାୟାତ କରିବ। ଏଣୁ ପୁରୀରେ ୨୭ ଟି ସ୍ଥାନରେ ଦୁଇଚକିଆ, ଚାରିଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ପୁରୀ ସହର ଭିତରକୁ ୪ ଟି ଜୋନ୍‌ରେ ଏବଂ ୫ ଟି ଜୋନ୍‌ରେ ପୁରୀ ସହର ବାହାରକୁ ବିଭକ୍ତ କରାଯାଇ ଟ୍ରାଫିକ ସୁପରିଚାଳନା କରାଯିବ। ଭୁବନେଶ୍ୱର, କୋଣାର୍କ ପଟୁ ଆସୁଥିବା ଯାତ୍ରୀବାହୀ ବସ୍ ଗୁଡ଼ିକ ତାଳବଣିଆ ବସଷ୍ଟାଣ୍ଡ ଏବଂ ବ୍ରହ୍ମଗିରି ପଟୁ ଆସୁଥିବା ଯାତ୍ରୀବାହୀ ବସ୍ ଗୁଡ଼ିକ ସମଙ୍ଗ ଠାରେ ପାର୍କିଂ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନେ ବଡ଼ଦାଣ୍ଡକୁ ଯାତାୟାତ କରିବା ପାଇଁ ସଟଲ ବସ୍ ସେବା ଓ ମାଗଣା ଅଟୋ ସେବା ବ୍ୟବସ୍ଥା କରାଯାଇଛି। ତିନୋଟି ସିଫ୍ଟରେ ୨୪ ଘଣ୍ଟା ବରିଷ୍ଠ ଆଇପିଏସ ଅଧିକାରୀମାନେ ଟ୍ରାଫିକ ପରିଚାଳନା ଦାୟିତ୍ୱରେ ରହିବେ। ତେବେ ଚଳିତବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ଆୟୋଜନ କରିବା ପାଇଁ ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ଥିବା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ